


# 25

# କୃଷି

# AGRICULTURE

କୌଣସି ଦେଶ ପାଇଁ କୃଷି ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଉପାଦନର ସାଧନ ଅଟେ । ଭୂମି, ଫସଲ ଉତ୍ପାଦନ ପାଇଁ, ବନରୋପଣ, ସଡକ, କାରଖାନା ଓ ଘର ତିଆରି ଇତ୍ୟାଦି କାମରେ ଲାଗିଥାଏ । କୃଷି ଉପଯୋଗୀ ଭୂମି ମନୁଷ୍ୟ ଓ ପଶୁ ଉଭୟଙ୍କ ପାଇଁ ଖାଦ୍ୟର ସ୍ରୋତ । ଅଧିକାଂଶ ଔଦ୍ୟୋଗିକ ଉତ୍ପାଦ ପାଇଁ ଏହା ମୁଖ୍ୟ କଞ୍ଚାମାଲର ଶ୍ରୋତ ମଧ । ଆପଣ କଳ୍ପନା କରିପାରନ୍ତି ଯେ ଯଦି ଦେଶରେ ଭୂମିର ଅଭାବ ହୁଏ ତଥା ଉପଲବ୍ଧ କୃଷି ଉପଯୋଗୀ ଭୂମିର ଉପଯୁକ୍ତ ବ୍ୟବହାର ହୋଇନପାରେ, ତେବେ କ'ଣ ପରିସ୍ଥିତି ହେବ ? ଏପରି ସ୍ଥିତିରେ ମନୁଷ୍ୟ ପାଇଁ ଖାଦ୍ୟ, ପଶୁଙ୍କ ପାଇଁ ଆହାର ତଥା ବୃକ୍ଷଲତା (କୃଷି) ପାଇଁ ଉପଯୁକ୍ତ କ୍ଷେତ୍ର ପର୍ଯ୍ୟାପ୍ତ ପରିମାଣରେ ମିଳିବ ନାହିଁ ଏବଂ ଆମର ଉଦ୍ୟୋଗ କାର୍ଯ୍ୟ କଞ୍ଚାମାଲର ଅଭାବ ଅନୁଭବ କରିବ ।

ଏହି ଅଧ୍ୟାୟରେ ଆପଣ ଅର୍ଥ ବ୍ୟବସ୍ଥାରେ କୃଷି କ୍ଷେତ୍ରର ମହତ୍ତ୍ୱ ବିଷୟରେ ଅଧ୍ୟୟନ କରିବେ । ତା'ସହିତ ତା ସମ୍ମୁଖରେ ଆସୁଥିବା ବିଭିନ୍ନ ସମସ୍ୟାଗୁଡିକୁ ଏବଂ ତା'ର ସମାଧାନର ସୂତ୍ର ବିଷୟରେ ପଢିବେ ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟଟିକୁ ଅଧ୍ୟୟନ କରି ଆପଣ;

- ଭାରତୀୟ ଅର୍ଥ ବ୍ୟବସ୍ଥାରେ କୃଷିର ଭୂମିକା କହିପାରିବେ;
- କୃଷି ଉତ୍ପାଦନରେ ବୃଦ୍ଧିର ଆବଶ୍ୟକତାକୁ କହିପାରିବେ;
- ଭୂମିର ଉତ୍ପାଦକତାକୁ ସଂଜ୍ଞା ପ୍ରଦାନ କରିପାରିବେ;
- ଭାରତରେ କୃଷି ଉତ୍ପାଦକତାର ତୁଳନା ଅନ୍ୟ ଦେଶ ସହିତ କରିପାରିବେ;
- ଭାରତୀୟ କୃଷିରେ ଉତ୍ପାଦକତା କମ୍ କାହିଁକି ? କହିପାରିବେ;
- କମ୍ ଉତ୍ପାଦକତା ପାଇଁ ଉତ୍ତରଦାୟୀ କାରକଗୁଡିକୁ ଚିହ୍ନାଇପାରିବେ;
- ଉତ୍ପାଦକତାରେ ବୃଦ୍ଧି ପାଇଁ କରାଯାଉଥିବା ଉପାୟଗୁଡିକର ତାଲିକା ତିଆରି କରିପାରିବେ;
- ରାଷ୍ଟ୍ରୀୟ କୃଷି ନୀତି ୨୦୦୦ର ପ୍ରମୁଖ ବିଶେଷତ୍ୱକୁ ଜାଣିପାରିବେ ।





## 25.1 ଭାରତୀୟ ଅର୍ଥ ବ୍ୟବସ୍ଥାରେ କୃଷିର ଭୂମିକା

ଭାରତୀୟ ଅର୍ଥ ବ୍ୟବସ୍ଥାରେ କୃଷି ନିମ୍ନଲିଖିତ କାରଣରୁ ଏକ ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ର :

### 1) ଖାଦ୍ୟ ଓ ଚାରଣର ସ୍ରୋତ

ଖାଦ୍ୟ, ବସ୍ତ୍ର ଓ ବାସଗୃହ ମାନବର ତିନୋଟି ମୌଳିକ ଆବଶ୍ୟକତା। ତନ୍ମଧ୍ୟରୁ ଖାଦ୍ୟ ହିଁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ। ଖାଦ୍ୟ ବିନା ଜୀବଜଗତ ବଞ୍ଚି ରହିପାରିବ ନାହିଁ। କୃଷି ଭାରତୀୟ ଅର୍ଥ ବ୍ୟବସ୍ଥାର ଏକ ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ର କାରଣ ଏହା ପଶୁମାନଙ୍କ ପାଇଁ ମଧ୍ୟ ଖାଦ୍ୟ ଓ ଚାରା ପ୍ରଦାନ କରିଥାଏ। ଭାରତରେ ଜନସଂଖ୍ୟା ତଥା ଆୟର ନିରନ୍ତର ବୃଦ୍ଧି ଯୋଗୁଁ ଖାଦ୍ୟ ତଥା ଖାଦ୍ୟ ପଦାର୍ଥର ଚାହିଦା ମଧ୍ୟ ନିରନ୍ତର ବୃଦ୍ଧି ଘଟୁଛି । ଅତଏବ କୃଷିର ଭୂମିକା ଦେଶର ବିକାଶରେ ମହତ୍ତ୍ୱପୂର୍ଣ୍ଣ ହୋଇ ରହିଛି ।

### 2. କଞ୍ଚାମାଲର ସ୍ରୋତ

କୃଷି ବିଭିନ୍ନ ଉଦ୍ୟୋଗ ପାଇଁ କଞ୍ଚାମାଲ ଯୋଗାଇଥାଏ। ସୂତା ଓ ସୂତାରେ ତିଆରି ଲୁଗାର ଉତ୍ପାଦନ କରିବାକୁ କପା, ଚିନି ଓ ଗୁଡ ଉତ୍ପାଦନ ପାଇଁ ଆଖୁ, ତେଲ ଉତ୍ପାଦନ ପାଇଁ ତୈଳବୀଜ, ଝୋଟ ଉତ୍ପାଦ ପାଇଁ କଞ୍ଚା ଝୋଟ ତଥା ରବର ଉତ୍ପାଦ ଯଥା- ଟାୟାର, ଟ୍ୟୁବ୍ ଇତ୍ୟାଦି ପାଇଁ ପ୍ରାକୃତିକ ରବର ଇତ୍ୟାଦି ଆମକୁ କୃଷିକ୍ଷେତ୍ରରୁ ହିଁ ମିଳିଥାଏ।

ଔଦ୍ୟୋଗିକରଣ ସଂଗେ ସଂଗେ କଞ୍ଚାମାଲର ଚାହିଦା ନିରନ୍ତର ବଢି ଚାଲିଛି। ଅତଏବ ଉଦ୍ୟୋଗଗୁଡ଼ିକର ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବାକୁ କୃଷି କ୍ଷେତ୍ରକୁ ଆଗକୁ ବଢାଇବା ଅତ୍ୟନ୍ତ ଆବଶ୍ୟକ ଅଟେ।


### 3. ଜୀବିକାର୍ଜନର ମୁଖ୍ୟ ସାଧନ

ଭାରତରେ କୃଷି ଜୀବିକାର ମୁଖ୍ୟ ସାଧନ। ବର୍ତ୍ତମାନ ମଧ୍ୟ ଭାରତରେ ଦୁଇ ତୃତୀୟାଂଶ ଜନସଂଖ୍ୟା କୃଷି ତଥା କୃଷି ସହିତ ଜଡିତ କାର୍ଯ୍ୟରେ କାମ କରୁଛନ୍ତି। ଫଳରେ ଭାରତରେ ଏହା ରୋଜଗାରର ମୁଖ୍ୟ ସ୍ରୋତ ହୋଇ ରହିଛି ।

### 4. ବିଦେଶୀ ବ୍ୟାପାରରେ ଯୋଗଦାନ

ଭାରତରେ ବିଦେଶୀ ବ୍ୟାପାରରେ କୃଷିର ମଧ୍ୟ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଛି । ପାରମ୍ପରିକ ରୀତିରେ ଭାରତ ଅନେକ ଦିନରୁ ଚାହା, କଫି, ଚିନି, ତମାଖୁ, ସୂତା ଲୁଗା, ଝୋଟ, ବନସ୍ପତି ତୈଳ ଇତ୍ୟାଦି କୃଷିସହିତ ଜଡିତ ଉତ୍ପାଦଗୁଡ଼ିକର ରପ୍ତାନୀକାରୀ ହୋଇ ରହିଛି, ଭାରତରେ କୃଷି ବିଦେଶୀ ମୁଦ୍ରା ଆୟ କରିବାପାଇଁ ଏକ ମୁଖ୍ୟ ସ୍ରୋତ ।

ବର୍ତ୍ତମାନ ମଧ୍ୟ କେତେ ବର୍ଷ ଧରି ଭାରତ କୃଷିଜାତ ଦ୍ରବ୍ୟର ରପ୍ତାନିକାରୀ ଦେଶ ହୋଇ



ରହିଛି । ଭାରତ ବର୍ତ୍ତମାନ ଗହମ, ଚାଉଳ (ଧାନ) ଭଳି ଖାଦ୍ୟଶସ୍ୟର ରପ୍ତାନି କରି ଚାଲିଛି । ଭାରତ କେତେକ ପ୍ରକାର ଫଳ ଓ ଫୁଲ ମଧ୍ୟ ରପ୍ତାନି କରେ। ଯାହାର ବିଦେଶରେ ଖୁବ୍ ଚାହିଦା ଅଛି। ବର୍ଷ ୨୦୦୪-୦୫ରେ ମୋଟ ରପ୍ତାନିରେ କୃଷିଜାତ ଦ୍ରବ୍ୟର ରପ୍ତାନୀର ଅଂଶ ୯.୭ ପ୍ରତିଶତ ଥିଲା।

### 5. ଔଦ୍ୟୋଗିକ ଉତ୍ପାଦର ଚାହିଦା ସ୍ରୋତ

ଆପଣ ଜାଣିଛନ୍ତି ଯେ ପ୍ରାୟତଃ ଦୁଇ ତୃତୀୟାଂଶ ଭାରତୀୟ ଜନତା ନିଜର ଜୀବିକା ପାଇଁ କୃଷି ଉପରେ ନିର୍ଭରଶୀଳ । ଖାଦ୍ୟ ବ୍ୟତୀତ, ଲୋକମାନଙ୍କୁ ଲୁଗା, ଗୃହ, କିରୋସିନି, ଆସବାବପତ୍ର, ଜୋତା, ବହି ଇତ୍ୟାଦି କେତେକ ଅନ୍ୟ ବସ୍ତୁଗୁଡ଼ିକର ଆବଶ୍ୟକତା ହୋଇଥାଏ। ଏହିସବୁ ବସ୍ତୁଗୁଡ଼ିକ ଔଦ୍ୟୋଗିକ କ୍ଷେତ୍ର ଦ୍ୱାରା ହିଁ ଉତ୍ପାଦନ କରାଯାଇଥାଏ। ଏହିପରି କୃଷି ଉପରେ ନିର୍ଭରଶୀଳ ଜନସଂଖ୍ୟା କାରଖାନାରେ ତିଆରି ହେଉଥିବା ଦ୍ରବ୍ୟଗୁଡ଼ିକର ଏକ ବହୁତ ବଡ଼ ସମ୍ଭାବ୍ୟ ବଜାର। କୃଷି ବିକାଶ ସହିତ କୃଷି କ୍ଷେତ୍ରରେ କାର୍ଯ୍ୟରତ ଲୋକମାନଙ୍କର ଆୟରେ ମଧ୍ୟ ବୃଦ୍ଧି ହୋଇଥାଏ। ଏହାଦ୍ୱାରା କାରଖାନାରେ ନିର୍ମିତ ଦ୍ରବ୍ୟଗୁଡ଼ିକର ଚାହିଦା ମଧ୍ୟ ବଢିଥାଏ ଏବଂ ଔଦ୍ୟୋଗିକ ବିକାଶ ମଧ୍ୟ ହୁଏ।

### 6. ରାଷ୍ଟ୍ରୀୟ ଆୟରେ ଯୋଗଦାନ

ଭାରତର ରାଷ୍ଟ୍ରୀୟ ଆୟରେ କୃଷିର ମହତ୍ତ୍ୱପୂର୍ଣ୍ଣ ଅଂଶଦାନ ଅଛି। ମୋଟ ଘରୋଇ ଉତ୍ପାଦ (GDP)ର ପ୍ରାୟତଃ ୨୨ ପ୍ରତିଶତ କୃଷି ତଥା ତତ୍ ସମ୍ବନ୍ଧୀୟ କାର୍ଯ୍ୟରୁ ହିଁ ମିଳିଥାଏ।

**ମନେରଖ :**

- କୃଷି ଭାରତୀୟ ଅର୍ଥ ବ୍ୟବସ୍ଥାର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ର ।
- ଏହା ଆମର ମୌଳିକ ଆବଶ୍ୟକତା– ଖାଦ୍ୟ ପ୍ରଦାନ କରିଥାଏ। ଏହା ମଧ୍ୟ ପଶୁମାନଙ୍କ ଖାଦ୍ୟର ମୁଖ୍ୟ ସ୍ରୋତ ।
- ଉଦ୍ୟୋଗଗୁଡ଼ିକ ପାଇଁ ଏହା କଞ୍ଚାମାଲର ସ୍ରୋତ । ପ୍ରାୟତଃ ଦୁଇ ତୃତୀୟାଂଶ ଜନସଂଖ୍ୟାଙ୍କୁ ଏଥିରୁ ଜୀବିକାର୍ଜନ ମିଳିଥାଏ।
- ବର୍ତ୍ତମାନ କିଛି ବର୍ଷ ଧରି ବିଦେଶୀ ବିନିମୟ ଅର୍ଜନ କରିବାରେ କୃଷି ମୁଖ୍ୟ ସ୍ରୋତ ହୋଇ ରହିଛି।
- କୃଷି କ୍ଷେତ୍ର ଔଦ୍ୟୋଗିକ ଦ୍ରବ୍ୟଗୁଡ଼ିକ ପାଇଁ ବଜାର ପ୍ରଦାନ କରିଥାଏ।
- ମୋଟ ଘରୋଇ ଉତ୍ପାଦରେ ଏହାର ଯୋଗଦାନ ପ୍ରାୟତଃ ୨୨ ଶତକଡ଼ା ଅଛି ।

## ପାଠ୍ୟଗତ ପ୍ରଶ୍ନ 25.1

୧. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(ବାଇଶି, ଦୁଇ ତୃତୀୟାଂଶ, ଔଦ୍ୟୋଗିକ, ମହତ୍ତ୍ୱପୂର୍ଣ୍ଣ ବୃଦ୍ଧି ହୋଇ, କୃଷି)

(i) ...................... ଭାରତୀୟ ଅର୍ଥ ବ୍ୟବସ୍ଥାର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ର ।

(ii) ଭାରତର ସମୁଦାୟ ଜନସଂଖ୍ୟାର ପ୍ରାୟତଃ .............. ଲୋକ କୃଷି ଏବଂ ତହିଁରେ ଜଡିତ କାର୍ଯ୍ୟରେ କାମ କରୁଛନ୍ତି ।

(iii) ଲୁଗା, ଜୋତା, ଆସବାବପତ୍ର, ରେଡିଓ, ଟିଭି ଆଦି ଦ୍ରବ୍ୟର ଉତ୍ପାଦନ ............ କ୍ଷେତ୍ର କରିଥାଏ ।

(iv) ବର୍ତ୍ତମାନ କିଛିବର୍ଷ ଧରି ................ ବିଦେଶୀ ବିନିମୟ ଅର୍ଜନ କରିବା ସ୍ରୋତ ହୋଇଛି ।

(v) ଯେଉଳି ଭାବରେ କୃଷି କ୍ଷେତ୍ରର ବିକାଶ ହେଉଛି ସେହିଭଳି ଔଦ୍ୟୋଗିକ ନିର୍ମିତ ବସ୍ତୁଗୁଡିକର ଚାହିଦା ................. ଚାଲିଛି ।


(v) ଭାରତର ମୋଟ ଘରୋଇ ଉତ୍ପାଦର ପ୍ରାୟତଃ............. ଶତକଡ଼ା କୃଷିରୁ ହିଁ ମିଳିଥାଏ ।

2. ସ୍ତମ୍ଭ ମିଳନ କରନ୍ତୁ

| | |
|---|---|
| (i) ଆଖୁ | (କ) ତେଲ |
| (ii) ତୈଳବୀଜ | (ଖ) ଲୁଗା |
| (iii) କପା | (ଗ) ଟାୟାର ଓ ଟ୍ୟୁବ୍ |
| (iv) ରବର | (ଘ) ଚିନି |

## 25.2 କୃଷି ଉତ୍ପାଦନ ବୃଦ୍ଧିର ଆବଶ୍ୟକତା

ଆମର ଅର୍ଥ ବ୍ୟବସ୍ଥାରେ କୃଷି ଏକ ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ର କାରଣ ଏହା ଆମକୁ ଖାଦ୍ୟ, ପଶୁମାନଙ୍କୁ ପଶୁଖାଦ୍ୟ, ଉଦ୍ୟୋଗମାନଙ୍କୁ କଞ୍ଚାମାଲ, ପ୍ରାୟତଃ ଦୁଇ ତୃତୀୟାଂଶ ଜନସଂଖ୍ୟାକୁ ରୋଜଗାର ଏବଂ ରପ୍ତାନି ପାଇଁ କେତେକ ବସ୍ତୁ ଯାହା ବିଦେଶୀ ମୁଦ୍ରା ଅର୍ଜନ କରେ, ତାହା ଆମକୁ ପ୍ରଦାନ କରେ । ବର୍ଷ ୧୯୫୧ରେ ଭାରତର ଜନସଂଖ୍ୟା ପ୍ରାୟତଃ ୩୬ କୋଟି ଥିଲା ଯାହା ବର୍ଷ ୨୦୦୧ରେ ବୃଦ୍ଧି ପାଇ ୧୦୨ କୋଟିରେ ପହଞ୍ଚିଲା । ଜନସଂଖ୍ୟା ବୃଦ୍ଧି ସହିତ



ଖାଦ୍ୟ ଓ ଖାଦ୍ୟ ଦ୍ରବ୍ୟ ଇତ୍ୟାଦିର ଚାହିଦା ମଧ୍ୟ ବୃଦ୍ଧି ପାଇଛି ।

ଏହିପରି ଜନସଂଖ୍ୟା ବୃଦ୍ଧି ସହିତ ଔଦ୍ୟୋଗିକ ଦ୍ରବ୍ୟର ଚାହିଦା ମଧ୍ୟ ବଢିଯାଏ କାରଣ ଉଦ୍ୟୋଗକୁ ଅଧିକ କଞ୍ଚାମାଲର ଆବଶ୍ୟକ ପଡିଥାଏ ଯାହା କୃଷି କ୍ଷେତ୍ରରୁ ହିଁ ମିଳିଥାଏ । ଏହିବର୍ଦ୍ଧିତ ଆବଶ୍ୟକତାକୁ କୃଷି ଉତ୍ପାଦନରେ ବୃଦ୍ଧି କରାଇ ହିଁ ପୂରଣ କରାଯାଇପାରେ । ଆଗାମୀ ଅନୁଚ୍ଛେଦ କୃଷି ଉତ୍ପାଦନରେ ବୃଦ୍ଧିର ବିଭିନ୍ନ ପଦ୍ଧତି ବିଷୟରେ ଆପଣ ଅଧ୍ୟୟନ କରିବେ ।

## 25.3 କୃଷି ଉତ୍ପାଦନରେ ବୃଦ୍ଧି କିପରି କରାଯାଇପାରେ

ନିମ୍ନଲିଖିତ ଉପାୟରେ କୃଷି ଉତ୍ପାଦନରେ ବୃଦ୍ଧି କରାଯାଇପାରେ ।

(କ) ବିସ୍ତୃତ କୃଷି

ବିସ୍ତୃତ କୃଷିର ତାତ୍ପର୍ଯ୍ୟ କୃଷି ଅନ୍ତର୍ଗତ ମୋଟ କ୍ଷେତ୍ରଫଳରେ ବୃଦ୍ଧି କରିବା ଯୋଗୁଁ ହୁଏ । ପଡିଆ ପଡିଥିବା କୃଷି ଯୋଗ୍ୟ ଭୂମିରେ ଚାଷ କରିବା, କୃଷି ଅନୁସନ୍ଧାନ ସହାୟତାରେ କୃଷି ଅନୁପଯୁକ୍ତ ଜମିକୁ କୃଷିଯୋଗ୍ୟ କରାଇ ଏହି ବୃଦ୍ଧି କରାଯାଇପାରେ ।

ମାତ୍ର ଏହି ପଦ୍ଧତି ଦ୍ୱାରା ଉତ୍ପାଦନ ବୃଦ୍ଧି କରିବାର ନିଜର ସୀମା ରହିଛି । ଏପରି ଚିନ୍ତା କରିବା ପାଇଁ ନିମ୍ନଲିଖିତ କାରଣ ରହିଛି ।


(i) ଯେ କୌଣସି ଦେଶରେ ଭୂମିର ପରିମାଣ ସର୍ବଦା ନିର୍ଦ୍ଦିଷ୍ଟ । ଯଦି ଦେଶର ସମଗ୍ର କୃଷିଯୋଗ୍ୟ ଭୂମିରେ କୃଷି କରଯାଇପାରୁଛି ତେବେ ଏହି ନିୟମରେ ଆଗକୁ ଅଧିକ ଉତ୍ପାଦନ ବୃଦ୍ଧି ସମ୍ଭବ ହେବ ନାହିଁ ।

(ii) ଭୂମିର ଆବଶ୍ୟକତା କେବଳ କୃଷି ପାଇଁ ନୁହେଁ ବରଂ ଅନ୍ୟ ଉପଯୋଗ ଯେପରି ଗୃହ, କାରଖାନା, ଆଦି ନିର୍ମାଣ କରିବାକୁ ମଧ୍ୟ ଆବଶ୍ୟକ ହୋଇଥାଏ । ଏହା ଫଳରେ କୃଷି ପାଇଁ ଭୂମିର ଉପଲବ୍ଧତା ସୀମିତ ରହିଯାଏ ।

ଅତଏବ ଆପଣ ବୁଝିପାରୁଥିବେ ଯେ ଭୂମିର ସୀମିତ ଉପଲବ୍ଧ ଏବଂ ଏହାର ଅସୀମିତ ଉପଯୋଗ କାରଣରୁ ବିସ୍ତୃତ କୃଷି (କୃଷି ଅନ୍ତର୍ଗତ ସମଗ୍ର କ୍ଷେତ୍ରଫଳରେ ବୃଦ୍ଧି) ଦ୍ୱାରା ଉତ୍ପାଦନରେ ବୃଦ୍ଧି ଏକ ସ୍ଥାୟୀ ସମାଧାନ ହୋଇନପାରେ । ଯେତେବେଳେ ବିସ୍ତୃତ କୃଷି ଦ୍ୱାରା ଆଗକୁ ଉତ୍ପାଦନ ବଢାଇବା ସମ୍ଭବ ହୁଏ ସେତେବେଳେ ଗହନ କୃଷିର ସହାୟତା ନିଆଯାଏ ।

(ଖ) ଗହନ କୃଷି

ଗହନ କୃଷିର ଅର୍ଥ ନିର୍ଦ୍ଦିଷ୍ଟ କୃଷି ଯୋଗ୍ୟ କ୍ଷେତ୍ରରୁ ଅଧିକ ଉତ୍ପାଦନ କରିବା । ଏପରି କେମିତି କରାଯାଇପାରିବ ? ଏପରି କୃଷି କରିବା ପାଇଁ ଉନ୍ନତ ତଥା ଆଧୁନିକ ପଦ୍ଧତି ପ୍ରୟୋଗ





କରି କରାଯାଇପାରେ । ଏଥିରେ ଉନ୍ନତ ବିହନ, ରାସାୟନିକ ସାର, କୀଟନାଶକ ଔଷଧ, ଉଚିତ ସେଚନର ସୁବିଧା ଆଦି ଥିବା ଦରକାର । ଅନ୍ୟ ଅର୍ଥରେ ଉନ୍ନତ ଧରଣର ଉପାଦାନଗୁଡିକ ସହାୟତାରେ କୌଣସି ଖଣ୍ଡିଏ ଜମିରେ ଆମେ ଅଧିକ ଉତ୍ପାଦନ କରିପାରିବା । ଉଦାହରଣ ସ୍ୱରୂପ, କୃଷିର ପାରମ୍ପରିକ ପଦ୍ଧତି ଅନୁସାରେ ପ୍ରଥମେ ଜମିରେ ଗୋଟିଏ ଫସଲ ଚାଷ କରାଯାଏ ଏବଂ ବର୍ଷର ଶେଷ ଭାଗରେ ଏହାର ଉର୍ବରତାକୁ ବଞ୍ଚାଇ ରଖିବାକୁ ଏହାକୁ ଛାଡି ଦିଆଯାଏ । କିନ୍ତୁ ବର୍ତ୍ତମାନ ଏପରି କରାଯାଉଅଛି ଯେ ପ୍ରଥମେ ଗୋଟିଏ ଫସଲ, ଯେପରି ଗହମ ବା ଧାନ ଆଦି ଚାଷ କରାଯାଏ । ଏହାକୁ ଅମଳ କରିବା ପରେ ବର୍ଷର ଶେଷ ଭାଗରେ ସେହି ଜମିରେ ଦ୍ୱିତୀୟ ଫସଲ ଚାଷ କରାଯାଏ ଯାହା ଫଳରେ ପୂର୍ବ ଫସଲ କାରଣରୁ ଜମି ହରାଇଥିବା ଉର୍ବରତା ଶକ୍ତି ପୁନର୍ବାର ଫେରିଆସେ ।

ଭାରତ ପରି ଦେଶରେ ଯେଉଁଠାରେ ଭୂମି ଅତିମାତ୍ରାରେ ସୀମିତ, ଗହନ କୃଷି ହିଁ କୃଷି ଉତ୍ପାଦନ ବୃଦ୍ଧି କରିବାକୁ ଏକମାତ୍ର ଉପାୟ ।

## 25.4 ଭାରତୀୟ କୃଷିରେ ଉତ୍ପାଦକତା

(କ) ଅର୍ଥ :


ଉତ୍ପାଦକତାର ସାଧାରଣ ଅର୍ଥ ହେଉଛି କୌଣସି ସାଧନ ଉପାଦାନର ପ୍ରତି ଏକକ ଉତ୍ପାଦାନ । ଉଦାହରଣ ସ୍ୱରୂପ ଭୂମି ଉତ୍ପାଦକତାର ଅର୍ଥ ହେଉଛି ପ୍ରତି ହେକ୍ଟୟର ଉତ୍ପାଦନ। ଉତ୍ପାଦକତା ଏକ ହାରାହାରି ଅଟେ। ଗୋଟିଏ ଫସଲର ମୋଟ ଉତ୍ପାଦନକୁ ସେହି ଫସଲ ଅନ୍ତର୍ଗତ ମୋଟ କ୍ଷେତ୍ରଫଳ ଦ୍ୱାର ଭାଗ କଲେ ଏହା ପ୍ରାପ୍ତି ହୋଇଥାଏ।

$$\text{ଭୂମିର ଉତ୍ପାଦକତା} = \frac{\text{ଫସଲର ମୋଟ ଭୌତିକ ଉତ୍ପାଦନ}}{\text{ଫସଲ ଅନ୍ତର୍ଗତ ମୋଟ କ୍ଷେତ୍ରଫଳ}}$$

ଏହିପରି ଯଦି ୨ ହେକ୍ଟୟର ଜମିରେ ୫୦ କ୍ୱିଣ୍ଟାଲ ଗହମ ଉତ୍ପାଦନ ହେଉଥାଏ ତେବେ ଭୂମିର ଉତ୍ପାଦକତା ୨୫ କ୍ୱିଣ୍ଟାଲ ପ୍ରତି ହେକ୍ଟୟର ହେବ।

(ଖ) ଉତ୍ପାଦକତାର ପ୍ରବୃତ୍ତି

ଆସନ୍ତୁ ଦେଖିବା, ଭାରତରେ ବିଗତବର୍ଷରେ ଧାନ, ଗହମ, ତୈଳବୀଜ, ଆଖୁ, କପା, ଝୋଟ ଆଦି ଫସଲର ପ୍ରତି ହେକ୍ଟରର ଉତ୍ପାଦକତାରେ କିପରି ପରିବର୍ତ୍ତନ ଆସିଅଛି। 1950-51ରେ ଭାରତରେ ପ୍ରାୟତଃ ସବୁ ଫସଲର ପ୍ରତି ହେକ୍ଟୟର ଉତ୍ପାଦକତା ଖୁବ୍ କମ୍ ଥିଲା। କିନ୍ତୁ ତାହା ପରେ ସରକାର କୃଷି କ୍ଷେତ୍ରରେ ଉତ୍ପାଦକତା ବଢାଇବା ପାଇଁ ଚେଷ୍ଟା କଲେ। ସବୁଠାରୁ ଅଧିକ ବୃଦ୍ଧି ଗହମ ଉତ୍ପାଦନରେ ହେଲା ଯାହା ବର୍ଷ 2003-04ରେ, ବର୍ଷ 1950-51



ଅପେକ୍ଷା ଚାରିଗୁଣ ଅଧିକ ଥିଲା (ତାଲିକା 25.1)

**ତାଲିକା 25.1 ପ୍ରତି ହେକ୍ଟରର ଫସଲ ଉତ୍ପାଦକତା (କ୍ୱିଣ୍ଟାଲରେ)**

| ଫସଲ | 1950-51 | 2003-04 | ବୃଦ୍ଧି |
|---|---|---|---|
| ଧାନ | 6.7 | 20.5 | ତିନି ଗୁଣରୁ ଅଧିକ |
| ଗହମ | 6.6 | 27.6 | ଚାରି ଗୁଣରୁ ଅଧିକ |
| ତୈଳବୀଜ | 4.8 | 10.7 | ଦୁଇ ଗୁଣରୁ ଅଧିକ |
| ଆଖୁ | 33.0 | 59.0 | ଦୁଇ ଗୁଣରୁ କମ୍ |
| କପା | 88.0 | 30.7 | ତିନିଗୁଣରୁ ଅଧିକ |
| ଝୋଟ | 10.4 | 23.1 | ଦୁଇ ଗୁଣରୁ ଅଧିକ |

ଯଦ୍ୟପି ବିଗତ 52 ବର୍ଷରେ ଭାରତରେ କୃଷି ଉତ୍ପାଦକତାର ବୃଦ୍ଧି ହୋଇଅଛି, ତଥାପି ଅନ୍ୟ ଦେଶ ତୁଳନାରେ ଏହା ଖୁବ୍ କମ୍ ଅଛି ।

(ଗ) ଉତ୍ପାଦକତା ସ୍ତରରେ ଅନ୍ୟ ଦେଶ ସହିତ ତୁଳନା

ଆସନ୍ତୁ ଭାରତ ସହିତ କେତେକ ଦେଶର ପ୍ରଧାନ ଫସଲରେ ପ୍ରତି ହେକ୍ଟରର ଉତ୍ପାଦକତା ଦେଖିବା । ଏହି ଫସଲଗୁଡିକ ଧାନ, ଗହମ, ମକା, ଚିନାବାଦାମ ଓ ଝୋଟ ।

ତାଲିକା 25.2 ଉତ୍ପାଦକତାର ତୁଳନା

| ଫସଲ | ଦେଶ | 1999ରେ ଉତ୍ପାଦକତା କ୍ୱିଣ୍ଟାଲ ପ୍ରତି ହେକ୍ଟରର |
|---|---|---|
| ଧାନ | ମିଶର | 88.0 |
| | ଚୀନ | 63.2 |
| | ଭାରତ | 29.3 |
| ଗହମ | ୟୁନାଇଟେଡ କିଙ୍ଗଡମ | 80.5 |
| | ଚୀନ | 37.7 |
| | ଭାରତ | 25.8 |






| ଫସଲ | ଦେଶ | 1999ରେ ଉତ୍ପାଦକତା କ୍ୱିଣ୍ଟାଲ ପ୍ରତି ହେକ୍ଟୟର |
|---|---|---|
| ମକା | ଇଟାଲି | 96.9 |
| | ସଂଯୁକ୍ତ ରାଜ୍ୟ ଆମେରିକା | 83.9 |
| | ଭାରତ | 16.7 |
| ଚୀନାବାଦାମ | ସଂଯୁକ୍ତ ରାଜ୍ୟ ଆମେରିକା | 30.4 |
| | ଚୀନ | 27.9 |
| | ଭାରତ | 9.1 |
| ଝୋଟ | ଚୀନ | 25.2 |
| | ଭାରତ | 20.0 |

ତାଲିକା 25.2ରୁ ସ୍ପଷ୍ଟ ଯେ ଭାରତରେ 1990 ଠାରୁ 1999 ପର୍ଯ୍ୟନ୍ତ ପାଞ୍ଚଟି ଫସଲର ଉତ୍ପାଦକତାର ସ୍ତର ଅନେକ ବୃଦ୍ଧି ଘଟିଛି । ତଥାପି ବିଶ୍ୱର ଅନ୍ୟ ଦେଶ ତୁଳନାରେ ଆମେ ଅନେକ ପଛରେ ଅଛନ୍ତି ।

ମନେରଖ

- କୃଷିରୁ ଆମକୁ ଖାଦ୍ୟ, ଚାରଣ, କଞ୍ଚାମାଲ, ଜୀବିକା, ରପ୍ତାନୀ ନିମିତ୍ତ ଉତ୍ପାଦ ଇତ୍ୟାଦି ମିଳେ । ଏହା ନିର୍ମିତ ଦ୍ରବ୍ୟ ପାଇଁ ଏକ ବଜାର ପ୍ରଦାନ କରିଥାଏ ।
- ବିଦେଶୀ ମୁଦ୍ରା ଅର୍ଜନ କରିବା ପାଇଁ ପ୍ରମୁଖ ସ୍ରୋତ, ତେଣୁ କୃଷି ଉତ୍ପାଦନରେ ବୃଦ୍ଧି ଅନିବାର୍ଯ୍ୟ ଅଟେ ।
- ବିସ୍ତୃତ ଏବଂ ଗହନ କୃଷି ଦ୍ୱାରା କୃଷି ଉତ୍ପାଦନରେ ବୃଦ୍ଧି କରାଯାଇପାରେ ।
- ଭୂମିର ଉତ୍ପାଦକତା ପ୍ରତି ହେକ୍ଟୟର ଉତ୍ପାଦନ ରୂପେ ପରିଭାଷିତ କରିପାରନ୍ତି ।
- ବର୍ଷ 1990-51 ଉତ୍ପାଦନ ସ୍ତରର ତୁଳନାରେ ଭାରତରେ ବିଭିନ୍ନ ଫସଲର ଉତ୍ପାଦକତା ବୃଦ୍ଧି ହୋଇଛି । ମାତ୍ର ଆନ୍ୟ ଦେଶ ତୁଳନାରେ ଏହା ଏବେ ବି ଖୁବ୍ କମ୍ ।
- କୃଷିକ୍ଷେତ୍ରରେ ଉତ୍ପାଦକତା ବୃଦ୍ଧି ପାଇଁ ଏହା ମହତ୍ତ୍ୱପୂର୍ଣ୍ଣ ଯେ ଆବଶ୍ୟକ ପଦକ୍ଷେପ ନେବା ନିତାନ୍ତ ଦରକାର ।



## ପାଠ୍ୟଗତ ପ୍ରଶ୍ନ 25.2

(1) ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର

(ଗହନ, ଉତ୍ପାଦନ, ବିସ୍ତୃତ, 20 କ୍ୱିଣ୍ଟାଲ, 30 କ୍ୱିଣ୍ଟାଲ)

(i) କୃଷି ଅନ୍ତର୍ଗତ ମୋଟ କ୍ଷେତ୍ର ଫଳରେ ବୃଦ୍ଧି କରି ଉତ୍ପାଦନରେ ବୃଦ୍ଧି କରିବା ................. କୃଷି କୁହାଯାଏ ।

(ii) ଭୂମିର ସେହି ଖଣ୍ଡିକ ଜମିରୁ ଅଧିକ ପରିମାଣ ଉତ୍ପାଦନ କରିବାକୁ................ କୃଷି କୁହାଯାଏ ।

(iii) ଭୂମିର ଉତ୍ପାଦକତା ପରିଭାଷା ପ୍ରତି ହେକ୍ଟୟର................ ଦ୍ୱାରା କରାଯାଏ ।

(iv) ଯଦି ୩ ହେକ୍ଟୟର ଜମିରୁ 60 କ୍ୱିଣ୍ଟାଲ ଧାନ ଆମଦାନୀ କରାଯାଏ ତେବେ ପ୍ରତି ହେକ୍ଟୟର ଉତ୍ପାଦକତା........................ ଅଟେ ।


(2) 1999ରେ ଉତ୍ପାଦକତା ସର୍ବୋଚ୍ଚ ଥିବା ଅନୁସାରେ ସ୍ତମ୍ଭ ମିଳନ କର ।

| | |
|---|---|
| (i) ମକା | (କ) ମିଶର |
| (ii) ଧାନ | (ଖ) ଚୀନ |
| (iii) ଗହମ | (ଗ) ଯୁକ୍ତରାଷ୍ଟ୍ର ଆମେରିକା |
| (iv) ଚିନାବାଦାମ | (ଘ) ଇଟାଲି |
| (v) ଝୋଟ | (ଙ) ୟୁନାଇଟେଡ କିଙ୍ଗଡମ୍ |

## 25.5 ନିମ୍ନ ଉତ୍ପାଦକତାର କାରଣ

### (1) ଭୂମିର ଉନ୍ନତିରେ ପ୍ରୋତ୍ସାହନର ଅଭାବ ।

ଅନେକ କୃଷକମାନଙ୍କ ପାଖରେ ନିଜର ଚାଷ ଜମି ନଥାଏ, ସେମାନଙ୍କୁ ଭୂମିହୀନ ଚାଷୀ କୁହାଯାଏ । ସେମାନେ ଅନ୍ୟମାନଙ୍କ ଠାରୁ ଭାଗ ସୂତ୍ରରେ ବା ବଖରା ସୂତ୍ରରେ ଜମି ଆଣି ଚାଷ କରନ୍ତି । ସେମାନଙ୍କୁ ଭାଗଚାଷୀ ମଧ୍ୟ କୁହାଯାଏ । ଉକ୍ତ ଜମିରେ ଚାଷ କରିବା ସୁନିଶ୍ଚିତ ନଥାଏ । ତେଣୁ ଯେ ପର୍ଯ୍ୟନ୍ତ ଏହା ସୁନିଶ୍ଚିତ ନୁହେଁ ଯେ ଉକ୍ତ ଜମିରେ ପ୍ରତିବର୍ଷ ଚାଷ ସେହିଁ କରିବ, ସେ ପର୍ଯ୍ୟନ୍ତ ଭାଗଚାଷୀ ଭୂମିର ସ୍ଥାୟୀ ଉନ୍ନତି ଆଣିବାକୁ ରୁଚି ଦେଖାଏ ନାହିଁ । ତା ସହିତ ଭାଗଚାଷୀ ଜମିର ଚାଷ ପାଇଁ ଅନେକ ଫସଲ ଭାଗ ସ୍ୱରୂପ, ଏପରି କି ଅର୍ଦ୍ଧେକ ଫସଲ ଜମି ମାଲିକଙ୍କୁ





ଦେଇଥାଏ । ଯାହା ଫଳରେ ଭୂମିର ସ୍ଥାୟୀ ଉନ୍ନତି ପାଇଁ ଚାଷୀ ପାଖରେ ମଧ୍ୟ ଅର୍ଥନଥାଏ । ଅନ୍ୟପକ୍ଷରେ ଭୂମି ମାଲିକ ମଧ୍ୟ ଭୂମିର ଉନ୍ନତି ପାଇଁ ରୁଚି ଦେଖାଇନଥାନ୍ତି । ଫଳରେ ଭୂମିର ଉତ୍ପାଦକତା ନିମ୍ନ ହୋଇଥାଏ ।

**(2) ଯୋତ ବିଭାଜନ ଓ ଖଣ୍ଡନ**

ଜନସଂଖ୍ୟା ବୃଦ୍ଧି ତଥା ଉତ୍ତରାଧିକାରୀ ନିୟମ କାରଣରୁ ଯୋତର ବିଭାଜନ ଓ ଖଣ୍ଡନ ହେଲା । ଏହା ନିମ୍ନଲିଖିତ ଉଦାହରଣ ଦ୍ୱାରା ସ୍ପଷ୍ଟ ହୋଇଯିବ ।

ଜଣେ କୃଷକଙ୍କ ପାଖରେ 100 ହେକ୍ଟୟର ଜମି ଅଛି । ତାଙ୍କର ଚାରୋଟି ପୁଅ ଅଛନ୍ତି । କୃଷକଙ୍କ ମୃତ୍ୟୁ ପରେ ଉକ୍ତ ଭୂମି ଏହି ଚାରିଜଣଙ୍କ ମଧ୍ୟରେ 25 ହେକ୍ଟୟର ହିସାବରେ ଭାଗ ହୋଇଗଲା । ବର୍ତ୍ତମାନ ଯଦି ପ୍ରତ୍ୟେକ ପୁଅଙ୍କର ୪ଟି ଲେଖାଏଁ ପୁଅ ଥାଆନ୍ତି ତେବେ ପ୍ରତ୍ୟେକ ନାତିମାନଙ୍କୁ ହୁଏତ 25/4 ହେକ୍ଟୟର ପ୍ରାୟ 6 ହେକ୍ଟୟର ଭୂମି ମିଳିବ । ଏହି ପ୍ରକ୍ରିୟା ଏଭଳି ଭାବରେ ଚାଲିଥିବ । ତେବେ ଭୂ-ଯୋତର ବ୍ୟକ୍ତିଗତ ମାଲିକାନା ଆଧାର ଉପରେ ଏହି ଭୂମିଖଣ୍ଡର ଆକାର ଛୋଟରୁ ଛୋଟ ହୋଇଯାଉଛି । ତେଣୁ ଏହି କ୍ଷୁଦ୍ରାକାର ଜମିରେ ଆଧୁନିକ ଯନ୍ତ୍ରପାତି ଓ ଉପକରଣ ପ୍ରୟୋଗ କରିବା କଠିନ ହେଉଅଛି । ପରିମାଣସ୍ୱରୂପ ଉତ୍ପାଦକତା ନିମ୍ନ ହୋଇଯାଉଛି ।

**(3) ଉଚିତ ସେଚନ ସୁବିଧାର ଅଭାବ**


କୃଷି ପାଇଁ ପାଣି ଏକ ଆବଶ୍ୟକ ଉପାଦାନ ମାତ୍ର ଆଜି ମଧ୍ୟ ଉପଯୁକ୍ତ ସେଚନ ସାଧନର ଅଭାବ ଯୋଗୁଁ ମୋଟ କୃଷି ଯୋଗ୍ୟ ଜମିର 60 ଶତକଡାରୁ ଅଧିକ ଜମି ଅନିଶ୍ଚିତ ମୌସୁମୀ ଉପରେ ନିର୍ଭର କରୁଅଛି । ଅତଏବ କୃଷି ଉତ୍ପାଦନ ସଫଳତା ମୌସୁମୀର ସ୍ଥିତି ଉପରେ ନିର୍ଭରଶୀଳ । ଜଳସେଚନର ସ୍ରୋତ ରୂପେ ବର୍ଷା ଦୁଇଟି କାରଣରୁ ଏକ ଅନିଶ୍ଚିତ ସାଧନ ।

**(କ) ଅସାମୟିକ/ଅନିୟମିତ ବର୍ଷା :** ଯେତେବେଳେ ଫସଲ କାଟିବା ପାଇଁ ଠିକ୍ ହୋଇଯାଏ ସେତେବେଳେ ଅସମୟରେ ବର୍ଷା ହୁଏ । ଏହି ଅସମୟ ବର୍ଷା ଖରିଫ ଫସଲକୁ ହାନି କରିଥାଏ ।

**(ଖ) ଅପର୍ଯ୍ୟାପ୍ତ ବର୍ଷା :** ଭାରତରେ ଏମିତି କେତେଗୁଡିଏ ସ୍ଥାନରେ ଅନେକ କୃଷି କ୍ଷେତ୍ର ରହିଛି ଯେଉଁଠାରେ ପର୍ଯ୍ୟାପ୍ତ ପରିମାଣରେ ବର୍ଷା ହୁଏ ନାହିଁ । ଏହି କାରଣରୁ ଚାଷୀଙ୍କୁ ତଥା ଚାଷ ଜମିକୁ ବିପରୀତ ସ୍ଥିତିରେ ସମ୍ମୁଖୀନ ହେବାକୁ ପଡିଥାଏ । କେତେକ ଏଭଳି ପ୍ରଦେଶ ଅଛି ଯେଉଁଠାରେ ଅତ୍ୟଧିକ ବର୍ଷା ହୋଇଥାଏ, ଫଳରେ ଫସଲ ହାନି ହୋଇଥାଏ । ଅନିଶ୍ଚିତ ବର୍ଷା ଉପରେ ନିର୍ଭରତା କମ୍ ଉତ୍ପାଦକତାର କାରଣ ।

**(4) ପାରମ୍ପାରିକ ପଦ୍ଧତି ଉପରେ କୃଷିର ନିର୍ଭରତା**

କମ୍ ଉତ୍ପାଦନ କ୍ଷମତାର ଆଉ ଏକ କାରଣ ଅନେକ ସଂଖ୍ୟକ କୃଷକମାନେ ପାରମ୍ପରିକ



ପଦ୍ଧତିରେ ଚାଷ କରିଥାନ୍ତି। ଏମାନେ ଏହି ପଦ୍ଧତି ଉପରେ ନିର୍ଭରଶୀଳ। ଶିକ୍ଷାର ଅଭାବ, ପାରମ୍ପାରିକ ବିଶ୍ୱାସ ଓ ଉତ୍ପାଦନ ପ୍ରତି ମାନ୍ୟତା ନୂତନ କୃଷି ପଦ୍ଧତିକୁ ଗ୍ରହଣ କରିବାର ବାଧା ସୃଷ୍ଟି କରେ । ଆଜି ବି ମଧ୍ୟ ଆମ ଦେଶରେ ଅଧିକାଂଶ କୃଷକ ଜମିରେ ହଳ କରିବାକୁ କାଠ ଲଙ୍ଗଳ ଓ ବଳଦ ବ୍ୟବହାର କରୁଛନ୍ତି। ତା ସହିତ ଆଧୁନିକ ଉପାଦାନ ତଥା କୌଶଳ ଦ୍ୱାରା ଖଣ୍ଡିଏ ଜମିରେ ଏକରୁ ଅଧିକ ଫସଲ ଉତ୍ପନ୍ନ କରିବା ବିଷୟରେ ଏବେ ମଧ୍ୟ ଅଜ୍ଞ। କୃଷକ ଉଚିତ ଗୁଣମାନର ତଥା ଉଚିତ ପରିମାଣରେ ରାସାୟନିକ ସାର ପ୍ରୟୋଗ କରିବା ବଦଳରେ ନିଜ ଚାଷ ଜମିକୁ ପଡ଼ିଆ ଛାଡିଦେଉଛନ୍ତି କାରଣ ଭୂମି ହରାଇଥିବା ଉର୍ବରତା ପୁଣି ଫେରିବ । ଏହି ସବୁ କାରଣରୁ ଭୂମିର ଉତ୍ପାଦନ କ୍ଷମତା ହ୍ରାସ ହୋଇଯାଉଛି ।

**(5) ଅନ୍ୟାନ୍ୟ ଉପଯୁକ୍ତ ଉପାଦାନର ପ୍ରୟୋଗରେ ଅଭାବ**

**(କ) ବିହନ :**

କୃଷି ଉତ୍ପାଦକତାକୁ ବଢାଇବାକୁ ଉନ୍ନତ କିସମର ବିହନ ଏକ ମହତ୍ତ୍ୱପୂର୍ଣ୍ଣ କାରକ । ଉନ୍ନତ ବିହନର ପ୍ରୟୋଗ ଦ୍ୱାରା କୃଷି ଉତ୍ପାଦକତା ବୃଦ୍ଧି ପାଏ। ମାତ୍ର କେତେକ କୃଷକ ନିମ୍ନଲିଖିତ କାରଣରୁ ଉନ୍ନତ ବିହନ ପ୍ରୟୋଗ କରନ୍ତି ନାହିଁ।

(i) ଏହି ବିହନକୁ କିଣିବାକୁ ଆବଶ୍ୟକ ପର୍ଯ୍ୟାପ୍ତ ଅର୍ଥ କୃଷକଙ୍କ ପାଖରେ ନଥାଏ।

(ii) କୃଷି ଅନୁସନ୍ଧାନ କେନ୍ଦ୍ରରେ ବିକଶିତ ଅଧିକ ଅମଳକ୍ଷମ ବିହନ (HYV) କିସମ (ଯାହା ବିଷୟରେ ଆପଣ ପରବର୍ତ୍ତୀ ଅଧ୍ୟାୟରେ ପଢିବେ)କୁ ସ୍ୱୀକାର କରିବାକୁ କୃଷକ ଇଚ୍ଛୁକ ହୁଅନ୍ତି ନାହିଁ।

**(ଖ) ଖତ ସାର :**

କୃଷି ଉତ୍ପାଦକତାକୁ ବୃଦ୍ଧି କରିବାକୁ ସାର ଏକ ଆବଶ୍ୟକ ଉପାଦାନ। ଭାରତରେ ଅଧିକତର ଗୋବର ଓ ଅନ୍ୟ ଅବଶିଷ୍ଟ ପଦାର୍ଥରେ ତିଆରି ଖତ ପ୍ରୟୋଗ କରାଯାଇଥାଏ।

ଏହା ବ୍ୟତୀତ ରାସାୟନିକ ସାରର ମଧ୍ୟ ପ୍ରୟୋଗ ହୋଇଥାଏ ଯାହା ତିନି ପ୍ରକାର :- ନାଇଟ୍ରୋଜେନ, ଫସ୍‌ଫେଟ୍ ଓ ପଟାଶ। ଏହି ସାର ଦୁଇ ପ୍ରକାର ସହାୟତା କରିଥାଏ। ପ୍ରଥମତଃ ଏହା ପଡିଆ ଜମିର ଉର୍ବରତାକୁ ଫେରାଇ ଆଣେ। ଦ୍ୱିତୀୟତଃ ଏହା ଉତ୍ପାଦକତାକୁ ବୃଦ୍ଧି କରେ। ମାତ୍ର ଭାରତରେ ଏହାର ଉପଯୋଗରେ ଦୁଇଟି ସୀମା ଅଛି। ପ୍ରଥମତଃ ଏହି ସାର ସେହି ଜମିରେ ଅଧିକ ଉପଯୋଗୀ ହୋଇଥାଏଯେଉଁ ଜମିରେ ପର୍ଯ୍ୟାପ୍ତ ଜଳସେଚନର ସୁବିଧା ରହିଥିବ, କିନ୍ତୁ ଭାରତରେ ୭୦ ଶତକଡା କୃଷି ବର୍ଷା ଉପରେ ଆଧାରିତ। ତେଣୁ ଭାରତର ୭୦ ଶତକଡା କୃଷି କ୍ଷେତ୍ରରେ ଏହାର ପ୍ରୟୋଗ ପ୍ରଭାବଶାଳୀ ଢଙ୍ଗରେ ହୋଇପାରେ ନାହିଁ।





ଦ୍ୱିତୀୟରେ ରାସାୟନିକ ସାରର ଏକ ନିଶ୍ଚିତ ସମ୍ମିଶ୍ରଣ ହିଁ ଉପଯୋଗରେ ଆଣିବା ଦରକାର । ଏହି ସମ୍ମିଶ୍ରଣ 4:2:1 । ମାତ୍ର ଭାରତରେ ଏହି ଅନୁପାତକୁ ଧ୍ୟାନ ଦିଆଯାଏନାହିଁ । ନାଇଟ୍ରୋଜେନ ସାର ୟୁରିଆକୁ ଆବଶ୍ୟକରୁ ଅଧିକ ଉପଯୋଗର ନିଆଯାଏ କାରଣ ଏହା ଶସ୍ତା ହୋଇଥାଏ । ଭାରତରେ ଏହାର ଅନୁପାତ 6.9:2.6:1 । ଏଠାରେ ଏହା ଜାଣିବା ଦରକାର ଯେ ଅଧିକ ନାଇଟ୍ରୋଜେନ ସାରର ପ୍ରୟୋଗ ହାନିକାରକ ହୁଏ ନାହିଁ । ଏହାର ଲାଭ ମଧ୍ୟ ରହିଛି । ମାତ୍ର ଏହା ମଧ୍ୟ ଅଧିକ ଲାଭଦାୟକ ହୋଇପାରେ ଯଦି ଏହା ଉଚିତ ଅନୁପାତରେ ପ୍ରୟୋଗ କରଯାଏ ।

**(ଗ) କୀଟନାଶକ ଔଷଧ :**

ଭାରତରେ ପ୍ରାୟତଃ ୫ ଶତକଡା ଫସଲ କୀଟ, ପତଙ୍ଗମାନଙ୍କ ଦ୍ୱାରା ନଷ୍ଟ ହୋଇଯାଏ । କୀଟନାଶକ ଔଷଧର ପ୍ରୟୋଗ କରାନଯିବା ଯୋଗୁଁ ଏପରି ହୋଇଥାଏ । ମାତ୍ର ଆମେ ଏହି ଔଷଧଗୁଡିକୁ ବିନା ଦ୍ୱିଧାରେ ମଧ୍ୟ ବ୍ୟବହାର କରିବା ଠିକ୍ ନୁହେଁ । କାରଣ ଏହାଦ୍ୱାରା ଆମ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡିଥାଏ । ତା ସହିତ ମାଟି, ପବନ ଓ ଜଳ ମାଧ୍ୟମରେ ବାତାବରଣ ମଧ୍ୟ ଦୂଷିତ ହୋଇଥାଏ ।

**(6) କୃଷି ଋଣର ଅଭାବ**

ଉପଯୁକ୍ତ ଋଣ ସୁବିଧାର ଅଭାବ କମ୍ ବୃଦ୍ଧି ଉତ୍ପାଦକତା ଏକ ପ୍ରମୁଖ କାରଣ । କୃଷକଙ୍କୁ ଦୁଇଟି ଉଦ୍ଦେଶ୍ୟ ପାଇଁ ଋଣର ଆବଶ୍ୟକ ହୁଏ ।

(i) ବିହନ, କୀଟନାଶକ ଔଷଧ, ସାର ଇତ୍ୟାଦି ଆଗତଗୁଡିକୁ କିଣିବା ପାଇଁ ତଥା ଉପକରଣଗୁଡିକର ମରାମତି ପାଇଁ ।

(ii) ଦୀର୍ଘକାଳୀନ ବିନିଯୋଗ ନିମିତ୍ତ, ଯଥା ଭୂମି କ୍ରୟ କରିବାକୁ ବା ଭୂମିର ଗୁଣବତ୍ତା ବୃଦ୍ଧି କରିବାକୁ, ନୂତନ ଉପକରଣ କିଣିବାକୁ, ଜଳସେଚନ ସୁବିଧା ପ୍ରାପ୍ତ କରିବାକୁ ଇତ୍ୟାଦି ।

ସ୍ୱାଧୀନତା ପ୍ରାପ୍ତି ସମୟରେ ଭାରତୀୟ କୃଷକ ଋଣ ପାଇଁ ଅଧିକଂଶ ବ୍ୟାପାରୀ ତଥା ସାହୁକାରଙ୍କ ଉପରେ ନିର୍ଭର କରୁଥିଲା । ବିଗତ ୫୦ ବର୍ଷରେ ଦେଶରେ ବ୍ୟାଙ୍କ ତଥା ଅଣ-ବ୍ୟାଙ୍କ ସଂସ୍ଥାଗୁଡିକ ସ୍ଥାପିତ ହେବାରୁ ଏହି ନିର୍ଭରଶୀଳତା ଅନେକ ପରିମାଣରେ ହ୍ରାସ ପାଇଛି । କିନ୍ତୁ ଏବେ ମଧ୍ୟ ଅନେକ ସଂଖ୍ୟକ ଚାଷୀ ଋଣ ପାଇଁ ମହାଜନ ଉପରେ ନିର୍ଭର କରୁଛନ୍ତି । କୃଷକମାନଙ୍କୁ ସାହୁକାର ଠାରୁ ଋଣ ନେବା ପାଇଁ ଅନେକ କଷ୍ଟ ସହିବାକୁ ପଡିଥାଏ । ପ୍ରଥମ ମହାଜନମାନେ ଅଧିକ ଉଚ୍ଚ ହାରରେ ସୁଧ ଅସୁଲ କରନ୍ତି । ଦ୍ୱିତୀୟରେ ଉଧାର ନେବା ପାଇଁ ଚାଷୀଙ୍କୁ ନିଜ ଭୂମି ବନ୍ଧକ ରଖିବାକୁ ପଡେ । ଯଦି ସେ ଉଧାର ପରିଶୋଧ କରିନପାରେ, ତେବେ ତାଙ୍କ ଜମି ଜବତ କରି ନିଆଯାଏ । ତୃତୀୟରେ, ଭାଗ ଚାଷୀ ଋଣ ନେଇପାରନ୍ତି ନାହିଁ । କାରଣ ତାଙ୍କ ପାଖରେ ବନ୍ଧକ ରଖିବାକୁ କିଛି ସମ୍ବଳ ନଥାଏ ।

(7) ଶୀତଳ ଭଣ୍ଡାର, ପାଣ୍ୟାଗାର (ପଣ୍ୟ + ଆଗାର), ବିପଣନ ଭଳି ସୁବିଧାର ଅଭାବ ।

ଯଦି କୃଷକକୁ ତାର ଫସଲର ଭଲ ଲାଭ ବା ଦର ମିଳେ ତେବେ ଅଧିକ ଉତ୍ପାଦନ ପାଇଁ ତା ମନରେ ଉତ୍ସାହ ଆସେ । ସେଥିପାଇଁ ଆବଶ୍ୟକ ହେଉଛି, ଶସ୍ୟକୁ ଭଣ୍ଡାରରେ ସାଇତି ରଖିବା ଓ ଫସଲର ଉଚିତ ବିକ୍ରି ପାଇଁ ବଜାରର ଉପଲବ୍ଧ ହେଉ । ନିଜ ଉତ୍ପାଦକୁ ବିକ୍ରି କରିବାକୁ କୃଷକ ପାଖରେ ତିନୋଟି ମୁଖ୍ୟ ବିକଳ୍ପ ରହିଛି । (କ) ସ୍ଥାନୀୟ ବେପାରୀମାନଙ୍କୁ ବିକିବା (ଖ) ସ୍ଥାନୀୟ ମେଳାରେ ବିକ୍ରି କରିବା ଅଥବା (ଗ) ନିୟନ୍ତ୍ରିତ ମଣ୍ଡିରେ ବିକିବା । କୃଷକକୁ ନିଜର ଫସଲ ବିକିବାରେ ନିମ୍ନଲିଖିତ ସମସ୍ୟାଗୁଡିକ ଆସେ ।

ପ୍ରଥମତଃ ଉଚିତ ସଡ଼କ ଓ ପରିବହନ ଅଭାବ କାରଣରୁ ବିକ୍ରି ପାଇଁ ପ୍ରସ୍ତୁତ ନିଜର ଫସଲକୁ ମଣ୍ଡି ପର୍ଯ୍ୟନ୍ତ ପହୁଞ୍ଚା ଯାଇପାରେନାହିଁ । ଦ୍ୱିତୀୟରେ କୃଷକମାନଙ୍କ ପାଖରେ ଉଚିତ ଭଣ୍ଡାର ବା ପଣ୍ୟାଗାରର ବ୍ୟବସ୍ଥା ନଥିବା କାରଣରୁ ପ୍ରାୟତଃ ୫ରୁ ୧୦ ଶତକଡ଼ା ଫସଲ ନଷ୍ଟ ହୋଇଯାଏ । ତେଣୁ ସେ ନିରୁପାୟ ହୋଇ ନିଜର ଫସଲକୁ ଅତି ଶସ୍ତାରେ ବିକ୍ରି କରିଦିଏ ।

**ମନେ ରଖ**

ନିମ୍ନ ଉତ୍ପାଦକତାର କେତେକ କାରଣ ନିମ୍ନରେ ଦିଆଯାଇଛି ।

- ଭାଗ ଚାଷୀଙ୍କ ଅନିର୍ଦ୍ଦିଷ୍ଟ ସୁରକ୍ଷା ଓ ସାଧନର ଅଭାବ ଯୋଗୁଁ ଭୂମିର ଉନ୍ନତି ପାଇଁ ପ୍ରେରଣାର ଅଭାବ ।
- ଯୋତର ବିଭାଜନ ଓ ଖଣ୍ଡନ ଯୋଗୁଁ ଚାଷ ପାଇଁ ଆଧୁନିକ ପଦ୍ଧତିକୁ ପ୍ରୟୋଗ କରିବା କଠିନ ହୋଇଥାଏ ।
- ସେଚନ ସୁବିଧାର ଅଭାବ ।
- ଉନ୍ନତ କିସମର ଉପାଦାନ ଯଥା-ବିହନ, କୀଟନାଶକ ଔଷଧ, ସାର ଆଦିର ଅଭାବ ।
- କୃଷି କରିବାରେ ପାରମ୍ପରିକ ପଦ୍ଧତି ଉପରେ ନିର୍ଭରତା ।
- କୃଷି ଋଣର ଅଭାବ ।
- ଉଚିତ ବଜାର (ବ୍ୟବସାୟ) ଓ ପଣ୍ୟାଗାର ସୁବିଧାର ଅଭାବ ।

## ପାଠ୍ୟଗତ ପ୍ରଶ୍ନ 25.3

(1) ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ନେଇ ଶୂନ୍ୟସ୍ଥାନ ପୂରଣ କର ।
(ରୟତ ଚାଷୀ, ଉପ ବିଭାଜନ, ଅପଖଣ୍ଡନ, ବ୍ୟାଙ୍କ, ସାହୁକାର, ୫-୧୦ ଶତକଡ଼ା,





ନାଇଟ୍ରୋଜେନ, ୭୦)

(i) ଯେଉଁ ଚାଷୀ ଚାଷ ଜମିକୁ ଭାଗ ଚାଷ ସୂତ୍ରରେ ନିଏ ତାଙ୍କୁ ........... କହନ୍ତି ।

(ii) ଆମ ଦେଶରେ ................... ପ୍ରତିଶତ ଚାଷ ଯୋଗ୍ୟ ଜମିରେ ପର୍ଯ୍ୟାପ୍ତ ପରିମାଣ ଜଳସେଚନ ସୁବିଧାର ଅଭାବ ରହିଛି ।

(iii) ଜନସଂଖ୍ୟା ବୃଦ୍ଧି ଫଳସ୍ୱରୂପ ଜମି ଯୋତର............... ଓ ............... ହୋଇଯାଇଛି ।

(iv) ଆଜି ମଧ୍ୟ ଅଧିକାଂଶ ସଂଖ୍ୟକ କୃଷକ ନିଜ ଋଣ ସମ୍ବନ୍ଧୀୟ ଆବଶ୍ୟକ ପାଇଁ................ ଉପରେ ଆଶ୍ରିତ ଅଛନ୍ତି ।

(v) ୟୁରିୟା ................. ସାରର ଉଦାହରଣ ।

(vi) ଉଚିତ ପଣ୍ୟାଗାର ସୁବିଧା ନଥିବା ଯୋଗୁଁ ................ ପର୍ଯ୍ୟନ୍ତ ଫସଲ ନଷ୍ଟ ହୋଇଯାଉଛି ।

## 25.6 କୃଷି ଉତ୍ପାଦକତାରେ ବୃଦ୍ଧି କରିବା ଉପାୟ


କୃଷି ଉତ୍ପାକତାରେ ବୃଦ୍ଧି କରିବା ପାଇଁ ଅନେକଗୁଡ଼ିଏ ଉପାୟ ଅଛି । ତନ୍ମଧ୍ୟରୁ ମୁଖ୍ୟତଃ ସଂସ୍ଥାଗତ, ଔଦ୍ୟୋଗୀୟ ଓ ଅନ୍ୟାନ୍ୟ ଉପାୟ ବର୍ଗରେ ଭାଗ କରାଯାଇଛି । ସଂସ୍ଥାଗତ ଉପାୟର ଉଦ୍ଦେଶ୍ୟ ଚାଷୀମାନଙ୍କ ଜମିର ଉଚିତ ବିତରଣ, ଯୋତର ଆକାର ବୃଦ୍ଧି, ଭାଗଚାଷୀ କୃଷକଙ୍କୁ ସୁରକ୍ଷା ଯୋଗାଇଦେବା । ସଂସ୍ଥାଗତ ଉପାୟର ଲୋକପ୍ରିୟ ନାମ 'ଭୂମି ସୁଧାର' । ଔଦ୍ୟୋଗୀୟ (କୌଶଳ) ଉପାୟର ଉଦ୍ଦେଶ୍ୟ କୃଷି କରିବା ନୀତିରେ ଉନ୍ନତି ଆଣିବା, ଉନ୍ନତ ଆଗତଗୁଡ଼ିକୁ ପ୍ରୟୋଗ କରିବା, ଅନ୍ୟବର୍ଗର ଉପାୟଗୁଡ଼ିକ ମଧ୍ୟରେ ଋଣର ସୁବିଧା, ପଣ୍ୟାଗାର ଓ ବ୍ୟବସାୟ କେନ୍ଦ୍ର ଇତ୍ୟାଦିର ସୁବିଧା ପ୍ରଦାନ । ଏହିସବୁ ଉପାୟଗୁଡ଼ିକର ସଂକ୍ଷିପ୍ତ ବ୍ୟାଖ୍ୟା ନିମ୍ନରେ ଦିଆଗଲା ।

**(କ) ସଂସ୍ଥାଗତ ଉପାୟ ଅଥବା ଭୂମି ସୁଧାର**

ମୁଖ୍ୟ ଉପାୟ

(1) ମଧ୍ୟସ୍ଥିଙ୍କ ଉଚ୍ଛେଦ : ଜମିଦାର, କୃଷକ ଓ ରାଜ୍ୟ ମଧ୍ୟରେ ମଧ୍ୟସ୍ଥିର କାମ କରୁଥିଲେ । ସେମାନେ ଚାଷୀଠାରୁ ଜମିର ଖଜଣା ମନଇଚ୍ଛା ଆଦାୟ କରି ସରକାରଙ୍କୁ ଦେଉଥିଲେ । ଏହି ପ୍ରକ୍ରିୟାରେ ସେମାନେ ଚାଷୀମାନଙ୍କୁ ଶୋଷଣ କରୁଥିଲେ । ଏହି କାରଣରୁ ଚାଷୀ ଭୂମିର ଉନ୍ନତି ପାଇଁ କୌଣସି ଆଗ୍ରହ ଦେଖାନ୍ତି ନାହିଁ । ବିଭିନ୍ନ ରାଜ୍ୟରେ ଆଇନଗତ ସରକାର ଏହି ମଧ୍ୟସ୍ଥି (ଜମିଦାରୀ) ପ୍ରଥାକୁ ଆଇନ ଅନୁସାରେ ସମାପ୍ତ କରି ଦେଇଛନ୍ତି ।

(2) ଜମିଦାରୀ ପ୍ରଥାରେ ରୟତ ସେହିମାନଙ୍କୁ କୁହାଯାଏ ଯେଉଁମାନେ ଜମିଦାରଙ୍କ ଠାରୁ



ଲେଖାପଢା ସୂତ୍ରରେ କେବଳ ଚାଷ କରିବାକୁ ଜମି ନେଇ କୃଷି କରିଥାନ୍ତି ଏବଂ ଏହାର ପ୍ରତି ବଦଳରେ ଜମି ମାଲିକଙ୍କୁ ଫସଲରୁ ଭାଗ ଦେଇଥାନ୍ତି । ରୟତମାନଙ୍କୁ ବିଭିନ୍ନ ପ୍ରକାରର ସମସ୍ୟାଗୁଡିକୁ ସମ୍ମୁଖୀନ ହେବାକୁ ପଡିଥାଏ । କୃଷି ଭାଗର ଉଚ୍ଚ ଅଂଶ ଦେଇ ଚାଷ ଜମି ଆଣିବା, ଜମିରୁ ବେଦଖଲ କରାଯିବାର ଭୟ ଇତ୍ୟାଦି । ତେଣୁ ସରକାର ଏହି ପଟ୍ଟା ପ୍ରଥାକୁ ନିୟମିତ କରିବାକୁ ଓ ଭୂମିରୁ ବେଦଖଲ ନକରିବା ସମ୍ବନ୍ଧରେ ବିଭିନ୍ନ ଆଇନ ବଳବତ୍ତର କରି ସୁରକ୍ଷା ପ୍ରଦାନ କଲେ । ସରକାରଙ୍କ ଦ୍ୱାରା ରୟତମାନଙ୍କୁ ମାଲିକାନା ଅଧିକାର ଦେବା ପାଇଁ ମଧ୍ୟ ପଦକ୍ଷେପ ନେଇଛନ୍ତି ।

### (3) ଯୋତର ଉଚ୍ଚତମ ସୀମା ନିର୍ଦ୍ଧାରଣ

ଯୋତର ଉଚ୍ଚତମ ସୀମା ନିର୍ଦ୍ଧାରଣ କରିବା ଅର୍ଥ ଅଧିକତମ କୃଷି ଜମି ଯାହା ଜଣେ ବ୍ୟକ୍ତି ନିଜ ପାଖରେ ରଖିପାରିବେ । ଏହା ଉଦ୍ଦେଶ୍ୟ ହେଉଛି ସୀମା ଠାରୁ ଅଧିକ ଥିବା ଜମିକୁ ଭୂମି ମାଲିକଙ୍କ ଠାରୁ ନେଇ ଭୂମିହୀନ ଓ ଛୋଟଚାଷୀଙ୍କ ମଧ୍ୟରେ ବଣ୍ଟନ । ଏହି ଉଦ୍ଦେଶ୍ୟ ଫଳରେ ସରକାର ବିଭିନ୍ନ ରାଜ୍ୟରେ ଯୋତର ଉଚ୍ଚତମ ସୀମା ନିର୍ଦ୍ଧାରଣ କରିଛନ୍ତି ।

### (4) ଭୂ-ଯୋତର ଚକବନ୍ଦୀ


ପୂର୍ବରୁ ଆପଣ ପଢିଛନ୍ତି ଯେ ଯୋତ ବିଭାଜନ ଓ ଅପଖଣ୍ଡନ ଯୋଗୁଁ କୃଷିରେ ଆଧୁନିକ ପଦ୍ଧତି ତଥା ଯନ୍ତ୍ରପାତିର ବ୍ୟବହାର ହୋଇପାରେ ନାହିଁ । ଫଳରେ ଉତ୍ପାଦନ କ୍ଷମତା ହ୍ରାସ ହୋଇଥାଏ । ଯୋତଗୁଡିକ ଚକବନ୍ଦୀ କରି ଏହି ସମସ୍ୟାର ସମାଧାନ କରାଯାଇପାରେ । କୃଷକ ନିଜ ନିଜର ଇଚ୍ଛା ମୁତାବକ ଆଲୋଚନା ଦ୍ୱାରା ଛୋଟ ଛୋଟ ଯୋତଗୁଡିକୁ ବଡ଼ଯୋତରେ ବଦଳାଇପାରିବେ । ଯଦି ଜଣେ କୃଷକଙ୍କ ପାଖରେ ଦୁଇଟି ବିଭିନ୍ନ ସ୍ଥାନରେ ଭୂମିର ଦୁଇଟି ଛୋଟ ଖଣ୍ଡ ଅଛି ତେବେ ଏହାକୁ ପରସ୍ପର ମଧ୍ୟରେ ରାଜିନାମା ବଳରେ ଅଦଳବଦଳ କରି ଏକ ବଡ଼ ଯୋତ ତିଆରି କରିପାରିବେ ।

ଭାରତରେ ଭୂ-ଯୋତ ଚକବନ୍ଦୀ ପ୍ରକ୍ରିୟା ସହଯୋଗ ମାଧ୍ୟମରେ ସ୍ୱଇଚ୍ଛା ଆଧାର ଉପରେ ଆରମ୍ଭ କରାଯାଇଛି । ପଞ୍ଜାବ, ହରିୟାନା, ପଶ୍ଚିମ ଉତ୍ତର ପ୍ରଦେଶ ଆଦି କେତେକ ରାଜ୍ୟରେ ଚକବନ୍ଦୀର ଖୁବ୍ ଅଧିକ ପ୍ରଭାବ ପଡିଛି । ଏ ରାଜ୍ୟର କୃଷକମାନେ କୃଷିରେ ଆଧୁନିକ ପଦ୍ଧତିର ଉପଯୋଗ କରି ଉତ୍ପାଦନକୁ ବୃଦ୍ଧି କରୁଛନ୍ତି । ମାତ୍ର ସମଗ୍ର ଦେଶରେ ଚକବନ୍ଦୀର ପ୍ରଗତି ଅତ୍ୟନ୍ତ କ୍ଷୀଣ ।

### (ଖ) ଔଦ୍ୟୋଗିକ ଉପାୟ

### (i) ସେଚନ ସୁବିଧା :

କୃଷି ଉତ୍ପାଦନ ସ୍ତର ଉପରେ ପ୍ରଭାବ ପକାଉଥିବା ଏହା ଏକ ମହତ୍ତ୍ୱପୂର୍ଣ୍ଣ କାରକ । ଆଜି ମଧ୍ୟ ଦେଶରେ ୬୦ ଶତକଡ଼ା କୃଷି ଯୋଗ୍ୟ ଭୂମି ସେଚନ ପାଇଁ ବର୍ଷା ଉପରେ ନିର୍ଭର କରୁଛି ।





ସେଚନର ଦୁଇଟି ମୁଖ୍ୟ ସ୍ରୋତ ଅଛି ।

(i) ଭୂପୃଷ୍ଠ ଜଳସ୍ତର : ନଦୀ, ପୋଖରି, ବନ୍ଧ, ଜଳାଶୟ ଇତ୍ୟାଦି ରୂପରେ ଭୂପୃଷ୍ଠରେ ମିଳୁଥିବା ଜଳ ।

(ii) ଭୂଗର୍ଭ ଜଳସ୍ତର : ଭୂଗର୍ଭରୁ ମିଳୁଥିବା ଜଳ। ଏହା କୂଅ, ନଳକୂଅ, ଗଭୀର ନଳକୂପ, ପମ୍ପସେଟ୍ ଦ୍ୱାରା ଏହି ଜଳ ଭୂଗର୍ଭରୁ ମିଳିଥାଏ ।

ଦେଶରେ ପ୍ରାୟତଃ ୨୦୦୦ ଲକ୍ଷ ହେକ୍ଟୟର କ୍ଷେତ୍ରଫଳ ଜମିରେ ଫସଲ ଉତ୍ପନ୍ନ କରାଯାଉଛି । ବର୍ଷ 1950-51ରେ ମାତ୍ର 225 ଲକ୍ଷ ହେକ୍ଟୟର କ୍ଷେତ୍ରରେ ଜଳସେଚନ ସୁବିଧା ଉପଲବ୍ଧ ଥିଲା । ଏହା ବୃଦ୍ଧି ପାଇ ୧୧୩୫ ଲକ୍ଷ ହେକ୍ଟୟର କ୍ଷେତ୍ରରେ ପହଞ୍ଚିଛି । ଜଳସେଚନ ସୁବିଧାର ବୃଦ୍ଧି ଯୋଗୁଁ ବିଭିନ୍ନ ଫସଲର ଉତ୍ପାଦକତା ସ୍ତରରେ ବୃଦ୍ଧି ହେଉଅଛି । ବର୍ତ୍ତମାନ ମଧ୍ୟ ଏଥିରେ ଅଧିକ ବୃଦ୍ଧି କରାଯାଇପାରିବ।

(2) ଉନ୍ନତ ଆଗତଗୁଡ଼ିକର ଉପଲବ୍ଧତା

(i) ବିହନ : କୃଷି ଉତ୍ପାଦନକୁ ବୃଦ୍ଧି କରିବାକୁ ସରକାର 1960 ଦଶକ ମଧ୍ୟରେ ଅଧିକ ଉତ୍ପାଦନକ୍ଷମ ବିହନର ବିକାଶ କରିଛନ୍ତି । ଏହି ବିହନ ବର୍ଷ ବର୍ଷର କୃଷି ଅନୁସନ୍ଧାନର ପରିଣାମ । ଏହି ବିହନ ଉନ୍ନତ କିସମର ଓ ଏଥିରେ ରୋଗ ପ୍ରତିରୋଧକ ଶକ୍ତି ରହିଛି। ସ୍ଥାନୀୟ ପରିସ୍ଥିତିକୁ ଧ୍ୟାନରେ ରଖି ଏହାର ବିକାଶ କରାଯାଇଛି। କୃଷି ଉତ୍ପାଦନକୁ ବୃଦ୍ଧି କରିବାକୁ ଏହି ବିହନକୁ ଅଧିକ ମାନରେ ଉତ୍ପାଦନ କରିବାକୁ ଆବଶ୍ୟକତା ଥିଲା। ଏହି ଉଦ୍ଦେଶ୍ୟ ଯୋଗୁଁ ସରକାର 1963 ବର୍ଷରେ ରାଷ୍ଟ୍ରୀୟ ବିହନ ନିଗମ ସ୍ଥାପନ କଲେ। ବିଭିନ୍ନ ରାଜ୍ୟ ସରକାର ମଧ୍ୟ ଏଭଳି ବିହନର ଉତ୍ପାଦନ ଓ ବଣ୍ଟନ କରିବାକୁ ନିଜ ରାଜ୍ୟର ବିହନ ନିଗମ ସ୍ଥାପନ କଲେ। ପ୍ରାରମ୍ଭରୁ ଷାଠିଏ ଦଶକର ମଧ୍ୟଭାଗରୁ ଅଧିକ ଅମଳକ୍ଷମ ବିହନର ବ୍ୟବହାର, ପ୍ରୟୋଗାତ୍ମକ ଆଧାରରେ ସେହି କୃଷିକ୍ଷେତ୍ରରେ କରାଗଲା, ଯେଉଁଠାରେ ପର୍ଯ୍ୟାପ୍ତ ଜଳସେଚନ, ସାର, କୀଟନାଶକ ଔଷଧ ଆଦିର ଉପଲବ୍ଧ ଥିଲା। ଏହି ପ୍ରୟୋଗ ସଫଳ ହୋଇଥିଲା ଏବଂ ଗହମର ଉତ୍ପାଦନ 1966-67ରୁ 1970-71 ମଧ୍ୟରେ ଦୁଇଗୁଣ ହୋଇଥିଲା। ପରେ ଅଧିକ ଉତ୍ପାଦନକ୍ଷମ ଧାନର ବିହନ ବ୍ୟବହାର ଫଳରେ ମଧ୍ୟ ଖୁବ୍ ଭଲ ପରିଣାମ ମିଳିଲା। ମୋଟା ଖାଦ୍ୟଶସ୍ୟ ଯେପରି ଯଅ, ବାଜରା ପାଇଁ ଉନ୍ନତ କିସମର ବିହନର ଉପଯୋଗ ବିଳମ୍ବରେ ଆରମ୍ଭ ହେଲା। ଏହିପରି ଭାବେ ଉନ୍ନତ ବିହନର ଉପଯୋଗ ଗହମ ପର୍ଯ୍ୟନ୍ତ ସୀମିତ ରହିଗଲା। ମକା ବିଷୟରେ ଏହି ପ୍ରଗତି ଅଧିକ ପରିମାଣରେ କ୍ଷୀଣ ଥିଲା।

ଅନ୍ତତଃ ଉନ୍ନତ ବିହନର ଉପଯୋଗ ଫଳରେ ଅନେକ ଉନ୍ନତି ହୋଇଛି, ମାତ୍ର ଏବେ ବି ଅନେକ କିଛି କରିବାର ବାକି ରହିଛି । କୃଷକମାନଙ୍କୁ ଏହି ବିହନର ବ୍ୟବହାର ପାଇଁ ପ୍ରସ୍ତୁତ

କରିବାକୁ ଏବଂ ସେମାନଙ୍କୁ ଋଣ ସୁବିଧା ଇତ୍ୟାଦି ଦିଆଗଲେ ସେମାନେ ଉନ୍ନତ ବିହନ କ୍ରୟ କରିପାରିବେ ।

(ii) ସାର : ଭାରତୀୟ କୃଷକ ଜମିର ଉତ୍ପାଦନ କ୍ଷମତାକୁ ଫେରାଇ ଆଣିବାକୁ ଜୈବ ଖତର ବ୍ୟବହାର କରିଥାନ୍ତି, ଉର୍ବରତା କ୍ଷମତା ଫେରାଇ ଆଣିବାର ଅନ୍ୟ ଏକ ପଦ୍ଧତି ହେଉଛି ଜମିକୁ ପଡ଼ିଆ ପକାଇବା, ମାତ୍ର ଉତ୍ପାଦନ ଶକ୍ତି ବୃଦ୍ଧି କରିବାକୁ ରାସାୟନିକ ସାର ଉପଯୋଗକୁ ବୃଦ୍ଧି କରିବା ଆବଶ୍ୟକ । ଭାରତରେ ଏହାର ବ୍ୟବହାର ବୃଦ୍ଧି ହୋଇଛି । 1960-61ରେ ଏହାର ବ୍ୟବହାର କେବଳ ୨ ଲକ୍ଷ ଟନ୍ ଥିଲା ଯାହା 2003-04ରେ ବୃଦ୍ଧି ପାଇ ତାହା 157 ଲକ୍ଷ ଟନ୍ ହୋଇଗଲା । ଏହି ବୃଦ୍ଧିର ଅନ୍ୟ ଏକ କାରଣ ଉନ୍ନତ ବିହନର ବ୍ୟବହାର ଥିଲା ଯେଉଁଥିରେ ଜୈବ ଖତ ଅପେକ୍ଷା ସାରର ବ୍ୟବହାର ଅଧିକ ଆବଶ୍ୟକ ହୋଇଥାଏ । ଯଦି ଜଳସେଚନର ପର୍ଯ୍ୟାପ୍ତ ସୁବିଧା ରହିଥାଏ ତେବେ, ସାରର ବ୍ୟବହାର ଅଧିକ ଭଲ ଭାବରେ କରାଯାଇପାରେ । ଅତଏବ ଜଳସେଚନର ସୁବିଧା ବୃଦ୍ଧି କରିବା ମଧ୍ୟ ଅଧିକ ଆବଶ୍ୟକତା ।

ଭାରତରେ ନାଇଟ୍ରୋଜେନ, ଫସ୍‌ଫେଟ୍ ଓ ପଟାଶର ଅନୁପାତ ୬.୯:୨.୬:୧ ମାତ୍ର ଆଦର୍ଶ ସମ୍ମିଶ୍ରଣ 4:2:1 ଅତଏବ ଆବଶ୍ୟକତା କେବଳ ଅଧିକ ସାର ବ୍ୟବହାର କଲେ ହିଁ ନୁହେଁ ବରଂ ଆଦର୍ଶ ଅନୁପାତରେ ଉପଯୋଗ କରିବାରେ ହିଁ ରହିଛି ।

(iii) କୀଟନାଶକ ଔଷଧ :

କୀଟପତଙ୍ଗ ତଥା ଗଛକୁ ଲାଗୁଥିବା ରୋଗ ଫସଲକୁ ନଷ୍ଟ କରିଥାଏ । ଏହି ସମସ୍ୟାରୁ ବଞ୍ଚିବାକୁ ଦୁଇଟି ଉପାୟ ଅଛି । ପ୍ରଥମ କୃଷି ଅନୁସନ୍ଧାନରେ ଏପରି ଫସଲକୁ ବିକଶିତ କରାଯାଉଅଛି ଯେଉଁଥିରେ କୀଟପତଙ୍ଗ ଓ ରୋଗ ପ୍ରତିରୋଧକ କ୍ଷମତା ଅଛି । ଏହା ନିବାରଣ ପ୍ରଣାଳୀ । ଦ୍ୱିତୀୟଟି ଉପଚାର ପ୍ରଣାଳୀ । ଏଥିରେ କୀଟନାଶକ ଔଷଧ ପ୍ରୟୋଗ କରିବାକୁ ପଡେ । ମାତ୍ର ଏଥିରେ ଏହା ସୁନିଶ୍ଚିତ କରିନେବା ଦରକାର ଯେ ଏହି କୀଟନାଶକ ଔଷଧ ଫସଲ ଓ ମନୁଷ୍ୟଙ୍କ ପାଇଁ ହାନିକାରକ ନହେବା ଉଚିତ । ଏହା ପରିବେଶକୁ ଦୂଷିତ କରୁନଥିବା ଆବଶ୍ୟକ । ଆଜିକାଲି ନିମ୍ବ ଓ ଅନ୍ୟାନ୍ୟ ଜୈବିକ ରସାୟନ ଉତ୍ପାଦରୁ ତିଆରି କୀଟନାଶକ ଔଷଧଗୁଡିକର ବ୍ୟବହାର ବଢୁଅଛି । ଭାରତରେ ଏକୀକୃତ କୀଟ ପ୍ରବନ୍ଧ କାର୍ଯ୍ୟକ୍ରମ ମଧ୍ୟ ଚାଲୁଅଛି । ଏହାର ଉଦ୍ଦେଶ୍ୟ କୀଟ ନିୟନ୍ତ୍ରଣ କରିବା ଓ କୃଷକଙ୍କୁ ପ୍ରଶିକ୍ଷଣ ଦେବା ।

(ଗ) ଅନ୍ୟ ଉପାୟ

(1) ଋଣର ବ୍ୟବସ୍ଥା : ସ୍ୱତନ୍ତ୍ରତା ପ୍ରାପ୍ତି ପରେ କୃଷକମାନଙ୍କୁ ସହଜ ଓ ଉଚିତ ସର୍ତ୍ତ ଉପରେ ଋଣ ଦେବାକୁ ଅନେକ ସଂସ୍ଥାଗତ ଅନୁଷ୍ଠାନ ଖୋଲାଯାଇଛି । ସମବାୟ ଋଣ ସମିତି, ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ ଓ ବାଣିଜ୍ୟ ବ୍ୟାଙ୍କ ଏହାର କେତେକ ଉଦାହରଣ । ଏଗୁଡିକ ରାଷ୍ଟ୍ରୀୟ





କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କର ତତ୍ତ୍ୱାବଧାନରେ କାର୍ଯ୍ୟ କରନ୍ତି ।

(i) ସମବାୟ ଋଣ ସମିତି;

ଏହା ସଂସ୍ଥାଗତ ଋଣର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ସାଧନ। ସମବାୟ ଋଣ, ଗ୍ରାମୀଣ ଋଣର ସବୁଠାରୁ ଶସ୍ତା ଓ ଉତ୍ତମସ୍ରୋତ ଅଟେ ।

(ii) ବ୍ୟାଙ୍କ (ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ ସମେତ)

ଯେତେବେଳେ ଭାରତରେ 1969 ବର୍ଷରେ 14ଟି ପ୍ରମୁଖ ବାଣିଜ୍ୟିକ ବ୍ୟାଙ୍କର ରାଷ୍ଟ୍ରୀୟ କରଣ କରାଗଲା, ସେତେବେଳେ କୃଷିକ୍ଷେତ୍ରକୁ ପ୍ରାଥମିକ କ୍ଷେତ୍ର ରୂପେ ଘୋଷିତ କରାଗଲା। ବାଣିଜ୍ୟ ବ୍ୟାଙ୍କ ବ୍ୟତୀତ କ୍ଷେତ୍ରୀୟ ଗ୍ରାମୀଣ ବ୍ୟାଙ୍କ ଓ ଭୂମି ବିକାଶ ବ୍ୟାଙ୍କ ମଧ୍ୟ ରହିଛି । ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ କୃଷି ଶ୍ରମିକ, ଛୋଟ ଓ ମଧ୍ୟମ କୃଷକ, ଗ୍ରାମୀଣ କାରିଗରଙ୍କୁ ଋଣ ଦିଅନ୍ତି। ଭୂମି ବିକାଶ ବ୍ୟାଙ୍କ, ଭୂମି ସୁଧାର, ଭୂମି କ୍ରୟ, କୂପ ଖନନ, ଯନ୍ତ୍ରପାତି ଆଦି କିଣିବା ପାଇଁ ଋଣ ଦିଅନ୍ତି।


ରାଷ୍ଟ୍ରୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ)

ଏହି ବ୍ୟାଙ୍କ 1982 ମସିହା ଜୁଲାଇ ମାସରେ ସ୍ଥାପିତ ହୋଇଥିଲା। ଏହା କୃଷିକ୍ଷେତ୍ରକୁ ସମବାୟ ଋଣ ସମିତି, ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ ତଥା ବାଣିଜ୍ୟିକ ବ୍ୟାଙ୍କଗୁଡିକ ମାଧ୍ୟମରେ ଋଣ ଦେଇଥାଏ । ଏହା ସେମାନଙ୍କୁ ଅର୍ଥ ସମର୍ଥନ ଦେଇଥାଏ ଏବଂ ଏଗୁଡିକର କାର୍ଯ୍ୟଧାରାରେ ସମନ୍ୱୟ ରକ୍ଷା କରେ ।

ଗ୍ରାମୀଣ ଋଣରେ ସଂସ୍ଥାଗତ ସାଧନର ଯୋଗଦାନ ଫଳରେ ଅନେକ ବୃଦ୍ଧି ଘଟିଛି । 1950-51ରେ ଏହାର ଯୋଗଦାନ କେବଳ 7 ପ୍ରତିଶତ ଥିଲା ଯାହା 1981 ପର୍ଯ୍ୟନ୍ତ ବୃଦ୍ଧି ହୋଇ 63 ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିଗଲା। 2004-05ରେ କୃଷିକ୍ଷେତ୍ରରେ 85,685 କୋଟି ଟଙ୍କାର ସଂସ୍ଥାଗତ ଋଣ ପ୍ରଦାନ କରାଯାଇଥିଲା।

(2) ଶୀତଳ ଭଣ୍ଡାର, ପଣ୍ୟାଗାର ଓ ବିପଣନ ସୁବିଧାର ଉପଲବ୍ଧତା;

ସମଗ୍ର ଦେଶରେ ନିୟମିତ ଭାବରେ ମଣ୍ଡିଗୁଡିକୁ ସ୍ଥାପନା କରାଯାଇଛି । ଏହି ମଣ୍ଡିଗୁଡିକ ପ୍ରତିଯୋଗିତା ଆଧାର ଉପରେ କ୍ରୟ-ବିକ୍ରୟ ହୁଏ ଯାହା ଫଳରେ କୃଷକମାନଙ୍କ ପାଇଁ ନିଜ ଫସଲକୁ ସର୍ବାଧିକ ଦରରେ ବିକ୍ରି କରିବା ସମ୍ଭବ ହୋଇଥାଏ। ଏହି ମଣ୍ଡିଗୁଡିକର ପରିଚାଳନା ଏକ କମିଟି ହାତରେ ନ୍ୟସ୍ତ ଥାଏ ଯାହାର ସଦସ୍ୟତାରେ କୃଷକ, ବ୍ୟବସାୟୀ, ସ୍ଥାନୀୟ ଅଧିବାସୀ, ପ୍ରତିନିଧି ତଥା ରାଜ୍ୟ ସରକାର ଇତ୍ୟାଦି ଥାଆନ୍ତି। ଏହି ମଣ୍ଡିରୁ କୃଷକଙ୍କୁ ଅନେକ ଲାଭ ମିଳିଥାଏ। ସେମାନଙ୍କୁ ବଜାରର ଠିକ୍ ଓଜନ ମାପ ତଥା ଉଚିତ ବଜାର ଦରର ଠିକ୍ ସୂଚନା ମିଳିଥାଏ।



ବର୍ଷ 1957ରେ ସରକାରଙ୍କ ଦ୍ୱାରା କେନ୍ଦ୍ରୀୟ ମାଲଗୋଦାମ ନିଗମର ସ୍ଥାପନା ହେଲା । ଏପରି ନିଗମର ସ୍ଥାପନା ଅନ୍ୟ ରାଜ୍ୟଗୁଡିକରେ ମଧ ହୋଇଛି । ଏହି ନିଗମ କୃଷି ଉତ୍ପାଦନଗୁଡିକୁ ଗଚ୍ଛିତ ରଖିବାକୁ ଗୋଦାମର ବ୍ୟବସ୍ଥା କରନ୍ତି । ବର୍ତ୍ତମାନ ବର୍ଷ ବର୍ଷ ଧରି ଦେଶରେ ଗୋଦାମ ସୁବିଧାର ଅନେକ ଉନ୍ନତି ହୋଇଛି । ଏହାଦ୍ୱାରା କ୍ଷୁଦ୍ର ଚାଷୀଙ୍କୁ ଅନେକ ଲାଭ ମିଳୁଛି । ସେମାନଙ୍କୁ ବର୍ତ୍ତମାନ ଫସଲ ଅମଳ ସମୟରୁ ବିକ୍ରି କରିବାକୁ ଆବଶ୍ୟକ ପଡୁନାହିଁ ।

ମନେରଖ :

ଭୂମିର ଉତ୍ପାଦକତା ନିମ୍ନଲିଖିତ ଉପାୟ ଦ୍ୱାରା ବୃଦ୍ଧି କରାଯାଇପାରେ ।

- ରୟତ ଚାଷୀଙ୍କୁ ସୁରକ୍ଷା ଦେଇ;
- ଭୂମି ଯୋତର ମାଲିକାନାର ସର୍ବାଧିକ ସୀମା ନିର୍ଦ୍ଧାରଣ କରି ତଥା ଅତିରିକ୍ତ ଭୂମିକୁ ଭୂମିହୀନଙ୍କ ମଧରେ ବଣ୍ଟନ କରି ।
- ଛୋଟ ଓ ବଣ୍ଟାଯାଉଥିବା ଯୋତର ଚକବନ୍ଦୀ କରି,
- ପର୍ଯ୍ୟାପ୍ତ ସେଚନ ସୁବିଧାର ବିକାଶ କରି,
- ଉନ୍ନତ ବିହନ, ସାର, କୀଟନାଶକ ଔଷଧ ପ୍ରୟୋଗ କର.
- ଗ୍ରାମୀଣ ଋଣର ବ୍ୟବସ୍ଥା କରି, ତଥା
- ଉଚିତ ବିପଣନ ଓ ଭଣ୍ଡାରଣ ସୁବିଧାଗୁଡିକ ଦେଇ ।

## ପାଠ୍ୟଗତ ପ୍ରଶ୍ନ 25.4

ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର

(ଗୋବର, 1963, 225, ଭୂପୃଷ୍ଠ, ସହଯୋଗ, ଗହମ, ଧାନ, 1975, 250)

(i) .................... ସହାୟତାରେ ଭୂମିର ଚକବନ୍ଦୀ ଆରମ୍ଭ କରାଗଲା ।

(ii) ନଦୀ, ଜଳାଶୟ, ପୁଷ୍କରିଣୀ, ହ୍ରଦ ଇତ୍ୟାଦି ............... ଜଳସ୍ରୋତର ଉଦାହରଣ ।

(iii) ବର୍ଷ 1950-51ରେ ............ ଲକ୍ଷ ହେକ୍ଟରର କ୍ଷେତ୍ରରେ ଜଳସେଚନ ସୁବିଧା ଥିଲା ।

(iv) ରାଷ୍ଟ୍ରୀୟ ବିହନ ନିଗମର ସ୍ଥାପନା ବର୍ଷ ....................ରେ କରାଯାଇଥିଲା ।

(v) ଆରମ୍ଭରୁ ଅଧିକ ଅମଳକ୍ଷମ ବିହନର ବ୍ୟବହାର.............. ଫସଲ ପାଇଁ କରାଗଲା ।

(vi) ଭାରତୀୟ କୃଷକ ପାରମ୍ପରିକ ଧାରା ଅନୁଯାୟୀ .................... ଖତ ପ୍ରୟାଗ କରୁଥିଲା ।





## 25.7 ରାଷ୍ଟ୍ରୀୟ କୃଷି ନୀତି-2000

ରାଷ୍ଟ୍ରୀୟ କୃଷିନୀତି ଜୁଲାଇ 2000ର ଉଦ୍ଦେଶ୍ୟ କୃଷିକ୍ଷେତ୍ରର ବୃଦ୍ଧି ଦରକୁ 4 ପ୍ରତିଶତ କରିବା । ଏହାର ମୁଖ୍ୟ ବିଶେଷତ୍ୱଗୁଡିକ ହେଲା :

(i) ସଂସ୍ଥାଗତ, ସଂରଚନାତ୍ମକ ଓ କରରେ ସୁଧାର ଭଳି ଉପାୟକୁ ଗ୍ରହଣ କରିବା ।

(ii) ସଂସାଧନ ଓ ବୈଷୟିକ ଜ୍ଞାନ କୌଶଳର ଉପଯୋଗ, ପର୍ଯ୍ୟାପ୍ତ ଋଣର ପ୍ରବନ୍ଧ ଓ ଦରରେ ହ୍ରାସ ବୃଦ୍ଧି ପ୍ରତି ସୁରକ୍ଷା ।

(iii) କୃଷି ଅନୁସନ୍ଧାନରେ ସ୍ୱନିବେଶ (ବ୍ୟକ୍ତିଗତ ନିବେଶ), ମାନବ ବିକାଶ ଓ ଫସଲ ଅମଳର ପରବର୍ତ୍ତୀ ପ୍ରବନ୍ଧ ତଥା ବିପଣନ ସୁବିଧାର ପ୍ରୋତ୍ସାହନ ।

(iv) କୃଷକମାନଙ୍କର ସଂରକ୍ଷଣ ପାଇଁ ବସ୍ତୁ ଅନୁସାରେ ରଣନୀତିର ବିକାଶ ।

(v) ଦୁଧ, ଅଣ୍ଡା ଓ ମାଂସର ଉତ୍ପାଦନ ବୃଦ୍ଧି କରିବାକୁ ରାଷ୍ଟ୍ରୀୟ ପଶୁ ପ୍ରଜନନ ରଣନୀତି ଉପରେ ଜୋର ।

(vi) ଆଇନଗ ଉପାୟ ଦ୍ୱାରା ବୃକ୍ଷ ଆନୁବଂଶିକ ସଂସାଧନର ସଂରକ୍ଷଣ ।

(vii) ଦେଶର ବିଭିନ୍ନ କ୍ଷେତ୍ରରେ ସ୍ଥାନୀୟ ରୂପରେ ଉପଯୁକ୍ତ ଉନ୍ନତ କିସମର ଫସଲର ବିକାଶକୁ ଉଚ୍ଚ ପ୍ରାଥମିକତା ।

(viii) କୃଷି ବସ୍ତୁଗୁଡିକର ବିଭିନ୍ନ ଦେଶ ମଧ୍ୟରେ ଆଦାନ ପ୍ରଦାନ ଉପରେ କଟକଣାର ସମାପ୍ତି ।


(ix) ଖାଦ୍ୟ ଓ ବାଣିଜ୍ୟିକ ଫସଲ ଉପରେ କର ସଂରଚନାର ପୁନଃ ସମୀକ୍ଷା ଓ ସୁଧାର ।

(x) ଗ୍ରାମୀଣ ବିଦ୍ୟୁତୀକରଣକୁ ଉଚ୍ଚ ପ୍ରାଥମିକତା; ତଥା

(xi) ସମସ୍ତ କୃଷି ସଂଚାଳନ ପାଇଁ କୃଷକମାନଙ୍କୁ ବ୍ୟାପକ ବୀମା ନୀତି ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ।

### ଆପଣ କ'ଣ ଶିକ୍ଷା କଲେ

- କୃଷି ଭାରତୀୟ ଅର୍ଥ ବ୍ୟବସ୍ଥାର ମହତ୍ୱପର୍ଣ୍ଣ କ୍ଷେତ୍ର ।
- ଖାଦ୍ୟ, କଞ୍ଚାମାଲ, ରପ୍ତାନୀର ବର୍ଦ୍ଧିତ ଚାହିଦାକୁ ପୂରଣ କରିବା ପାଇଁ କୃଷି ଉତ୍ପାଦନରେ ବୃଦ୍ଧି କରିବାର ଆବଶ୍ୟକତା ।
- କୃଷି ଉତ୍ପାଦନକୁ ବିସ୍ତୃତ କୃଷି ଓ ଗହନ କୃଷି ଦ୍ୱାରା ବୃଦ୍ଧି କରାଯାଇପାରେ ।
- ପ୍ରତି ହେକ୍ଟରର ଉତ୍ପାଦନକୁ ଉତ୍ପାଦକତା କୁହାଯାଏ ।



- ଭାରତରେ 1950-51 ଠାରୁ ବିଭିନ୍ନ ଫସଲର ଉତ୍ପାଦକତା ବଢିଛି, ମାତ୍ର ଅନ୍ୟ ଦେଶ ତୁଳନାରେ ଏହା ଏବେ ବି କମ୍ ଅଛି ।
- ନିମ୍ନ ଉତ୍ପାଦକତାର କାରଣଗୁଡିକ : ଭୂମିର ଉନ୍ନତି ଆଣିବା ପାଇଁ ପ୍ରୋତ୍ସାହନର ଅଭାବ, ଭୂ-ଯୋତର ଛୋଟ ଆକାର, କୃଷି କରିବା ପାଇଁ ପାରମ୍ପରିକ ପଦ୍ଧତି, ଗ୍ରାମୀଣ ଋଣର ଅଭାବ ଏବଂ କୃଷିଜାତ ଦ୍ରବ୍ୟର ସଂରକ୍ଷଣ ନିମିତ୍ତ ଭଣ୍ଡାର ଓ ବ୍ୟବସାୟସ୍ଥଳୀ ସୁବିଧାର ଅଭାବ ।
- ଭାରତରେ କୃଷିର ଉତ୍ପାଦକତାରେ ବୃଦ୍ଧି ଆଣିବାକୁ ଉପାୟ କରଯାଉଛି ।

## ପାଠ୍ୟାନ୍ତ ପ୍ରଶ୍ନ

(1) ଭାରତୀୟ ଅର୍ଥ ବ୍ୟବସ୍ଥାରେ କୃଷିର ମହତ୍ତ୍ୱ ପ୍ରତିପାଦନ କର ।

(2) ଭୂମି-ଉତ୍ପାଦକତାର ତାତ୍ପର୍ଯ୍ୟ କ'ଣ ? ଭାରତରେ ବିଭିନ୍ନ ଫସଲର ଉତ୍ପାଦକତା ସ୍ତରରେ କ'ଣ ପରିବର୍ତ୍ତନ ହୋଇଛି ଏହାର ଆଲୋଚନା କର ? ଅନ୍ୟ ଦେଶ ସହିତ ଏହାର ତୁଳନା କର ।

(3) ଭାରତରେ ନିମ୍ନ କୃଷି ଉତ୍ପାଦକତାର କାରଣ କ'ଣ ?

(4) ଭାରତରେ କୃଷି ଉତ୍ପାଦକତାକୁ ବୃଦ୍ଧି କରିବାକୁ ନିଆଯାଇଥିବା ପଦକ୍ଷେପ କୁହ ।

(5) ଟିପ୍ପଣୀ ଲେଖ

(i) ବିସ୍ତୃତ ଓ ଗହନ କୃଷି

(ii) ଭାରତୀୟ କୃଷିର ଉତ୍ପାଦକତା

(iii) ଗ୍ରାମୀଣ ସଂସ୍ଥାଗତ ଋଣର ସ୍ରୋତ

(iv) ରାଷ୍ଟ୍ରୀୟ କୃଷିନୀତି-୨୦୦୦ର ବିଶେଷତ୍ୱ

## ପାଠ୍ୟଗତ ପ୍ରଶ୍ନର ଉତ୍ତର

**25.1**

1. (i) କୃଷି (ii) ଦୁଇ ତୃତୀୟାଂଶ (iii) ଔଦ୍ୟୋଗିକ (iv) ମହତ୍ତ୍ୱପୂର୍ଣ୍ଣ
(v) ବୃଦ୍ଧି ହୋଇ (vi) ବାଇଶି

2. (i) ଘ (ii) କ (iii) ଖ (iv) ଗ





**25.2**

1 (i) ବିସ୍ତୃତ (ii) ଗହନ (iii) ଉତ୍ପାଦନ (iv) 20 କ୍ୱିଣ୍ଟାଲ

2 (i) ଘ (ii) କ (iii) ଙ (iv) ଗ (v) ଖ

**25.3**

1 (i) ରୟତ ଚାଷୀ (ii) ୭୦ ପ୍ରତିଶତ (iii) ଉପ ବିଭାଜନ ଓ ଅପଖଣ୍ଡନ

(iv) ସାହୁକାର (v) ନାଇଟ୍ରୋଜେନ (vi) 5 ରୁ 10 ଶତକଡ଼ା

25.4

1. (i) ସହଯୋଗ (ii) ଭୂ-ପୃଷ୍ଠ (iii) 225 (iv) 1963

(v) ଗହମ (vi) ଗୋବର

**ପାଠ୍ୟାନ୍ତ ପ୍ରଶ୍ନ ନିମିତ୍ତ ସୂଚନା:**

1 (i) ଖାଦ୍ୟ ଓ ପଶୁଖାଦ୍ୟର ସ୍ରୋତ

(ii) କଞ୍ଚାମାଲର ସ୍ରୋତ

(iii) ଜୀବିକାର୍ଜନର ପ୍ରମୁଖ ସ୍ରୋତ

(iv) ବିଦେଶୀ ବ୍ୟାପାରରେ ଯୋଗଦାନ

(v) ଔଦ୍ୟୋଗିକ ଦ୍ରବ୍ୟର ଚାହିଦା ସ୍ରୋତ

(vi) ରାଷ୍ଟ୍ରୀୟ ଆୟରେ ଯୋଗଦାନ

(2) ପ୍ରତି ହେକ୍ଟୟର ଉତ୍ପାଦନକୁ ଭୂ-ଉତ୍ପାଦକତା କୁହାଯାଏ । ବିଗତ ୪୪ ବର୍ଷରେ ଭାରତରେ ଭୂ-ଉତ୍ପାଦକତାରେ ବୃଦ୍ଧି ଘଟିଛି, ମାତ୍ର ଏହା ଅନ୍ୟ ଦେଶଗୁଡିକ ତୁଳନାରେ ଅତି ନଗଣ୍ୟ । (ଅନୁଭାଗ (25.4 ପଢନ୍ତୁ)

3. (i) ଭୂମିର ଉନ୍ନତି ଆଣିବାରେ ପ୍ରୋତ୍ସାହନର ଅଭାବ ।


(ii) ଯୋତର ବିଭାଜନ ଓ ଅପଖଣ୍ଡନ ।

(iii) ଉଚିତ ଜଳସେଚନ ସୁବିଧାର ଅଭାବ ।

(iv) ପାରମ୍ପରିକ କୃଷି ପଦ୍ଧତିରେ ଚାଷ ।

(v) ଉନ୍ନତବିହନ, ସାର, କୀଟନାଶକ ଔଷଧ ବ୍ୟବହାରରେ ଅଭାବ ।

(vi) ଗ୍ରାମୀଣ ଋଣର ଅଭାବ ।



(vii) ସଂରକ୍ଷଣ ପାଇଁ ଭଣ୍ଡାରଣ, ବିପଣନ ଭଳି ସୁବିଧାର ଅଭାବ । (ଅନୁଭାଗ 25.7 ପଢନ୍ତୁ)

(4) (କ) ସଂସ୍ଥାଗତ ଉପାୟ

(i) ଜମିଦାରୀ ଉଚ୍ଛେଦ

(ii) ରୟତ ଚାଷୀଙ୍କ ସୁରକ୍ଷା

(iii) ଯୋତର ଉଚ୍ଚତମ ସୀମା ନିର୍ଦ୍ଧାରଣ

(iv) ଭୂ-ଯୋତର ଚକବନ୍ଦୀ

(ଖ) ଔଦ୍ୟୋଗିକ ଉପାୟ

(i) ଜଳସେଚନ ସୁବିଧା

(ii) ଉନ୍ନତ ଆଗତ ଯଥା;- ବିହନ, ରାସାୟନିକ ସାର ଓ କୀଟନାଶକ ଔଷଧ

(ଗ) ଅନ୍ୟ ଉପାୟ

(i) ଋଣର ବ୍ୟବସ୍ଥା

(ii) ଅନ୍ୟ ସୁବିଧାଗୁଡିକର ବ୍ୟବସ୍ଥା (ଅନୁଭାଗ 25.6 ପଢନ୍ତୁ)

5. (i) ବିସ୍ତୃତ କୃଷିର ଉଦ୍ଦେଶ୍ୟ କୃଷି ଅନ୍ତର୍ଗତ ସମୁଦାୟ କ୍ଷେତ୍ରରେ ବୃଦ୍ଧି କରିବା, ଗହନ କୃଷିର ଉଦ୍ଦେଶ୍ୟ, ସେହି କୃଷି କ୍ଷେତ୍ରରେ ଅଧିକ ଉତ୍ପାଦନ କରିବା । (ଅନୁଭାଗ 25.3 ପଢନ୍ତୁ)

(ii) ଅନୁଭାଗ 25.4 ପଢନ୍ତୁ

(iii) (i) ସମବାୟ ଋଣ ସମିତି

(ii) ବାଣିଜ୍ୟିକ ବ୍ୟାଙ୍କ

(iii) ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ

(iv) ରାଷ୍ଟ୍ରୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ (ଅନୁଭାଗ 25.6 ପଢନ୍ତୁ)

(iv) (i) କୃଷି କ୍ଷେତ୍ରୀୟରେ 4 ପ୍ରତିଶତ ବୃଦ୍ଧି ହାରର ଲକ୍ଷ୍ୟ

(ii) ସଂସାଧନ, ଔଦ୍ୟୋଗିକ ଓ ଋଣ ଇତ୍ୟାଦିର ଉଚିତ ପ୍ରୟୋଗର ଲକ୍ଷ୍ୟ ।

(iii) କୃଷକଙ୍କ ଉତ୍ପାଦର ସଂରକ୍ଷଣ ପାଇଁ ବସ୍ତୁ ଅନୁସାରେ ରଣନୀତିର ବିକାଶ ।

(iv) ଗ୍ରାମୀଣ ବିଦ୍ୟୁତୀକରଣକୁ ଉଚ୍ଚ ପ୍ରାଥମିକତା । (ଅନୁରାଗ 25.7 ପଢନ୍ତୁ)



# 26

# ଶିଳ୍ପ

# INDUSTRY

ଅର୍ଥ ବ୍ୟବସ୍ଥାରେ ପ୍ରାୟ ୩ଟି କ୍ଷେତ୍ର ଥାଏ- ପ୍ରାଥମିକ, ଦ୍ୱିତୀୟ ଓ ତୃତୀୟ । ପୂର୍ବ ଅଧ୍ୟାୟ (25)ରେ ଆପଣମାନେ କୃଷି ବିଷୟରେ ଅଧ୍ୟୟନ କଲେ, ଯାହାକି ପ୍ରାଥମିକ କ୍ଷେତ୍ର ବା ମୁଖ୍ୟ ଘଟକ । ଏହି ଅଧ୍ୟାୟରେ ଆପଣ ଅର୍ଥ ବ୍ୟବସ୍ଥାର ଦ୍ୱିତୀୟ କ୍ଷେତ୍ର ଅର୍ଥାତ୍ ଶିଳ୍ପ ବିଷୟରେ ଅଧ୍ୟୟନ କରିବେ ।

ଖାଦ୍ୟ ଆମର ପ୍ରମୁଖ ଆବଶ୍ୟକତା ମଧ୍ୟରୁ ଏକ ମାତ୍ର । ଖାଦ୍ୟ ବ୍ୟତୀତ ଆମକୁ ଅନ୍ୟ ଦ୍ରବ୍ୟର ଆବଶ୍ୟକତା ମଧ୍ୟ ହୁଏ, ଯଥା-ଲୁଗା, ଯୋତା, ସାବୁନ, ସାଇକେଲ, କାର, ବସ୍, ଟ୍ରକ, ଉଡାଜାହାଜ, ବିଦ୍ୟୁତ୍ କାଗଜ, ଷ୍ଟୋଭ, ସିଲେଇ ମେସିନ, ରେଡିଓ, ଟିଭି, ଫ୍ରିଜ ଇତ୍ୟାଦି । ଏଗୁଡିକ ଆମକୁ ଶିଳ୍ପରୁ ହିଁ ମିଳିଥାଏ ।

ପିନ୍ କଣ୍ଟାଠାରୁ ଆରମ୍ଭ କରି ଉଡାଜାହାଜ ପର୍ଯ୍ୟନ୍ତ ଅନେକ ଦ୍ରବ୍ୟ ଏହି ଶିଳ୍ପ ଦ୍ୱାରା ନିର୍ମିତ । ଏହି ଅଧ୍ୟାୟରେ ଆପଣ ଭାରତୀୟ ଅର୍ଥ ବ୍ୟବସ୍ଥାରେ ଶିଳ୍ପର ଭୂମିକା ବିଷୟରେ ଅଧ୍ୟୟନ କରିବେ । ଆପଣ ଶିଳ୍ପର ପ୍ରକାର, ଶିଳ୍ପର ନିଷ୍ପାଦକତା, ଶିଳ୍ପର ବିକାଶ ନିମିତ୍ତ ଦାୟୀ କାରକ ତଥା ସେଗୁଡିକ ବିଷୟରେ ଭାରତ ସରକାରଙ୍କ ନୀତି ବିଷୟରେ ମଧ୍ୟ ଅଧ୍ୟୟନ କରିବେ ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟକୁ ଅଧ୍ୟୟନ କଲା ପରେ ଆପଣ :

- ଭାରତୀୟ ଅର୍ଥ ବ୍ୟବସ୍ଥାରେ ଶିଳ୍ପର ଭୂମିକା କହିପାରିବେ ।
- ବିଭିନ୍ନ ପ୍ରକାରର ଶିଳ୍ପର ବର୍ଗୀକରଣର ତାଲିକା କରିପାରିବେ ।
- ଶିଳ୍ପର ବିକାଶ ଉପରେ ପ୍ରଭାବ ପକାଉଥିବା କାରକଗୁଡିକୁ କହିପାରିବେ ଏବଂ
- ଶିଳ୍ପ ପ୍ରତି ଭାରତ ସରକାରଙ୍କର ସ୍ୱାଧୀନତା ପରବର୍ତ୍ତୀ ନୀତି ବିଷୟରେ କହିପାରିବେ ।

## 26.1 ଭାରତୀୟ ଅର୍ଥ ବ୍ୟବସ୍ଥାରେ ଶିଳ୍ପର ମହତ୍ତ୍ୱ

ଆମର ଅର୍ଥ ବ୍ୟବସ୍ଥାରେ ଶିଳ୍ପର ଅନେକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ଏଗୁଡିକର କାରଣ ନିମ୍ନରେ ଦିଆଗଲା ।

(1) ଶିଳ୍ପ, ଉପଭୋଗ ପାଇଁ ଦ୍ରବ୍ୟ ତିଆରି କରେ :

ଉପଭୋକ୍ତାମାନଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ଶିଳ୍ପ ବିଭିନ୍ନ ପ୍ରକାରର ଦ୍ରବ୍ୟ ଉତ୍ପାଦନ କରିଥାଏ । ପିନ୍‌କଣ୍ଟା, କାଗଜ, ପେନ୍‌ସିଲ, ବସ୍ତ୍ର, ଯୋତା, ସାବୁନ, ସାଇକେଲ, ସିଲେଇ ମେସିନ, ରେଡିଓ, ଟିଭି, ଫ୍ରିଜ ଇତ୍ୟାଦି । ଉପଭୋକ୍ତାଙ୍କର ଆବଶ୍ୟକତାର ଦ୍ରବ୍ୟଗୁଡ଼ିକୁ ଶିଳ୍ପ ହିଁ ତିଆରି କରେ ।

(2) ଶିଳ୍ପ ଉତ୍ପାଦନ ଏକକ ପାଇଁ ଦ୍ରବ୍ୟ ତିଆରି କରେ ।

ଶିଳ୍ପ ଉତ୍ପାଦନ ଏକକ ପାଇଁ ମଧ୍ୟ ଆବଶ୍ୟକ ଦ୍ରବ୍ୟର ଉତ୍ପାଦନ କରିଥାଏ । ଯେପରି ଚାଷ, କାରଖାନା, ଦୋକାନ, କାର୍ଯ୍ୟାଳୟ ଇତ୍ୟାଦିଗୁଡ଼ିକ ପାଇଁ । ଏଗୁଡ଼ିକ ମଧ୍ୟରୁ କେତେକ ଦ୍ରବ୍ୟର ଏବଂ ଅଧିକ ଦ୍ରବ୍ୟ ଓ ସେବା ଉତ୍ପାଦନ କରିବାକୁ ଆବଶ୍ୟକ ହୋଇଥାଏ ।

ଉଦାହରଣ ସ୍ୱରୂପ କୃଷକଙ୍କୁ ଫସଲ ଉତ୍ପନ୍ନ କରିବା ପାଇଁ ଟ୍ରାକ୍ଟର, ଫସଲ କାଟିବା ପାଇଁ ମେସିନ, ସାର, କୀଟନାଶକ ଔଷଧ, ବିଦ୍ୟୁତ୍, ଡିଜେଲ ଇତ୍ୟାଦି ଦ୍ରବ୍ୟଗୁଡ଼ିକର ଆବଶ୍ୟକ ହୁଏ । ଏହି ସବୁ ଦ୍ରବ୍ୟଗୁଡ଼ିକୁ ମଧ୍ୟ ଶିଳ୍ପ ତିଆରି କରେ । ବର୍ତ୍ତମାନ ଶିଳ୍ପର ଉଦାହରଣ ନିଆଯାଉ ଶିଳ୍ପକୁ ମେସିନ, କଞ୍ଚାମାଲ, ବିଜୁଳି ଇତ୍ୟାଦିର ଆବଶ୍ୟକତା ରହିଛି । ଯାହାକୁ ଶିଳ୍ପ ନିଜେ ହିଁ ତିଆରି କରିଥାଏ ।


3. ଶିଳ୍ପ ସେବାର ଉତ୍ପାଦନରେ ସହାୟକ ହୋଇଥାଏ :

ଯଦି ଶିଳ୍ପ ବସ୍, ଟ୍ରକ, ରେଳଗାଡ଼ି ଇତ୍ୟାଦି ତିଆରି ନକରେ ତେବେ ଏକ ସ୍ଥାନରୁ ଯିବା ଆସିବା ବା ମାଲ ନେବା ଆଣିବା ଶୀଘ୍ର ସମ୍ଭବ ହେବ ନାହିଁ ଯାହା ଆଜି ଦିନରେ ସମ୍ଭବ ହୋଇପାରୁଛି ।

ଯଦି ଶିଳ୍ପ କାଗଜ, ମୁଦ୍ରଣ ଯନ୍ତ୍ର, କାଳି ଇତ୍ୟାଦି ତିଆରି ନକରେ ତେବେ ଏହି ପାଠ ଆପଣଙ୍କୁ ପଢ଼ିବାକୁ ମିଳନ୍ତା ନାହିଁ । ଶିକ୍ଷା ସେବା ପାଇଁ ବହି, ଖାତା, କଲମ, ଚକ୍ ଆଦିର ଆବଶ୍ୟକତା ହୋଇଥାଏ । ଏସବୁର ତିଆରି ଶିଳ୍ପ ହିଁ କରିଥାଏ ।

ଡାକ୍ତର ଆପଣଙ୍କ ଚିକିତ୍ସା କରିଥାଏ, ଏଥିପାଇଁ ଷ୍ଟେଥୋସ୍କୋପ, ଥର୍ମୋମିଟର, ରକ୍ତ ପରୀକ୍ଷା ଉପକରଣ, ଔଷଧ ପ୍ରଭୃତିର ଆବଶ୍ୟକ ହୋଇଥାଏ ଯାହାକୁ ଶିଳ୍ପ ହିଁ ତିଆରି କରିଥାଏ ।

ବନ୍ଧୁ, ସମ୍ପର୍କୀୟମାନଙ୍କ ସହିତ ସମ୍ପର୍କ ରକ୍ଷା କରିବା ପାଇଁ ଆମକୁ ଡାକସେବା, ଦୂରସଂଚାର ସେବା ଇତ୍ୟାଦିର ଆବଶ୍ୟକ ହୋଇଥାଏ । ଡାକସେବା ପାଇଁ ଆମକୁ ଲଫାପା, ପୋଷ୍ଟକାର୍ଡ, ଡାକ ଟିକେଟ, ଡାକଖୋଳ ଇତ୍ୟାଦିର ଆବଶ୍ୟକ ହୋଇଥାଏ । ଦୂର ସଂଚାର ସେବାପାଇଁ ଆମକୁ ଟେଲିଫୋନ ଯନ୍ତ୍ର, ତାର ଆଦିର ଆବଶ୍ୟକ ହୋଇଥାଏ । ଏହା ମଧ୍ୟ ଆମକୁ ଶିଳ୍ପରୁ ହିଁ ମିଳିଥାଏ ।





(4) ଶିଳ୍ପ ଆମକୁ ଆତ୍ମନିର୍ଭରଶୀଳ ହେବାକୁ ସାହାଯ୍ୟ କରେ ।

ଯଦି ଆମ ଦେଶରେ ଶିଳ୍ପ ନଥାନ୍ତା ତେବେ ଆମକୁ ସମସ୍ତ ନିର୍ମିତ ଦ୍ରବ୍ୟକୁ ଆମଦାନୀ କରିବାକୁ ପଡନ୍ତା । ଆମକୁ ବିଦେଶ ଉପରେ ନିର୍ଭର କରିବାକୁ ପଡନ୍ତା । ଏହି ନିର୍ଭରତା କଦାପି ଭଲ କଥା ନୁହେଁ, କଳ୍ପନା କରନ୍ତୁ ଯେ କଣ ହୁଅନ୍ତା ଯଦି ଯୁଦ୍ଧ ସ୍ଥିତିରେ ବିଦେଶରୁ ଆମଦାନୀ ଦ୍ରବ୍ୟ ଆସିବା ବନ୍ଦ ହୋଇଯାଏ । ଆପଣ ଜାଣନ୍ତି ଯେ ପେଟ୍ରୋଲ ପାଇଁ ଆମଦେଶ ବିଦେଶ ଉପରେ ନିର୍ଭର କରେ। ଯେତେବେଳେ କୁଏତ ଓ ଇରାକରେ ଯୁଦ୍ଧ ଚାଲୁଥିଲା ସେତେବେଳେ ଆମ ଦେଶକୁ ପେଟ୍ରୋଲ ଆସିବା ବନ୍ଦ ହୋଇଯିବା ଫଳରେ ପେଟ୍ରୋଲ ସମସ୍ୟା ସୃଷ୍ଟି ହୋଇଥିଲା। ଶିଳ୍ପ ଦେଶର ଲୋକମାନଙ୍କ ବିଭିନ୍ନ ଚାହିଦାକୁ ପୂରଣ କରି ଦେଶକୁ ସ୍ୱାବଲମ୍ବି ତଥା ଆତ୍ମନିର୍ଭରଶୀଳ କରିଥାଏ। ଇସ୍ପାତ ଶିଳ୍ପର ଉଦାହରଣ ନିଆଯାଉ। ପ୍ରଥମରୁ ଆମେ ଇସ୍ପାତର ଆବଶ୍ୟକତା ପୂରଣ ପାଇଁ ଅନ୍ୟଦେଶ ଉପରେ ନିର୍ଭର କରୁଥିଲେ। ମାତ୍ର ବର୍ତ୍ତମାନ ସ୍ଥିତି ଭିନ୍ନ ହୋଇଯାଇଛି। ଏବେ ଆମେ ଇସ୍ପାତ ଉତ୍ପାଦନରେ ଆମେ ଆତ୍ମନିର୍ଭରଶୀଳ।

(5) ଶିଳ୍ପ ରପ୍ତାନୀକୁ ପ୍ରୋତ୍ସାହନ ଦିଏ


ଯେକୌଣସି ଦେଶ ପାଇଁ ସର୍ବାଧିକ ପ୍ରଯତ୍ନ ସତ୍ତ୍ୱେ ମଧ୍ୟ ପୂର୍ଣ୍ଣ ପ୍ରତିଶତ ଆତ୍ମ ନିର୍ଭରଶୀଳ ହେବା ଅନେକ କଠିନ୍ ହୋଇଥାଏ କାରଣ ଆବଶ୍ୟକ ଉପାଦାନଗୁଡିକ ନ ମିଳିଲେ କେତେକ ଦ୍ରବ୍ୟ ତିଆରି କରିବା ସମ୍ଭବ ହୋଇନଥାଏ। ଏହି ଉପାଦାନଗୁଡିକୁ ମଧ୍ୟ ସେ ଦେଶକୁ ଆମଦାନୀ କରିବାକୁ ପଡେ।

ପରନ୍ତୁ, ଆମଦାନୀ କରିବା ପାଇଁ ବିଦେଶୀ ବିନିମୟର ଆବଶ୍ୟକ ପଡିଥାଏ। କେତେକ ଦ୍ରବ୍ୟକୁ ଦେଶ ନିଜର ଆବଶ୍ୟକତା ଠାରୁ ଅଧିକ ତିଆରି କରିପାରେ। ଏହି ଅତିରିକ୍ତ ଦ୍ରବ୍ୟର ଉତ୍ପାଦନକୁ ରପ୍ତାନି କରି ଉକ୍ତ ବିନିମୟ ମୁଦ୍ରାକୁ ଅର୍ଜନ କରିପାରିଥାଏ।

1996-97 ବର୍ଷରେ ଭାରତର ମୋଟ ରପ୍ତାନୀରେ ଶିଳ୍ପଗୁଡିକର ପ୍ରତିଶତ ଯୋଗଦାନ ଫଳରେ ରପ୍ତାନିରେ ଏହାର ମହତ୍ତ୍ୱ ଜଣାଯାଉଛି। ସେହି ବର୍ଷ କାରଖାନାରେ ତିଆରି ଦ୍ରବ୍ୟର ଭାରତୀୟ ରପ୍ତାନୀରେ ଯୋଗଦାନ ଥିଲା ୭୫ ଶତକଡ଼ା। ଚମଡାରୁ ତିଆରି ଦ୍ରବ୍ୟ, ଅଳଙ୍କାର, ରଙ୍ଗ, ଧାତୁ ଉତ୍ପାଦ, ପରିବହନ ପାଇଁ ଉପକରଣ- ଯନ୍ତ୍ରପାତି, ଅନ୍ୟାନ୍ୟ ଯନ୍ତ୍ରପାତି ଉପକରଣ, ଇଲେକ୍ଟ୍ରୋନିକ୍ସ ଦ୍ରବ୍ୟ, କାର୍ପାସ ବସ୍ତ୍ର, ସିଲାଇ ବସ୍ତ୍ର ଏବଂ ହାତ ତିଆରି ଦ୍ରବ୍ୟଗୁଡିକର ରପ୍ତାନିର କେତେକ ଉଦହରଣ।

6- ଶିଳ୍ପ ଜୀବିକା ନିର୍ବାହର ସ୍ରୋତ

ଶିଳ୍ପ ଲୋକମାନଙ୍କୁ ଜୀବିକାର୍ଜନ ଦେଇଥାଏ। 1990-91 ବର୍ଷରେ ୫ କୋଟିରୁ ଅଧିକ



ଶ୍ରମିକ ଭାରତୀୟ ଶିଳ୍ପରେ କାମ କରୁଥିଲେ । ଏହା ଦେଶର ମୋଟ କାର୍ଯ୍ୟଶୀଳ ଜନସଂଖ୍ୟାର ଏକ ଷଷ୍ଠାଂଶ ଥିଲା ।


କୃଷି ଅପେକ୍ଷା ଶିଳ୍ପରେ ରୋଜଗାର ବୃଦ୍ଧିରେ ଅଧିକ ସୁଯୋଗ ରହିଛି । ଖାଦ୍ୟ ପଦାର୍ଥର ଚାହିଦା ସୀମିତ ହେବା କାରଣରୁ କୃଷିରେ ଆୟର ସୁଯୋଗ ସୀମିତ ଥାଏ । ଯଦି ଆୟ ବୃଦ୍ଧି ହୁଏ ତେବେ ଅଣ-ଖାଦ୍ୟ ପଦାର୍ଥର ଚାହିଦା ଦ୍ରୁତ ଗତିରେ ବଢିଥାଏ । ବସ୍ତ୍ର, ଯୋତା, ଗୃହ, ରେଡିଓ, ଟିଭି ସିଲେଇ ମେସିନ, ଲୁଗାଧୂଆ ମେସିନ, ଗ୍ୟାସ ଚୁଲା ଇତ୍ୟାଦିର ଚାହିଦା ଖାଦ୍ୟପଦାର୍ଥ ଅପେକ୍ଷା ଦ୍ରୁତଗତିରେ ବୃଦ୍ଧି ହୁଏ । ସେତେବେଳେ ଜନସଂଖ୍ୟା ବୃଦ୍ଧିହୁଏ ତେବେ ରୋଜଗାରର ଚାହିଦା ମଧ୍ୟ ବୃଦ୍ଧି ହୋଇଥାଏ । ଶିଳ୍ପ ବର୍ଦ୍ଧିତ ଜନସଂଖ୍ୟାକୁ ଆୟ ଦେବା ପାଇଁ ସହାୟକ ହୋଇଥାଏ ।

7- ଶିଳ୍ପ ପ୍ରାକୃତିକ ସମ୍ବଳ

ପ୍ରକୃତି ଆମକୁ ପର୍ଯ୍ୟାପ୍ତ ପରିମାଣରେ ସଂସାଧନ/ସମ୍ବଳ ଦେଇଛି । ଏଥିରେ କୃଷି ଯୋଗ୍ୟ ଭୂମି, ଖଣିଜ ଭଣ୍ଡାର, ବନ, ଜଙ୍ଗଲ, ନଦୀ, ସମୁଦ୍ର ଇତ୍ୟାଦି ରହିଛି । କେତେକକୁ ଆମେ ଜାଣିଛନ୍ତି ଏବଂ କେତେକକୁ ଆମକୁ ଏବେ ବି ଖୋଜିବାକୁ ବାକି ଅଛି । ଶିଳ୍ପଜାତ ଦ୍ରବ୍ୟ ଯଥା ମେସିନ, ଯନ୍ତ୍ରପାତି ତଥା ଅନ୍ୟାନ୍ୟ ଉପକରଣ ଆଦି ଏହି ସମ୍ବଳଗୁଡିକୁ ଉନ୍ମୋଚନ ତଥା ଉତ୍ତୋଳନ କରିବାରେ ସହାୟକ ହୋଇଥାଏ । ଉଦାହରଣ ସ୍ୱରୂପ, ଟ୍ରାକ୍ଟର କୃଷି କାର୍ଯ୍ୟ ଶୀଘ୍ର କରିଥାଏ । ସାର ଭୂମିର ଉର୍ବରତା ବୃଦ୍ଧି କରିଦିଏ । ସେହିପରି ଶିଳ୍ପଜାତ ଦ୍ରବ୍ୟ ନୂତନ ସଂସାଧନର ଠିକଣା ପାଇବାକୁ ଆମକୁ ସାହାଯ୍ୟ କରିଥାଏ । ଉଦାହରଣ ସ୍ୱରୂପ ସମୁଦ୍ର ମଧ୍ୟରେ ତୈଳର ସନ୍ଧାନ ପାଇଁ ଆମକୁ ପରିଷ୍କୃତ ଯନ୍ତ୍ର, ଉପଗ୍ରହ ତଥା ଅନ୍ୟ ଉପକରଣଗୁଡିକର ଆବଶ୍ୟକ ହୋଇଥାଏ । ଏସବୁ ଦ୍ରବ୍ୟ ଶିଳ୍ପ ଦ୍ୱାରା ତିଆରି ହୋଇଥାଏ ।

## ମନେ ରଖ

- ଶିଳ୍ପ ଭାରତୀୟ ଅର୍ଥ ବ୍ୟବସ୍ଥାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।
- ଏହା ଉପଭୋଗ ଓ ଉତ୍ପାଦନ ଏକକ ଉଭୟ ପାଇଁ ଦ୍ରବ୍ୟର ଉତ୍ପାଦନ କରିଥାଏ ।
- ଏହା ସେବା ଉତ୍ପାଦନରେ ସହାୟକ କରିଥାଏ ।
- ଏହା ଦେଶକୁ ଆତ୍ମନିର୍ଭରଶୀଳ କରିଥାଏ ।
- ଏହା ରପ୍ତାନୀକୁ ପ୍ରୋତ୍ସାହନ ଦେଇଥାଏ ।
- ଏହା ଜୀବିକାର୍ଜନର ମହତ୍ତ୍ୱପୂର୍ଣ୍ଣ ସାଧନ ଅଟେ ।
- ଏହା ପ୍ରାକୃତିକ ସମ୍ପଦର ସନ୍ଧାନ ତଥା ବିନିଯୋଗରେ ସହାୟତା କରେ ।





## ପାଠ୍ୟଗତ ପ୍ରଶ୍ନ 26.1

1 ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର ।

(i) ................ ପ୍ରାଥମିକ କ୍ଷେତ୍ରର ମୁଖ୍ୟ ଘଟକ । (ଖନନ, କୃଷି)

(ii) 1996-97ରେ ଶିଳ୍ପଜାତ ଉତ୍ପାଦର ମୋଟ ରପ୍ତାନୀରେ ଯୋଗଦାନ........ ଥିଲା । (୭୫ ପ୍ରତିଶତ,୨୫ ପ୍ରତିଶତ)

(iii) 1990-91ରେ ଶିଳ୍ପରେ କାର୍ଯ୍ୟରତ ଲୋକସଂଖ୍ୟା ............. ଥିଲା। (୫ କୋଟି, ୪ କୋଟି)

(iv) ଅର୍ଥ ବ୍ୟବସ୍ଥାରେ ଶିଳ୍ପ................. କ୍ଷେତ୍ରର ବ୍ୟବସାୟ । (ପ୍ରାଥମିକ, ଦ୍ୱିତୀୟକ)

2) ନିମ୍ନ ଉକ୍ତିରୁ କେଉଁଟି ଠିକ୍ ଏବଂ କେଉଁଟି ଭୁଲ।

(i) ଶିଳ୍ପ କେବଳ ଉପଭୋକ୍ତାଙ୍କ ପାଇଁ ଦ୍ରବ୍ୟ ତିଆରି କରିଥାଏ ।

(ii) ଶିଳ୍ପ, ପରିବହନ, ସ୍ୱାସ୍ଥ୍ୟ, ସଞ୍ଚାର ଏବଂ ଶିକ୍ଷାସେବାଗୁଡ଼ିକର ଉତ୍ପାଦନରେ ସହାୟତା କରିଥାଏ

(iii) ଭାରତ ପେଟ୍ରୋଲ ଉତ୍ପାଦନରେ ଆତ୍ମନିର୍ଭରଶୀଳ ।

(iv) ରପ୍ତାନୀର ମହତ୍ତ୍ୱ କେବଳ ଆମଦାନୀ ପାଇଁ ବିଦେଶୀ ବିନିମୟ ଅର୍ଜନ କରିବା ।


## 26.2 ଶିଳ୍ପର ଶ୍ରେଣୀ ବିଭାଗ

ଶିଳ୍ପର ଶ୍ରେଣୀ ବିଭାଗ ନିମ୍ନଲିଖିତ ଆଧାର ଉପରେ କରାଯାଇପାରେ ।

(କ) ମାଲିକାନା (ଖ) ଉତ୍ପାଦନର ମାନଦଣ୍ଡ (ଗ) ଉପଯୋଗ

**(କ) ମାଲିକାନା**

ସରକାର, କୌଣସି ବ୍ୟକ୍ତି, ବ୍ୟକ୍ତି ସମୂହ ବା ସରକାର ଏବଂ ବ୍ୟକ୍ତି, ଉଭୟ କୌଣସି ଶିଳ୍ପର ମାଲିକ ହୋଇପାରନ୍ତି । ଯେଉଁ ଶିଳ୍ପଗୁଡ଼ିକର ମାଲିକାନା ସମ୍ପୂର୍ଣ୍ଣ ରୂପେ ସରକାରଙ୍କ ପାଖରେ ଥାଏ ସେଗୁଡ଼ିକୁ ସରକାରୀ ଶିଳ୍ପ କୁହାଯାଏ। ଏଠାରେ ସରକାରୀ ଅର୍ଥ କେନ୍ଦ୍ରୀୟ, ରାଜ୍ୟ ଓ ସ୍ଥାନୀୟ ସ୍ତରର ସମସ୍ତ, ସରକାରଙ୍କୁ ବୁଝାଏ। ଏହାକୁ ମଧ୍ୟ ସାର୍ବଜନୀକ କ୍ଷେତ୍ରର ଶିଳ୍ପ କୁହାଯାଏ। ଭାରତରେ ଏହି ସରକାରୀ ଶିଳ୍ପର କେତେକ ଉଦାହରଣ ହେଉଛି ଭାରତୀୟ ଇସ୍ପାତ ପ୍ରାଧିକରଣ (ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ), ହିନ୍ଦୁସ୍ତାନ ମେସିନ୍ ଟୁଲ୍ସ ଲିମିଟେଡ, ମିନେରାଲ୍ସ ଏଣ୍ଡ



ମେଟାଲ ଟ୍ରେଡିଂ କର୍ପୋରେସନ, ରାଷ୍ଟ୍ରୀୟ ଇସ୍ପାତ ନିଗମ ଇତ୍ୟାଦି ।

ବ୍ୟକ୍ତି ବା ବ୍ୟକ୍ତି ସମୂହର ମାଲିକାନା ଥିବା ଶିଳ୍ପକୁ ବ୍ୟକ୍ତିଗତ, ଘରୋଇ ବା ବେସରକାରୀ ଶିଳ୍ପ କୁହାଯାଏ । ରାନବାକ୍ସି ଲାବୋରେଟୋରିଜ୍, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ, ନେସ୍‌ଲେ ଇଣ୍ଡିଆ ଲିମିଟେଡ, ବଜାଜ ଅଟୋ ଲିମିଟେଡ ଏବଂ ଶ୍ରୀରାମ ଫର୍ଟିଲାଇଜର୍ସ ଇତ୍ୟାଦି ଏହାର କେତେକ ଉଦାହରଣ ।

ଶିଳ୍ପର ମାଲିକ ଉଭୟ ସରକାର ଓ ବ୍ୟକ୍ତି ମଧ୍ୟ ହୋଇପାରନ୍ତି । ଏପରି ଉଦ୍ୟମରେ ଶିଳ୍ପକୁ ଯୌଥ/ମିଳିତ ଶିଳ୍ପ କୁହାଯାଏ ।

**(ଖ) ଉତ୍ପାଦନର ମାନଦଣ୍ଡ**

ମାନଦଣ୍ଡ ଅର୍ଥାତ୍ ଏ ସ୍ଥାନରେ ଶିଳ୍ପର ଆକାର । ଏହି ଆକାର ପୁଞ୍ଜି ବା ଶ୍ରମିକମାନଙ୍କ ସଂଖ୍ୟାର ଆଧାର ଉପରେ ମପାଯାଏ । ଉତ୍ପାଦନର ମାନଦଣ୍ଡ ଆଧାର ଉପରେ ଶିଳ୍ପକୁ ଛୋଟ ମାନଦଣ୍ଡ ଓ ବୃହତ୍ ମାନଦଣ୍ଡର ଶିଳ୍ପରେ ବିଭକ୍ତ କରାଯାଏ । ଭାରତରେ ଏହି ଶ୍ରେଣୀ ବିଭାଗର ଆଧାର ସ୍ଥାୟୀ ବିନିଯୋଗ/ନିବେଶ ଉପରେ ହୋଇଥାଏ ଯେଉଁଥିରେ କାରଖାନା, ଯନ୍ତ୍ରପାତି ଏବଂ ଉପକରଣ ଉପରେ କରାଯାଇଥିବା ବିନିଯୋଗକୁ ଯୋଗ କରାଯାଏ ।

ଯେକୌଣସି ଏକ ଶିଳ୍ପ ଏକକରେ କରାଯାଇଥିବା ନିବେଶ ଏକ ନିଶ୍ଚିତ ସୀମାରୁ କମ୍ ହୋଇଥାଏ ତାହାକୁ ଲଘୁ ଉଦ୍ୟୋଗ ବା ଲଘୁ ଶିଳ୍ପ କୁହାଯାଏ । ଏହି ନିବେଶ ସୀମାକୁ ସରକାର ନିର୍ଦ୍ଧାରଣ କରିଥାନ୍ତି ଓ ସମୟ ଅନୁସାରେ ବଦଳାଇଥାନ୍ତି ଏବଂ ନିବେଶ ପରିବ୍ୟୟ ବଢିଲେ ଏହି ସୀମାକୁ ବଢାଇଥାନ୍ତି ।

ଏହି ସମସ୍ତ ଏକକ ଯେଉଁଥିରେ ୧ କୋଟିରୁ ଅଧିକ ସ୍ଥିର ପୁଞ୍ଜି ବିନିଯୋଗ ହୋଇନଥାଏ ତାହାକୁ ଲଘୁ ଶିଳ୍ପ କୁହାଯାଏ ।

(ଗ) ଉପଯୋଗ

ଦ୍ରବ୍ୟଗୁଡିକ ଉପଭୋଗ ବା ଉତ୍ପାଦନ ନିମିତ୍ତ ଉପଯୋଗରେ ଆସିଥାଏ । ଏହା ଶିଳ୍ପର ଶ୍ରେଣୀ ବିଭାଗର ତୃତୀୟ ଆଧାର । ଏହା ଅନୁଯାୟୀ ଶିଳ୍ପକୁ ଉତ୍ପାଦକ ଦ୍ରବ୍ୟ ଶିଳ୍ପ ଏବଂ ଉପଭୋକ୍ତା ଦ୍ରବ୍ୟ ଶିଳ୍ପରେ ଶ୍ରେଣୀଭୁକ୍ତ କରାଯାଇଥାଏ ।

(i) ଉପଭୋକ୍ତା ଦ୍ରବ୍ୟ ଶିଳ୍ପ

ଏହି ଶିଳ୍ପ ଉପଭୋଗ ଦ୍ରବ୍ୟର ଉତ୍ପାଦନ କରିଥାଏ ଯଥା- ଲୁଗା, ଯୋତା, ପିନ, ସାବୁନ, ଘଣ୍ଟା, ଟିଭି, ରେଡିଓ, ଫ୍ରିଜ, ୱାଶିଂମେସିନ ଇତ୍ୟାଦି ।

(ii) ଉତ୍ପାଦକ ଦ୍ରବ୍ୟ ଶିଳ୍ପ

ଏହି ଶିଳ୍ପ ଉତ୍ପାଦନ କରିବାକୁ ଆବଶ୍ୟକ ବସ୍ତୁଗୁଡିକୁ ତିଆରି କରିଥାଏ ଯଥା : ସାର, ଲୁହା, ଇସ୍ପାତ, ସିମେଣ୍ଟ, ରସାୟନ, ଉପକରଣ ଯନ୍ତ୍ରପାତି ଇତ୍ୟାଦି ।

## 26.3 ଶିଳ୍ପ ବିକାଶ ଉପରେ ପ୍ରଭାବ ପକାଉଥିବା କାରକ ସମୂହ

ନିମ୍ନଲିଖିତ କାରକଗୁଡିକ ଶିଳ୍ପର ବିକାଶ ଉପରେ ପ୍ରଭାବ ପକାଇଥାଏ ।

**1) କଞ୍ଚାମାଲର ଉପଲବ୍ଧି :**

ଉତ୍ପାଦନ ପାଇଁ କଞ୍ଚାମାଲ ଏକ ମହତ୍ତ୍ୱପୂର୍ଣ୍ଣ ଆଗତ । କଞ୍ଚାମାଲ ବ୍ୟତୀତ କୌଣସି ଉତ୍ପାଦନ କରାଯାଇପାରିବ ନାହିଁ । ଉଦାହରଣ ସ୍ୱରୂପ ଚକୋଲେଟ୍ କାରଖାନା, କଞ୍ଚାମାଲ ଭାବରେ କୋକୋ, ଦୁଧ ଓ ଚିନିର ବ୍ୟବହାର କରିଥାନ୍ତି । ଯେତେବେଳେ କାରଖାନାରେ ବିକାଶ ହୋଇଥାଏ ସେତେବେଳେ ଏହାକୁ ଅଧିକ କଞ୍ଚାମାଲର ଆବଶ୍ୟକ ହୋଇଥାଏ, ଯଦି କଞ୍ଚାମାଲ ଉପଲବ୍ଧ ନହୁଏ ତେବେ ଏହାର ବିକାଶ ବାଧାପ୍ରାପ୍ତ ହେବ ।

**2) ବୈଷୟିକ ଜ୍ଞାନର ଉପଲବ୍ଧତା**


ଶିଳ୍ପର ବିକାଶରେ ବୈଷୟିକ ବା ପ୍ରଯୁକ୍ତିବିଦ୍ୟା ଏକ ମହତ୍ତ୍ୱପୂର୍ଣ୍ଣ କାରକ । ଏହି ବୈଷୟିକ ଜ୍ଞାନ ବା ପ୍ରଯୁକ୍ତିବିଦ୍ୟାର ସ୍ତର ଯେତେ ଉଚ୍ଚ ହେବ ଉତ୍ପାଦନର ସ୍ତର ସେତେ ହିଁ ଅଧିକ ହେବ । ଅଧିକ ଯନ୍ତ୍ରପାତିର ବ୍ୟବହାର କରୁଥିବା କାରଖାନା, ଅଧିକ ଶ୍ରମର ଉପଯୋଗ କରୁଥିବା କାରଖାନା ଅପେକ୍ଷା ଅଧିକ ଉତ୍ପାଦନ କରିଥାଏ ।

3) ଆଧାରଗତ ସଂରଚନାର ଉପଲବ୍ଧତା

ଆଧାରଗତ ସଂରଚନାର ସୁବିଧା ମଧ୍ୟରେ ସଡ଼କ, ରେଳପଥ, ବିମାନ ବନ୍ଦର, ପୋତାଶ୍ରୟ, ବିଦ୍ୟୁତ୍ ଇତ୍ୟାଦି ଆସିଥାଏ । ଏହି ସୁବିଧାଗୁଡିକ କାରଖାନା ଆରମ୍ଭ ତଥା ଅର୍ଥ ବ୍ୟବସ୍ଥାର ସମୃଦ୍ଧି ଓ ବିକାଶ ପାଇଁ ଆବଶ୍ୟକ ।

ଆପଣ କଳ୍ପନା କରିପାରିବେ କି, ଯଦି ବିଦ୍ୟୁତ୍‌ଶକ୍ତିର ଉପଲବ୍ଧ ନହୁଏ ତେବେ କ'ଣ ହେବ ? ଯଦି ଅନ୍ୟ ଆବଶ୍ୟକ ଆଗତଗୁଡିକର ସୁବିଧା ଉପଲବ୍ଧ ହୋଇ ବିଦ୍ୟୁତ୍ ନଥାଏ ତେବେ କ'ଣ କାରଖାନା ଉତ୍ପାଦନ କରିପାରିବ ?

ଆପଣ ମଧ୍ୟ କଳ୍ପନା କରନ୍ତୁ ଯେ ଯଦି ଉତ୍ତମ ପରିବହନ ବ୍ୟବସ୍ଥା ନମିଳେ, ତେବେ କାରଖାନାକୁ କିପ୍ରକାର ଅସୁବିଧା ଭୋଗିବାକୁ ପଡିବ ? ଯଦି ସଡ଼କ ଓ ରେଳପଥ ନଥାଏ ତେବେ ଦ୍ରବ୍ୟ ସାମଗ୍ରୀ ଓ କଞ୍ଚାମାଲଗୁଡିକୁ ନେବା ଆଣିବାରେ କଷ୍ଟକର ହେଇଯିବ ।



### 4) ଶ୍ରମଶକ୍ତିର ଉପଲବ୍ଧତା

ଶିଳ୍ପର ବିକାଶରେ ଶ୍ରମ ଶକ୍ତିର ଉପଲବ୍ଧତା ଏକ ମହତ୍ତ୍ୱପୂର୍ଣ୍ଣ ଉପାଦାନ । ଶ୍ରମଶକ୍ତିର ଉଦ୍ଦେଶ୍ୟ ଦକ୍ଷ ଓ ଅଣ-ଦକ୍ଷ ଉଭୟ ପ୍ରକାର ଶ୍ରମ । ଦ୍ରୁତ ଶିଳ୍ପ ବିକାଶ ପାଇଁ ଦକ୍ଷ ଶ୍ରମର ଆବଶ୍ୟକତା ଅତ୍ୟଧିକ ହୋଇଥାଏ ।

### 5) ମାଲିକ-କର୍ମଚାରୀ ସମ୍ପର୍କ

କାରଖାନାର ପ୍ରକ୍ରିୟା ସୁରୁଖୁରୁରେ ଚାଲିବା ପାଇଁ ଏହାର ମାଲିକ ଓ କର୍ମଚାରୀଙ୍କ ମଧ୍ୟରେ ସୁସ୍ଥ ସମ୍ପର୍କ ରହିବା ଅତ୍ୟନ୍ତ ଆବଶ୍ୟକ । ଉତ୍ତେଜନାପୂର୍ଣ୍ଣ ସମ୍ପର୍କ, ଧର୍ମଘଟ ଓ ତାଲାବନ୍ଦ ଇତ୍ୟାଦିକୁ ଜନ୍ମଦିଏ ଯାହାଦ୍ୱାରା ଉତ୍ପାଦନରେ କ୍ଷତି ହୁଏ । ଅତଏବ ଶ୍ରମ ସମ୍ବନ୍ଧର ଶାନ୍ତି ତଥା ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ହେବା ନିତାନ୍ତ ଜରୁରୀ ।

### 6) ଦ୍ରବ୍ୟର ଚାହିଦା

କାରଖାନାରେ ସେହି ଦ୍ରବ୍ୟଗୁଡିକର ଉତ୍ପାଦନ ହୋଇଥାଏ ଯାହାର ଚାହିଦା ଥାଏ । ଯେକୌଣସି ବ୍ୟବସାୟୀ ଅର୍ଥ ବିନିଯୋଗ କରିବା ପୂର୍ବରୁ ଏକଥା ବିଚାର କରିଥାଏ, ଯେ ତାଙ୍କର ଉତ୍ପାଦର ଚାହିଦା ଅଛି କି ନାହିଁ । ଯଦି ଚାହିଦା ନଥାଏ ତେବେ ଉତ୍ପାଦନ ପାଇଁ ବିନିଯୋଗ କରିବେ ନାହିଁ । ଏହା ଆବଶ୍ୟକ ନୁହେଁ ଯେ ଚାହିଦା କେବଳ ଦେଶ ମଧ୍ୟରେ ହିଁ ହେଉ, ବୈଦେଶିକ ଚାହିଦା ମଧ୍ୟ ହୋଇପାରେ ।

**ମନେରଖ**

- ଶିଳ୍ପର ଶ୍ରେଣୀ ବିଭାଗ ତିନୋଟି ଆଧାର ଉପରେ କରାଯାଇପାରେ, ମାଲିକାନା, ଉତ୍ପାଦନର ମାନଦଣ୍ଡ ଏବଂ ଉପଯୋଗ ।
- ମାଲିକାନା ଆଧାର ଉପରେ କାରଖାନାଗୁଡିକୁ ବ୍ୟକ୍ତିଗତ, ସରକାରୀ/ସାର୍ବଜନୀକ ଓ ମିଳିତ/ ଯୌଥ କାରଖାନାରେ ବିଭକ୍ତ କରାଯାଇପାରେ ।
- ମାନଦଣ୍ଡର ଆଧାର ଉପରେ ଶିଳ୍ପକୁ ଗୁରୁ ଶିଳ୍ପ ଓ ଲଘୁଶିଳ୍ପ (ବୃହତ୍ ଉଦ୍ୟୋଗ ଓ ଲଘୁ ଉଦ୍ୟୋଗ)ରେ ବିଭକ୍ତ କରାଯାଇପାରେ ।
- ଉପଯୋଗ ଆଧାର ଉପରେ ଶିଳ୍ପକୁ ଉପଭୋକ୍ତା ଦ୍ରବ୍ୟ ଓ ଉତ୍ପାଦକ ଦ୍ରବ୍ୟ ଶିଳ୍ପରେ ବିଭକ୍ତ କରାଯାଇପାରେ ।
- ଶିଳ୍ପର ବିକାଶ ଉପରେ ପ୍ରଭାବ କରୁଥିବା କେତେକ କାରକ : କଞ୍ଚାମାଲର ଉପଲବ୍ଧି, ପ୍ରଯୁକ୍ତିବିଦ୍ୟା, ଶ୍ରମଶକ୍ତି, ଆଧାର ସଂରଚନା ସୁବିଧାର ଉପଲବ୍ଧତା, ସୌହାର୍ଦ୍ଦ୍ୟପୂର୍ଣ୍ଣ ମାଲିକ-କର୍ମଚାରୀ ସମ୍ପର୍କ ଓ ଶିଳ୍ପ ନିର୍ମିତ ଦ୍ରବ୍ୟଗୁଡିକର ଚାହିଦା

## ପାଠଗତ ପ୍ରଶ୍ନ 26.2

1) ବନ୍ଧନୀ ମଧ୍ୟରୁ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(i) ସରକାରଙ୍କ ମାଲିକାନା ଥିବା ଶିଳ୍ପକୁ ..................... ଶିଳ୍ପ କୁହାଯାଏ । (ସାର୍ବଜନୀକ, ବ୍ୟକ୍ତିଗତ)

(ii) ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ ....................... ଶିଳ୍ପର ଉଦାହରଣ । (ସାର୍ବଜନୀକ, ବ୍ୟକ୍ତିଗତ)

(iii) ଏକ ଲଘୁସ୍ତରୀୟ ଶିଳ୍ପ ତାହାକୁ କୁହାଯାଏ ଯେଉଁଥିରେ ସ୍ଥିର ପୁଞ୍ଜିର ନିବେଶ ...............ରୁ ଅଧିକ ହୋଇନଥିବ । (୧ କୋଟି, ୫ କୋଟି)

2) ଠିକ୍ ଭୁଲ କୁହ

(i) ସିମେଣ୍ଟ କାରଖାନା ଉପଭୋକ୍ତା ବସ୍ତୁ କାରଖାନାର ଉଦାହରଣ ।

(ii) ଦକ୍ଷ ଶ୍ରମର ଉପଲବ୍ଧତା ଶିଳ୍ପ ବିକାଶ ନିମିତ୍ତ ଆବଶ୍ୟକ ।

(iii) ବିଦ୍ୟୁତ୍, ଆଧାରଗତ ସଂରଚନାର ଉଦାହରଣ ।


(iv) କୌଣସି କାରଖାନାକୁ ଅବାଧରେ ଚଳାଇବାକୁ କର୍ମଚାରୀ ଓ ମାଲିକଙ୍କ ମଧ୍ୟରେ ସହଯୋଗ ଆବଶ୍ୟକ ନୁହେଁ ।

## 26.4 ସରକାରଙ୍କ ଶିଳ୍ପ ନୀତି

ସରକାରଙ୍କ ସେହିସବୁ ନିୟମ ଓ ଆଇନରେ ଶିଳ୍ପନୀତିର ଉଦ୍ଦେଶ୍ୟ ହେଉଛି, ଯେ ଦେଶରେ ଶିଳ୍ପଗତ କାର୍ଯ୍ୟକୁ ଦିଗ ଦର୍ଶାଇବା । ସରକାର ନିଜ ନୀତି ସମୟ ସମୟରେ ସଂଶୋଧନ ଓ ପରିବର୍ତ୍ତନ କରାଯାଉଥିବା ବିଭିନ୍ନ ଶିଳ୍ପଭିତ୍ତିକ ନୀତିକୁ ପ୍ରସ୍ତାବ ମାଧ୍ୟମରେ ବ୍ୟକ୍ତ କରିଥାନ୍ତି । ଆସନ୍ତୁ ଏହିସବୁ ପ୍ରସ୍ତାବ ବିଷୟରେ ଜାଣିବା ।

**(କ) ସାର୍ବଜନୀକ ଓ ବ୍ୟକ୍ତିଗତ ବା ଘରୋଇ କ୍ଷେତ୍ରର ଶିଳ୍ପର ଶ୍ରେଣୀ ବିଭାଗ :**

ସ୍ୱାଧୀନତାପ୍ରାପ୍ତି ପରେ ସରକାର ଏକ ନିର୍ଦ୍ଧାରିତ ନୀତି ଗ୍ରହଣ କରି ଶିଳ୍ପ ବିକାଶର ଉତ୍ତର ଦାୟିତ୍ୱର ବିଭାଜନ ସାର୍ବଜନୀକ ଓ ବ୍ୟକ୍ତିଗତ କ୍ଷେତ୍ରରେ କରିଛନ୍ତି । ପ୍ରଥମଥର ଏହି ବିଭାଜନର ଉଲ୍ଲେଖ ୧୯୪୮ ମସିହାର ଶିଳ୍ପନୀତି ପ୍ରସ୍ତାବରେ କରାଗଲା, ଯାହାକୁ ୧୯୫୬ରେ ପୁନଃ ସଂଶୋଧନ କରାଗଲା । ୧୯୯୧ ପର୍ଯ୍ୟନ୍ତ ଏହି ପ୍ରସ୍ତାବ ଦିଗ ନିର୍ଦ୍ଦେଶର କାମ କଲା । ୧୯୯୧ରେ ନୂତନ ନୀତି ପ୍ରସ୍ତାବରେ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଗଲା । ଆସନ୍ତୁ ସର୍ବପ୍ରଥମେ ଆମେ ୧୯୫୬ର



ଶିଳ୍ପନୀତି ପ୍ରସ୍ତାବର ମୁଖ୍ୟ ବିଷୟ ଜାଣିବା ।

୧୯୫୬ର ଶିଳ୍ପନୀତି ପ୍ରସ୍ତାବ, ଶିଳ୍ପଗୁଡ଼ିକୁ ନିମ୍ନଲିଖିତ ତିନୋଟି ଅନୁସୂଚୀରେ ବିଭକ୍ତ କରିଛି ।

(i) ଅନୁସୂଚୀ- 'କ'

ଏହି ବିଭାଗରେ ୧୭ଟି ଶିଳ୍ପକୁ ରଖାଯାଇଛି ଯେଉଁଗୁଡ଼ିକ ସମ୍ପୂର୍ଣ୍ଣ ସାର୍ବଜନୀକ କ୍ଷେତ୍ର ପାଇଁ ଅର୍ଥାତ୍ ସରକାରୀ ମାଲିକାନା ସତ୍ତ୍ୱରେ । ଏହାର ଉଦାହରଣ ହେଉଛି, ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ, ଅଣୁଶକ୍ତି, ଲୌହ ଓ ଇସ୍ପାତ, ବିମାନ ପରିବହନ, ରେଳ ପରିବହନ, ଟେଲିଫୋନ, ବିଦ୍ୟୁତ୍ ଇତ୍ୟାଦିର ଉତ୍ପାଦନ ଓ ବଣ୍ଟନ ।

(ii) ଅନୁସୂଚୀ- 'ଖ'

ଏହି ବିଭାଗରେ ୧୨ଟି ଶିଳ୍ପ ତାଲିକାଭୁକ୍ତ ଥିଲେ । ଏଥିରେ ନୂତନ ଶିଳ୍ପ ସ୍ଥାପନ କରିବାକୁ ଦାୟିତ୍ୱ ସରକାରଙ୍କୁ ଦିଆଗଲା ମାତ୍ର ଘରୋଇ କ୍ଷେତ୍ରରେ ମଧ୍ୟ ଏଥିରେ ଯୋଗଦାନ ପାଇବାର ଆଶା କରାଗଲା, ଏହାର କେତେକ ଉଦାହରଣ ହେଉଛି ଯନ୍ତ୍ରପାତି, ଉପକରଣ, ରାସାୟନିକ, ସାର, ସଡ଼କ ଓ ସମୁଦ୍ର ପରିବହନ ।


(iii) ଅନୁସୂଚୀ- 'ଗ'

ଏହି ବିଭାଗରେ ବାକି ଥିବା ଅନ୍ୟ ଶିଳ୍ପଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଥିଲା ଯାହା 'କ' ଓ 'ଖ' ଅନୁସୂଚୀରେ ତାଲିକାଭୁକ୍ତ ନଥିଲେ । ଏଗୁଡ଼ିକର ବିକାଶର ଦାୟିତ୍ୱ ସମ୍ପୂର୍ଣ୍ଣ ରୂପେ ଘରୋଇ କ୍ଷେତ୍ର ଉପରେ ଛାଡ଼ି ଦିଆଯାଇଥିଲା ।

ଘରୋଇ ତଥା ସାର୍ବଜନୀକ କ୍ଷେତ୍ର ମଧ୍ୟରେ ଦାୟିତ୍ୱ ବଣ୍ଟନ ଫଳରେ ଜଣାଯାଏ ଯେ ଭାରତୀୟ ଅର୍ଥ ବ୍ୟବସ୍ଥା ଏକ ମିଶ୍ରିତ ଅର୍ଥ ବ୍ୟବସ୍ଥା । ମିଶ୍ରିତ ଅର୍ଥ ବ୍ୟବସ୍ଥା ତାହାକୁ କୁହାଯାଇଥାଏ, ଯାହା ସରକାରୀ ଓ ଘରୋଇ ଉଭୟ କ୍ଷେତ୍ର ଏକତ୍ର ମିଳିତ ହୋଇଥାନ୍ତି ଏବଂ ଶିଳ୍ପ ବିକାଶକୁ ପ୍ରୋତ୍ସାହନ ଦେବାରେ ପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି ।

ଜୁଲାଇ ୧୯୯୧ର ଶିଳ୍ପ ନୀତିରେ ଘରୋଇ ଓ ସରକାରୀ କ୍ଷେତ୍ରର ଭୂମିକାରେ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଗଲା । ଏହାକୁ ନୂତନ ଅର୍ଥନୈତିକ ନୀତି ମଧ୍ୟ କୁହାଯାଏ । ୧୯୯୧ର ନୀତିରେ ଘରୋଇ କ୍ଷେତ୍ରରେ ଭୂମିକାକୁ ବଢାଇ ଦିଆଗଲା । ଘରୋଇ କ୍ଷେତ୍ରକୁ ବର୍ତ୍ତମାନ ସେହି ଶିଳ୍ପକୁ ମଧ୍ୟ ସ୍ଥାପନ କରିବାକୁ ସ୍ୱୀକୃତି ଦିଆଗଲା ଯାହା ସର୍ବପ୍ରଥମେ କେବଳ ସାର୍ବଜନୀକ ବା ସରକାରୀ କ୍ଷେତ୍ର ପାଇଁ ସୁରକ୍ଷିତ ଥିଲା ।

୧୯୫୬ ନୀତିରେ ସରକାରୀ କ୍ଷେତ୍ର ପାଇଁ ୧୭ଟି ଶିଳ୍ପ ସୁରକ୍ଷିତ ଥିଲେ । ନୂତନ ଅର୍ଥିକ





ନୀତି ପରେ ଏହି ସଂଖ୍ୟା ହ୍ରାସ ପାଇ ୮ଟିରେ ରହିଲା । ୨୦୦୧ରେ କେବଳ ୩ଟି ଶିଳ୍ପ ବିଶିଷ୍ଟ ରୂପେ ସରକାରୀ/ସାର୍ବଜନୀକ କ୍ଷେତ୍ର ପାଇଁ ସଂରକ୍ଷିତ ଅଛି । ଏଗୁଡିକ (i) ଆଣବିକ ଶକ୍ତି (ii) ଆଣବିକ ଶକ୍ତିର ଅନୁସୂଚୀରେ ନିର୍ଦ୍ଦିଷ୍ଟ ଖଣିଜ ପଦାର୍ଥ (iii) ରେଳ ପରିବହନ ।

(ଖ) ଶିଳ୍ପଗତ ଲାଇସେନ୍ସ (ସରକାରୀ ଅନୁମତି)

ଲାଇସେନ୍ସର ଅର୍ଥ କାରଖାନା ଆରମ୍ଭ କରିବା ପାଇଁ ସରକାରଙ୍କ ଠାରୁ ଅନୁମତି ନେବା । ଏହାର ଉଦ୍ଦେଶ୍ୟ ସରକାରଙ୍କ ଶିଳ୍ପ ନୀତି ଅନୁସାରେ କାରଖାନା ଉପରେ ନିୟନ୍ତ୍ରଣ ରଖିବା । ୧୯୫୧ରେ ଭାରତ ସରକାର ଶିଳ୍ପ ବିକାଶ ଓ ପରିଚାଳନା ଅଧିନିୟମ-୧୯୫୧ ପ୍ରଚଳନ କଲେ । ଏହି ଅଧିନିୟମ ଦ୍ୱାରା ଶିଳ୍ପଗତ ଲାଇସେନ୍ସ ନୀତି ପାଇଁ ଏକ ବ୍ୟାପକ ରୂପରେଖ ପ୍ରଦାନ କଲେ । ଏହାର କେତେକ ଉଦ୍ଦେଶ୍ୟ ନିମ୍ନରେ ଦିଆଗଲା ।

1) ସରକାରଙ୍କ ନିର୍ଦ୍ଧାରିତ ନୀତି ଅନୁସାରେ ଶିଳ୍ପର ବିକାଶ କରିବା ।

2) ବଡ଼ଧରଣର (ମାନଦଣ୍ଡର) କାରଖାନାର ଅନୁଚିତ ପ୍ରସାରଣ ନିୟନ୍ତ୍ରିତ କରିବା ଯାହାକି ଅର୍ଥନୈତିକ ଶକ୍ତିର କେନ୍ଦ୍ରୀକରଣ ନହେଉ ।

3) ଲଘୁଶିଳ୍ପଗୁଡିକୁ ବଡଶିଳ୍ପର ପ୍ରତିଯୋଗିତାରୁ ରକ୍ଷା କରିବା ।

4) ସନ୍ତୁଳିତ କ୍ଷେତ୍ରୀୟ ବିକାଶକୁ ପ୍ରୋତ୍ସାହନ ଦେବା ।


5) ସମ୍ବଳ/ସଂସାଧନର ଉଚିତ ବ୍ୟବହାର କରିବା ।

6) ରୋଜଗାରର ସୁଯୋଗରେ ବୃଦ୍ଧି କରିବା ।

ମାତ୍ର ସମୟ ଅନୁସାରେ ଏହା ଅନୁଭବ କରାଗଲା ଯେ ବୃହତ୍ ଧରଣର ଶିଳ୍ପଗୁଡିକ ନିଜର ପ୍ରତିଦ୍ୱନ୍ଦ୍ୱିତାକୁ ଦୂର କରିବାକୁ ନୀତିର ଦୂରୋପଯୋଗ କରୁଛନ୍ତି । ତେଣୁ ୧୯୯୧ର ନୀତିରେ କେତେକ ଶିଳ୍ପକୁ ଲାଇସେନ୍ସରୁ ମୁକ୍ତ କରାଗଲା । ବର୍ତ୍ତମାନ କେବଳ ୫ଟି ଶିଳ୍ପ ଅଛି ଯାହାକୁ ଲାଇସେନ୍ସ ଦେବାକୁ ଆବଶ୍ୟକ ପଡୁଅଛି, ଯଥା : (i) ସିଗାରେଟ୍ (ii) ସୁରା ସାରଯୁକ୍ତ ପାନୀୟ (iii) ବିମାନ ଓ ପ୍ରତିରକ୍ଷା ଉପକରଣ (iv) ଶିଳ୍ପଗତ ବିସ୍ଫୋଟକ ଦ୍ରବ୍ୟ (v) ଆଶଙ୍କାପୂର୍ଣ୍ଣ କ୍ଷତିକର ରସାୟନିକ ଦ୍ରବ୍ୟ ।

## 26.5 ଲଘୁଶିଳ୍ପର ଭୂମିକା

ଭାରତରେ ଯେଉଁ ଶିଳ୍ପରେ ମେସିନ୍, ଯନ୍ତ୍ର ତଥା ଉପକରଣ ଉପରେ କରାଯାଇଥିବା ବିନିଯୋଗ ୧ କୋଟି ଟଙ୍କାରୁ କମ୍ ହୋଇଥାଏ ତାହାକୁ ଲଘୁ ଶିଳ୍ପର ଆଖ୍ୟା ଦିଆଯାଇଥାଏ । (ବର୍ଷ ୧୯୯୯ ଠାରୁ) ଲଘୁ ଶିଳ୍ପକୁ କୁଟୀର ଶିଳ୍ପ ଓ କ୍ଷୁଦ୍ର କାରଖାନା ମଧ୍ୟରେ ବିଭକ୍ତ କରାଯାଇଛି । କୁଟୀର ଶିଳ୍ପ



ସେହିଗୁଡିକୁ କୁହାଯାଏ, ଯାହା ମୁଖ୍ୟତଃ ପାରମ୍ପରିକ ଦ୍ରବ୍ୟ ତିଆରି କରିଥାଏ। ଏଥିରେ ଉତ୍ପାଦନ କରିବାରେ ପାରମ୍ପରିକ ପଦ୍ଧତିକୁ ପ୍ରୟୋଗ କରାଯାଇଥାଏ। ଏଥିରେ ଅଧିକ ପରିମାଣରେ ପାରିବାରିକ ଶ୍ରମର ସହାୟତାରେ ଉତ୍ପାଦନ ହୋଇଥାଏ । ଉଦାହରଣ ସ୍ୱରୂପ : ହସ୍ତଶିଳ୍ପ, ହସ୍ତତନ୍ତ ଇତ୍ୟାଦି।

ଛୋଟ ଧରଣର ଏକକଗୁଡିକ କୁଟୀର ଏକକ ଠାରୁ ଭିନ୍ନ ହୋଇଥାଏ । ଏହା ଉତ୍ପାଦନରେ ଆଧୁନିକ କୌଶଳ ପ୍ରୟୋଗ କରିଥାଏ ଓ ମଜୁରୀ ଉପରେ ଶ୍ରମିକ କାର୍ଯ୍ୟ କରନ୍ତି ତଥା କେତେକ ଦ୍ରବ୍ୟ ଯଥା ସାବୁନ, ସାଇକେଲ, ସିଲେଇ ମେସିନ, ମୋଟର ଯନ୍ତ୍ରାଂଶ ଇତ୍ୟାଦି ଏହି ଏକକରୁ ଉତ୍ପାଦନ ହୋଇଥାଏ।

(କ) ଲଘୁଶିଳ୍ପର ମହତ୍ତ୍ୱ :

ଭାରତର ବିକାଶ ପ୍ରକ୍ରିୟାରେ ଲଘୁଶିଳ୍ପକୁ ସର୍ବଦା ମହତ୍ତ୍ୱ ପ୍ରଦାନ କରାଯାଇଛି। ଏହାର ପ୍ରମୁଖ କାରଣଗୁଡିକ ନିମ୍ନରୂପେ :-

1) ଅଧିକ ରୋଜଗାରର ସମ୍ଭାବନା

ଲଘୁଶିଳ୍ପଗୁଡିକରେ ପ୍ରତି ଶ୍ରମିକ ପିଛା କମ୍ ପୁଞ୍ଜିର ଆବଶ୍ୟକତା ପଡିଥାଏ। ଭାରତରେ ଶ୍ରମ ନିମିତ୍ତ ପୁଞ୍ଜିର ଅଭାବ ରହିଛି । ବେକାରୀ ସଂଖ୍ୟା ଦିନକୁ ଦିନ ବଢି ଚାଲିଛି। ଲଘୁ ଏକକଗୁଡିକରେ ରୋଜଗାର ସମ୍ଭାବନା ଅଧିକ ହୋଇଥାଏ ଫଳରେ ଏଥିରେ ପୁଞ୍ଜିର ଆବଶ୍ୟକ କମ୍ ହୋଇଥାଏ।

2) ଚାହିଦା ଢାଞ୍ଚାରେ ପରିବର୍ତ୍ତନକୁ ସହଜରେ ଗ୍ରହଣ କରିଥାଏ।

ଏହି ଶିଳ୍ପ ଛୋଟ ପରିମାଣ ଉପରେ କାର୍ଯ୍ୟ କରେ । ଅତଏବ ଚାହିଦା ଢାଞ୍ଚାରେ ଯେକୌଣସି ପରିବର୍ତ୍ତନର ଅନୁରୂପ ନିଜ ଉତ୍ପାଦନ ଢାଞ୍ଚାରେ ପରିବର୍ତ୍ତନ କରିପାରେ ।

3) ସ୍ଥାନୀୟ ସମ୍ବଳର ଉପଯୋଗ :-

ଭାରତର ବିଭିନ୍ନ ଭାଗରେ କଞ୍ଚାମାଲ, ଦକ୍ଷ ଓ ପ୍ରତିଭାବାନ ଲୋକ ରୂପେ ସଂସାଧନର ମାତ୍ରା ଅଧିକ ରହିଛି । ଲଘୁ ଓ କୁଟୀର ଶିଳ୍ପକୁ ପ୍ରୋତ୍ସାହନ ଦେଇ ଏହି ସଂସାଧନର ପୂର୍ଣ୍ଣମାତ୍ରାର ଉପଯୋଗ କରାଯାଇପାରେ। ଯେପରି ଝୁଡି ତିଆରି କରିବା, ମାଟିପାତ୍ର ଗଢିବା, ରସି ତିଆରି, ନଡିଆ କତାରେ ବିଭିନ୍ନ ଗୃହ ଉପକରଣ ତିଆରି ଇତ୍ୟାଦି ।

4) ଆୟର ଅସମାନତାକୁ କମ୍ କରିବାରେ ସହାୟକ :

ବୃହତ୍ ଆୟତନର ଉତ୍ପାଦନରୁ ଆୟ ଓ ସମ୍ପତ୍ତି ଅଳ୍ପ ସଂଖ୍ୟକ ଲୋକଙ୍କ ହାତରେ କେନ୍ଦ୍ରୀତ ହୋଇଥାଏ। ଅନ୍ୟପକ୍ଷରେ ଲଘୁ ଉଦ୍ୟମଗୁଡିକର ସଂଖ୍ୟା ଅଧିକ ହେବା ଯୋଗୁଁ ଆୟର ବିତରଣ ଅଧିକ ଲୋକଙ୍କ ମଧ୍ୟରେ ହୁଏ। ଅତଏବ ଲଘୁ ଉଦ୍ୟୋଗ ଆୟର ବୈଷମ୍ୟକୁ ହ୍ରାସ କରିବାକୁ ସହାୟକ ହୁଏ।





5) ସନ୍ତୁଳିତ କ୍ଷେତ୍ରୀୟ ବିକାଶରେ ସହାୟକ :

ଲଘୁ ଏକକଗୁଡ଼ିକ ଦେଶର ଯେକୌଣି ସ୍ଥାନରେ ଆରମ୍ଭ କରାଯାଇପାରେ । ଏପରି ଦେଶର ପ୍ରତ୍ୟେକ ଭାଗରେ ଏହା ପହଞ୍ଚିପାରେ । ଫଳରେ ଦେଶର ସମସ୍ତ ପ୍ରଦେଶରେ ସମାନ ବିକାଶ ହେବାରେ ସହାୟତା ମିଳେ ।

ଭାରତର ଲଘୁ ଉଦ୍ୟୋଗକୁ ଏତେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଦିଆଯିବା ବିଷୟରେ ଆପଣ ପରିଚିତ ହେଲେ । ଆସନ୍ତୁ ବର୍ତ୍ତମାନ ଦେଖିବା ଯେ ସରକାର ଏହି ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହନ ଦେବାକୁ ତଥା ଏଗୁଡ଼ିକର ସଂରକ୍ଷଣ ନିମିତ୍ତ କି କି ଉପାୟ କରିଛନ୍ତି ।

(ଖ) ଲଘୁ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବାପାଇଁ ଗ୍ରହଣୀୟ ପଦକ୍ଷେପ ।

1) ଲଘୁ ଉଦ୍ୟୋଗରେ ଉତ୍ପାଦନ ପାଇଁ ବିଶେଷ ରୂପେ ଉତ୍ପାଦର ସଂରକ୍ଷଣ ।

ଲଘୁ ଉଦ୍ୟୋଗଗୁଡ଼ିକ ଅପେକ୍ଷା ବୃହତ୍ ଉଦ୍ୟୋଗଗୁଡ଼ିକର ପ୍ରତିଯୋଗିତା କ୍ଷମତା ବୃହତ୍ତର ବା ଅଧିକ ହୋଇଥାଏ କାରଣ ବୃହତ୍ ଉଦ୍ୟୋଗର ସଂସାଧନ କଞ୍ଚାମାଲ, ଅର୍ଥ, ବଜାର, ଆଧୁନିକ ବୈଷୟିକ ଜ୍ଞାନକୌଶଳ ପର୍ଯ୍ୟନ୍ତ ପହଞ୍ଚିବା ସହଜ ହୋଇଥାଏ । ଛୋଟ ଉଦ୍ୟୋଗକୁ ଏହି ପ୍ରତିଯୋଗିତାରୁ ରକ୍ଷା କରିବା ପାଇଁ ସରକାର କେତେକ ଦ୍ରବ୍ୟର ଉତ୍ପାଦନ କେବଳ ଲଘୁ ଉଦ୍ୟୋଗ ପାଇଁ ସୁରକ୍ଷିତ କରିଛନ୍ତି । ଏହି ଦ୍ରବ୍ୟଗୁଡ଼ିକ କେବଳ ଲଘୁ ଉଦ୍ୟୋଗରେ ଉତ୍ପାଦନ କରାଯାଇପାରେ ।

2) ସରକାରୀ କ୍ରୟରେ ପ୍ରାଥମିକତା :

ଲଘୁ ଉଦ୍ୟୋଗକୁ ନିଜର ଦ୍ରବ୍ୟକୁ ବଜାରରେ ବିକିବାକୁ ସମସ୍ୟାଗୁଡ଼ିକ ଥାଏ । ସରକାର ଏ ବିଷୟରେ କେତେକ ଉପାୟ କରିଛନ୍ତି । ତନ୍ମଧ୍ୟରୁ ଏକ ଉପାୟ ହେଲା ଯେ ସରକାରୀ କିଣାରେ ଏହି ଉଦ୍ୟୋଗରେ ତିଆରି ହୋଇଥିବା ଦ୍ରବ୍ୟକୁ ପ୍ରାଥମିକତା ଦିଆଯାଉଛି ।

3) ପ୍ରାଥମିକତା ଆଧାର ଉପରେ ଋଣ :

ବାଣିଜ୍ୟିକ ବ୍ୟାଙ୍କରୁ ଋଣ ନେବା ପାଇଁ ଲଘୁ ଉଦ୍ୟୋଗ କ୍ଷେତ୍ରକୁ ପ୍ରାଥମିକତା କ୍ଷେତ୍ର ଘୋଷଣା କରାଯାଇଛି । ୧୯୯୦ରେ ଲଘୁ ଉଦ୍ୟୋଗର ଆର୍ଥିକ ଆବଶ୍ୟକତାକୁ ପୂରଣ କରିବା ଲାଗି ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ (SIDBI)ର ମଧ୍ୟ ସ୍ଥାପନ କରଯାଇଛି ।

4) ଆଧୁନିକୀକରଣରେ ସହାୟତା :

ଲଘୁ ଉଦ୍ୟୋଗଗୁଡ଼ିକ ପ୍ରାୟତଃ ପୁରୁଣା ପଦ୍ଧତି ଏବଂ ପୁରୁଣା ଯନ୍ତ୍ରପାତି ଗୁଡ଼ିକୁ ବ୍ୟବହାର କରୁଥାନ୍ତି । ଫଳରେ ଏମାନଙ୍କ ପରିବ୍ୟୟ ଅଧିକ ହୋଇଥାଏ । ଅତଏବ ଏଗୁଡ଼ିକ ବୃହତ୍ ଉଦ୍ୟୋଗ ସହିତ ପ୍ରତିଯୋଗିତା କରିପାରନ୍ତି ନାହିଁ । ଅତଏବ ଲଘୁ ଉଦ୍ୟୋଗଗୁଡ଼ିକୁ ଆଧୁନିକ ଯନ୍ତ୍ରପାତି କ୍ରୟ କରିବାକୁ ସହାୟତା କରିବାକୁ ତଥା ନୂତନ ବୈଷୟିକ ଜ୍ଞାନକୌଶଳ ଗ୍ରହଣ କରିବାକୁ ସରକାରଙ୍କ

ଦ୍ୱାରା ଅନେକ ଯୋଜନା ଆରମ୍ଭ କରାଯାଇଛି ।

## 26.6 ସାର୍ବଜନିକ କ୍ଷେତ୍ର (ସରକାରୀ କ୍ଷେତ୍ରର ଭୂମିକା)

ସାର୍ବଜନିକ କ୍ଷେତ୍ରର ଅର୍ଥ ଯେଉଁ ଶିଳ୍ପ କ୍ଷେତ୍ରରେ ସରକାରଙ୍କ ପୂର୍ଣ୍ଣ ମାଲିକାନା ଥାଏ । ଭାରତୀୟ ଅର୍ଥ ବ୍ୟବସ୍ଥାରେ ନିମ୍ନଲିଖିତ କାରଣରୁ ସାର୍ବଜନିକ କ୍ଷେତ୍ରକୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଦିଆଯାଇଛି ।

1) ଦ୍ରୁତ ଶିଳ୍ପାୟତନର ସୁନିଶ୍ଚିତା :

ଭାରତୀୟ ଅର୍ଥ ବ୍ୟବସ୍ଥାର ସାର୍ବଜନିକ ଶିଳ୍ପାୟତନ ବର୍ତ୍ତମାନ ସୁଦୃଢ ହୋଇଛି । ଏହି ଅବସ୍ଥା ୧୯୫୦-୫୧ରୁ ଜାରି ରହିଛି । ଶିଳ୍ପାୟତନ ଆଧାର ଉପରେ ବିସ୍ତାରରେ ସାର୍ବଜନିକ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

2) ଆର୍ଥିକ ଶକ୍ତି କେତେକ ଲୋକଙ୍କ ହାତକୁ ନଯିବାକୁ ନିୟନ୍ତ୍ରଣ :


ସାର୍ବଜନିକ କ୍ଷେତ୍ର କେତେକ ଲୋକଙ୍କ ହାତରେ ନହୋଇ ସମଗ୍ର ଦେଶ ପାଇଁ ହୋଇଥାଏ । ଅତଏବ ସାର୍ବଜନିକ କ୍ଷେତ୍ରରେ ବିନିଯୋଗ ଅର୍ଥ ଏବଂ ଉଦ୍ଦେଶ୍ୟ ଯେ ଦେଶର ସମସ୍ତ ଲୋକଙ୍କୁ ଲାଭ ଦେବା । କେବଳ କେତେକ ଲୋକଙ୍କୁ ନୁହେଁ । ଏହା ଫଳରେ ଆର୍ଥିକ ଶକ୍ତିର ସମାନ ବଣ୍ଟନ ବା ବିକେନ୍ଦ୍ରୀକରଣ ହୋଇଥାଏ ।

3) ବ୍ୟକ୍ତିଗତ କ୍ଷେତ୍ରରେ ରୁଚିନଥିବା ଶିଳ୍ପ ପ୍ରତିଷ୍ଠା :

ଏପରି କେତେକ ଶିଳ୍ପ ବା ଉଦ୍ୟୋଗ ଅଛି, ଯେଉଁଥିରେ ଅଧିକ ନିବେଶର ଆବଶ୍ୟକତା ରହିଥାଏ ଏବଂ ଯେଉଁଥିରୁ ନିବେଶ କରିବାର ଅନେକ ବର୍ଷ ପରେ ଲାଭ ମିଳିବା ଆରମ୍ଭ ହୋଇଥାଏ । ଏହାର କେତେକ ଉଦାହରଣ : ଲୌହ ଓ ଇସ୍ପାତ, ଇଞ୍ଜିନିୟରିଂ, ଖଣିଜ ତୈଳ, ରାସାୟନିକ ସାର, ରସାୟନ ଶିଳ୍ପ ବ୍ୟକ୍ତିଗତ ତଥା ବେସରକାରୀ ନିବେଶକାରୀ ଏହି ଶିଳ୍ପରେ ଅର୍ଥ ନିବେଶ କରିବାକୁ କୁଣ୍ଠାବୋଧ କରନ୍ତି । କିନ୍ତୁ ଏହି ଶିଳ୍ପ ଦେଶର ବିକାଶ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଅତଏବ ଏହି ଶିଳ୍ପକୁ ବିକଶିତ କରିବା ଦାୟିତ୍ୱ ସରକାରଙ୍କୁ ନେବାକୁ ପଡିଥାଏ ।

4) ସନ୍ତୁଳିତ କ୍ଷେତ୍ରୀୟ ବିକାଶକୁ ସୁନିଶ୍ଚିତ କରିବାକୁ :

ଘରୋଇ ନିବେଶକ ଦେଶର ସେହି ଭାଗରେ ଶିଳ୍ପ ଗଢିବାକୁ ଇଚ୍ଛା କରନ୍ତି, ଯେଉଁଠାରେ ସଡ଼କ, ବିଦ୍ୟୁତ୍, ଜଳ, ପରିବହନ, ଇତ୍ୟାଦି ସାର୍ବଜନିକ ତଥା ମୁକ୍ତ ସୁବିଧାଗୁଡିକ ଉପଲବ୍ଧ ହେଉଥିବ । ଦେଶର ଅନୁନ୍ନତ ଅଞ୍ଚଳରେ ଏହି ସୁବିଧା ଉପଲବ୍ଧ ହୋଇପାରେନାହିଁ । ଅତଏବ ଏହି ଅଞ୍ଚଳକୁ ଦେଶର ଅନ୍ୟ ଅଞ୍ଚଳ ତୁଳନାରେ ସନ୍ତୁଳିତ ସ୍ତରକୁ ଆଣିବାକୁ ସରକାର ଅନୁନ୍ନତ / ଆଭ୍ୟନ୍ତରୀଣ ଅଞ୍ଚଳରେ ଶିଳ୍ପ ସ୍ଥାପନ କରିଥାନ୍ତି । ଫଳରେ ସାର୍ବଜନିକ କ୍ଷେତ୍ର ରାଷ୍ଟ୍ରର ସନ୍ତୁଳିତ ଆଞ୍ଚଳିକ ବିକାଶ ପ୍ରାପ୍ତି ପାଇଁ ସହାୟକ ହୋଇଥାଏ ।





5) ଲାଭାଂଶକୁ ପୁନଃ ନିବେଶ କରିବା :

ବେସରକାରୀ କ୍ଷେତ୍ରରେ ଲାଭାଂଶ ମାଲିକମାନେ ନେଇଯାଆନ୍ତି, ମାତ୍ର ସରକାରୀ କ୍ଷେତ୍ରରେ ଲାଭ ବ୍ୟକ୍ତି ବିଶେଷଙ୍କର ହସ୍ତଗତ ହୋଇନଥାଏ। ଅତଏବ ଏହି ଲାଭ ଉକ୍ତ କ୍ଷେତ୍ରରେ ପୁନଃ ବିନିଯୋଗ ହୋଇଥାଏ । ତେଣୁ ଏହି ପ୍ରକ୍ରିୟା ଦେଶର ଶିଳ୍ପାୟତନର ପ୍ରସାର କରିଥାଏ ।

## 26.7 ସାର୍ବଜନିକ କ୍ଷେତ୍ରର ସମସ୍ୟା

ଭାରତର ରାଷ୍ଟ୍ରୀୟ ବିକାଶରେ ସାର୍ବଜନିକ କ୍ଷେତ୍ର ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରାଯାଇଛି ମାତ୍ର ଏହାକୁ ମଧ୍ୟ କେତେକ ସମସ୍ୟାଗୁଡିକର ସମ୍ମୁଖୀନ ହେବାକୁ ପଡୁଛି । କେତେକ ସାର୍ବଜନିକ ଉଦ୍ୟୋଗ ତ ଲାଭ ଅର୍ଜନ କରୁଛନ୍ତି । ଯେପରି ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ (SAIL), ତୈଳ ଓ ପ୍ରାକୃତିକ ଗ୍ୟାସ ଆୟୋଗ (ONGC), ଭାରତ ହେଭି ଇଲେକ୍ଟ୍ରିକାଲ୍ସ (BHEL) ଇତ୍ୟାଦି। ମାତ୍ର ବହୁ ସଂଖ୍ୟାରେ ସାର୍ବଜନିକ ଉଦ୍ୟୋଗ ଲାଭବାନ ହେଉନାହାନ୍ତି ଯଥା ଭାରତୀୟ ସାର ନିଗମ, ରାଷ୍ଟ୍ରୀୟ ଇସ୍ପାତ ନିଗମ, ଇଣ୍ଡିଆନ ଏୟାରଲାଇନ୍ସ କର୍ପୋରେସନ ଇତ୍ୟାଦି। ଏଗୁଡିକର କେତେକ କାରଣ ନିମ୍ନରେ ଦିଆଗଲା।

1) ଶିଳ୍ପର ସ୍ଥାନୀୟକରଣ ବ୍ୟବସାୟିକ ଆଧାର ଉପରେ ନୁହେଁ ।

ଅନଗ୍ରସର ଅଞ୍ଚଳରେ ସ୍ଥାପନ କରାଯାଇଥିବା ସରକାରୀ ଉଦ୍ୟମ ବ୍ୟବସାୟିକ ଆଧାର ଉପରେ ନଥିଲା। ଏଗୁଡିକ ସନ୍ତୁଳିତ କ୍ଷେତ୍ରୀୟ ବିକାଶକୁ ଲକ୍ଷ୍ୟରଖି ସ୍ଥାପିତ କରାଯାଇଥିଲା ।

2) ସରକାରୀ ହସ୍ତକ୍ଷେପ : ସରକାରଙ୍କ ଉଦ୍ୟୋଗନୀତି ଏବଂ ଦୈନନ୍ଦିନ କାର୍ଯ୍ୟରେ ସରକାରୀ ହସ୍ତକ୍ଷେପ ଆବଶ୍ୟକତା ଠାରୁ ଅଧିକ ହୋଇଯାଉଛି । ଏଥିରେ ନିର୍ଣ୍ଣୟ ନେବାରେ ବିଳମ୍ବ ଘଟୁଛି ।

3) ପ୍ରୋତ୍ସାହନ ତଥା ପ୍ରତିଶ୍ରୁତିର ଅଭାବ ।


କର୍ମଚାରୀଙ୍କ ପାଇଁ ଏପରି କୌଣସି ପ୍ରୋତ୍ସାହନ ନାହିଁକି ସେମାନେ ଉତ୍ପାଦନ ପ୍ରକ୍ରିୟାରେ ଉତ୍ତମ ପରିଣାମ ହାସଲ କରିବାକୁ ଯତ୍ନଶୀଳ ହେବେ । ଅନ୍ୟପକ୍ଷରେ କୌଣସି ପ୍ରତିଶ୍ରୁତି ରକ୍ଷା ମଧ୍ୟ ନାହିଁ । ଯଦି ଲକ୍ଷ୍ୟ ପୂରଣ ନହୁଏ ତେବେ କୌଣସି କୈଫିୟତ ଦେବା ହୁଏ ନାହିଁ।

4) ପରିଯୋଜନା ନିମିତ୍ତ ଉଚ୍ଚ ପରିବ୍ୟୟ :

ଠିକ୍ ଭାବରେ ଯୋଜନା ତିଆରି କରିବା ଓ ସେଗୁଡିକୁ କାର୍ଯ୍ୟକାରୀ କରିବାରେ ବିଳମ୍ବ କରାଯିବାରୁ ପରିଯୋଜନାରେ ପରିବ୍ୟୟ ଯଥେଷ୍ଟ ବଢିଯାଏ।

5) ପ୍ରତିଯୋଗିତାର ଅଭାବ

ସାର୍ବଜନିକ କ୍ଷେତ୍ରର ପରିଚାଳନା ଅଧିକନ୍ତୁ ଏକାଧିକାର ସ୍ଥିତିରେ ଥାଏ କାରଣ ବେସରକାରୀ



କ୍ଷେତ୍ରରେ ଅଧିକାଂଶ ଶିଳ୍ପ ସ୍ଥାପନ କରିବାରେ ସ୍ୱୀକୃତି ନଥିଲା । ପ୍ରତିଯୋଗିତା ନଥିବା କାରଣରୁ ପରିଚାଳକ ଯାହା କିଛି କରନ୍ତି ତାହା ଠିକ୍ ଭାବେ ଧରାଯାଉଥିଲା । ପ୍ରତିଯୋଗିତା ଅଭାବରୁ ଏହି ଶିଳ୍ପ ନା ତ ପରିବ୍ୟୟ ହ୍ରାସ କରିବା ପାଇଁ ଚେଷ୍ଟିତ ନା ଉତ୍ପାଦନର ଗୁଣବତ୍ତା ବୃଦ୍ଧି ତଥା ଉତ୍ପାଦନ ବୃଦ୍ଧି ନିମିତ୍ତ ପ୍ରୟାସ କରିଥାନ୍ତି ।

6) ଆବଶ୍ୟକତା ଠାରୁ ଅଧିକ କର୍ମଚାରୀ

ସରକାରୀ ଶିଳ୍ପ କ୍ଷେତ୍ରରେ ଆବଶ୍ୟକତା ଠାରୁ ଅଧିକ କର୍ମଚାରୀ ନିଯୁକ୍ତି ହୋଇଛନ୍ତି । 'ଉଦ୍ୟମ'କୁ ସୁରୁଖୁରୁରେ ପରିଚାଳନା କରିବାକୁ ଯେତିକି ଲୋକଙ୍କର ଆବଶ୍ୟକତା ଥାଏ, ତାହାଠାରୁ ଅଧିକ ଲୋକ ନିଯୁକ୍ତି ହୋଇଥାନ୍ତି । ଫଳରେ ଉତ୍ପାଦନ ପରିବ୍ୟୟ ବଢିଚାଲେ ଓ ଲାଭହ୍ରାସ ପାଏ ।

## 26.8 ଶିଳ୍ପାୟତନ କ୍ଷେତ୍ରର କାର୍ଯ୍ୟନିର୍ବାହ


ଶିଳ୍ପାୟତନ କ୍ଷେତ୍ରର କାର୍ଯ୍ୟ ନିର୍ବାହର ଏଠାରେ ଅଭିପ୍ରାୟ ଯେ ଶିଳ୍ପଗତ ଉତ୍ପାଦନରେ ବୃଦ୍ଧିର ହାର । ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ ରୂପରେ ଏହାକୁ ମାପ କରାଯାଏ ।

1) ମୋଟ ଔଦ୍ୟୋଗିକ ଉତ୍ପାଦନର କାର୍ଯ୍ୟନିର୍ବାହ :

ତାଲିକା ୨୬.୧ରେ ୧୯୫୦-୫୧ରୁ ୧୯୯୦-୯୧ ପର୍ଯ୍ୟନ୍ତ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ ଦିଆଗଲା । ଆଧାର ବର୍ଷ ୧୯୮୦-୮୧ । ୨୦୦୦-୦୧ ଠାରୁ ଔଦ୍ୟୋଗିକ ଉତ୍ପାଦନର ସୂଚକାଙ୍କର ଆଧାର ବର୍ଷ ୧୯୯୩-୧୯୯୪ ।

ତାଲିକା 26.1

| ବର୍ଷ | ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ ଆଧାର ବର୍ଷ 1980-81=100 | ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ ଆଧାର ବର୍ଷ 1993-94=100 |
|---|---|---|
| 1950-51 | 18.3 | |
| 1960-61 | 36.2 | |
| 1970-71 | 65.3 | |
| 1980-81 | 100.00 | |
| 1990-91 | 212.6 | |
| 2000-01 | | 162.6 |
| 2004-05 | | 204.8 |





ତାଲିକା 26.1ରୁ ଜଣାଯାଏ ଯେ 1950-51 ଠାରୁ ଉତ୍ପାଦନ କ୍ରମାଗତ ଭାବେ ବଢ଼ି ଚାଲିଛି । ବିଗତ 54 ବର୍ଷ ସମୟ ମଧ୍ୟରେ ଔଦ୍ୟୋଗିକ କ୍ଷେତ୍ର ବିଷୟରେ କୌଣସି ପୂର୍ଣ୍ଣ ଆଲୋଚନା କରିହେବ ନାହିଁ । କେବଳ ଏତିକି କହି ହେବ ଯେ ଉତ୍ପାଦନ ବୃଦ୍ଧି ହେଉଛି ମାତ୍ର ପ୍ରତି ଦଶକରେ ଏହି ବୃଦ୍ଧିର ହାର ଭିନ୍ନ ଭିନ୍ନ । ତାଲିକାର ଆଧାର ବର୍ଷ 1993-94 ଅନୁସାରେ ସଂଶୋଧିତ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ ମଧ୍ୟ ଦିଆଯାଇଛି । ଅତଏବ ତାଲିକାରେ ଅନ୍ତିମ ଦୁଇ ସୂଚକାଙ୍କ ଶେଷ ସୂଚକାଙ୍କ ସହିତ ତୁଳନୀୟ ନୁହେଁ । ତଥାପି ଆମେ କହିପାରନ୍ତି ଯେ ବିଗତ 40 ବର୍ଷ (1950-51ରୁ 1990-91)ରେ ଔଦ୍ୟୋଗିକ ଉତ୍ପାଦନ 11.8 ଗୁଣ ବଢ଼ିଛି । ଯେତେବେଳେ 1993-94ରୁ 2004-05 ମଧ୍ୟରେ ହାରାହାରି ଦୁଇଗୁଣ ହୋଇଛି । 1950-51ରୁ 1995-96 ପର୍ଯ୍ୟନ୍ତ ଔଦ୍ୟୋଗିକ ଉତ୍ପାଦନ ୧୬ଗୁଣ ବୃଦ୍ଧି ହୋଇଛି ।

2) କେତେକ ଉତ୍କୃଷ୍ଟ ଉଦ୍ୟୋଗର କାର୍ଯ୍ୟନିର୍ବାହ

ଆସନ୍ତୁ, ବର୍ତ୍ତମାନ କେତେକ ବଛାବଛା ଶିଳ୍ପର କାର୍ଯ୍ୟନିର୍ବାହତାକୁ ଦେଖିବା । ତାଲିକା 26.2ରେ କେତେକ ପ୍ରମୁଖ ଶିଳ୍ପରେ ଉତ୍ପାଦନ ବିଷୟରେ କୁହାଯାଇଛି । ଏହି ତାଲିକାର ଆଧାର ଉପରେ ଆମେ ଦୁଇଟି ବିଷୟ ଲକ୍ଷ୍ୟ କରୁଛନ୍ତି । ପ୍ରଥମ, ସମସ୍ତ ଶିଳ୍ପର ଉତ୍ପାଦନରେ 1950-51 ଠାରୁ ବୃଦ୍ଧି ହୋଇଛି । ଦ୍ୱିତୀୟରେ ବସ୍ତ୍ର ଭଳି ପାରମ୍ପରିକ ଶିଳ୍ପ ଅପେକ୍ଷା ବିକାଶ ପାଇଁ ଦ୍ରବ୍ୟର ଉତ୍ପାଦନକାରୀ ଉଦ୍ୟୋଗରେ ଅଧିକ ପ୍ରଗତି ହୋଇଛି ଯଥା-ମେସିନ୍, ଧାତୁ ଉତ୍ପାଦ, ରସାୟନ, ପରିବହନର ଯନ୍ତ୍ର-ଉପକରଣ, କାରଖାନା ନିମିତ୍ତ ଦ୍ରବ୍ୟ ତିଆରି କରୁଥିବା ଶିଳ୍ପ ।

ତାଲିକା 26.2 ଭାରତର କେତେକ ପ୍ରମୁଖ ଉଦ୍ୟୋଗର ଉତ୍ପାଦନ ପ୍ରବୃତ୍ତି

| ଉଦ୍ୟୋଗ | ଏକକ | 1950-51 | 1960-61 | 1970-71 | 1980-81 | 1990-91 | 1995-96 | 2004-05 |
|---|---|---|---|---|---|---|---|---|
| କୋଇଲା | ଲକ୍ଷ ଟନ | 323 | 522 | 763 | 1190 | 2251 | 2920 | 3840 |
| ପେଟ୍ରୋଲିୟମ | ଲକ୍ଷଟନ | 3 | 5 | 68 | 105 | 330 | 351 | 350 |
| ମେସିନ ଉପକରଣ | ଲକ୍ଷଟଙ୍କା | 30 | 80 | 4300 | 16920 | 77310 | 10530 | 2643 |
| ମୋଟର କାର ଅଟୋ ମୋବାଇଲ | ହଜାର | 16.5 | 54.8 | 87.9 | 121.1 | 366.3 | 676 | 1552 |
| ନାଇଟ୍ରୋଜେନ ସାର | ହଜାର ଟନ | 9 | 99 | 830 | 2164 | 69.93 | 8762 | 15325 |
| ସିମେଣ୍ଟ | ଲକ୍ଷ ଟନ | 27 | 80 | 143 | 186 | 480 | 693 | 1253 |
| ସୂତା ଲୁଗା | କୋଟି ବର୍ଗମି | 421 | 674 | 760 | 837 | 1543 | 1725 | 4400 |

3) ଲଘୁ ଶିଳ୍ପ କ୍ଷେତ୍ରର କାର୍ଯ୍ୟନିର୍ବାହ

ଲଘୁ କ୍ଷେତ୍ରର ଉତ୍ପାଦନ ଶିଳ୍ପକ୍ଷେତ୍ରର ମୋଟ ଉତ୍ପାଦନର ୪୦ ଶତକଡ଼ା, ଶିଳ୍ପକ୍ଷେତ୍ରର ମୋଟ ରପ୍ତାନିରେ ଏହାର ଅଂଶ ୪୫ ଶତକଡ଼ା ହେବାବେଳେ ଭାରତର ମୋଟ ରପ୍ତାନୀର ୩୪ ଶତକଡ଼ା ।

ମୋଟ ଉତ୍ପାଦନର ବିବରଣୀରେ 2003-04ରେ ଏହି କ୍ଷେତ୍ରରେ 357733 କୋଟି ଟଙ୍କାର ଉତ୍ପାଦନ ହୋଇଛି । ପ୍ରାୟ ଲଘୁ କ୍ଷେତ୍ରରେ ଉତ୍ପାଦନର ବୃଦ୍ଧି ହାର ମୋଟ ଶିଳ୍ପ ଉତ୍ପାଦନର ବୃଦ୍ଧିର ହାର ଠାରୁ ଅଧିକ ରହିଛି ।

4) ସାର୍ବଜନିକ କ୍ଷେତ୍ରର ଶିଳ୍ପ କାର୍ଯ୍ୟନିର୍ବାହ

ଭାରତରେ ସାର୍ବଜନିକ ଶିଳ୍ପ ବିଭାଗ ସରକାରୀ ଶିଳ୍ପର କାର୍ଯ୍ୟନିର୍ବାହର ମୂଲ୍ୟାଙ୍କନ କରେ । ବର୍ଷ ୨୦୦୩-୦୪ରେ ଏହା ଥିଲା ଯେ ସାର୍ବଜନିକ କ୍ଷେତ୍ର ଶିଳ୍ପରେ ବିନିଯୋଗ ପୁଞ୍ଜିର ଅନୁପାତରେ 16.9 ଶତକଡ଼ା ଲାଭ ଅର୍ଜନ କରିଛି । ବର୍ତ୍ତମାନ, ବର୍ଷଗୁଡ଼ିକରେ ସାର୍ବଜନିକ ଶିଳ୍ପର ଲାଭରେ ଉନ୍ନତି ହୋଇଛି । ବର୍ଷ 1990-91ରେ ଏହି ଅନୁପାତ କେବଳ 9.4 ଶତକଡ଼ା ଥିଲା ।

**ମନେରଖ**

- ଭାରତ ଏକ ମିଶ୍ରିତ ଅର୍ଥବ୍ୟବସ୍ଥା ଦେଶ । ଏଥିରେ ଘରୋଇ/ବ୍ୟକ୍ତିଗତ ତଥା ସାର୍ବଜନିକ କ୍ଷେତ୍ରର ଭୂମିକାକୁ ସ୍ପଷ୍ଟ ଭାବେ ପରିଭାଷା କରାଯାଇଛି । ଏହି ପରିଭାଷା ଶିଳ୍ପନୀତି ପ୍ରସ୍ତାବରେ ଦିଆଯାଇଛି । 1956ରେ ଶିଳ୍ପନୀତି ପ୍ରସ୍ତାବରେ ସାର୍ବଜନିକ କ୍ଷେତ୍ର ଉପରେ ଅତ୍ୟଧିକ ଜୋର ଦିଆଯାଇଥିଲା । 1991ର ପ୍ରସ୍ତାବରେ ସାର୍ବଜନିକ କ୍ଷେତ୍ରର ଭୂମିକାକୁ ହ୍ରାସ କରିବାକୁ ତଥା ବ୍ୟକ୍ତିଗତ କ୍ଷେତ୍ରର ଭୂମିକାକୁ ବୃଦ୍ଧି କରିବା କଥା କୁହାଗଲା ।

- ଭାରତୀୟ ଶିଳ୍ପରେ ଲାଇସେନ୍ସ ପ୍ରଣାଳୀ ଚାଲୁ କରିବାର ଉଦ୍ଦେଶ୍ୟ ଥିଲା ଯେ ସରକାରୀ ନୀତି ପ୍ରଚଳନ କରିବା, ବୃହତ୍ ଶିଳ୍ପର ଅନାବଶ୍ୟକ ବିସ୍ତାର ଉପରେ କଟକଣା ଲାଗୁ କରିବା, କ୍ଷୁଦ୍ର ଶିଳ୍ପକୁ ପ୍ରତିଯୋଗିତାରୁ ମୁକ୍ତ କରିବା, ସନ୍ତୁଳିତ କ୍ଷେତ୍ରୀୟ ବିକାଶ କରିବା, ରୋଜଗାରର ସୁଯୋଗ ବଢ଼ାଇବା ଇତ୍ୟାଦି ।

- ଭାରତରେ ଲଘୁ ଉଦ୍ୟୋଗର ମହତ୍ତ୍ୱ ଅଧିକ । ଏହାର କାରଣ : ଅଧିକ ରୋଜଗାରର ସମ୍ଭାବନା, ସ୍ଥାନୀୟ ପ୍ରତିଭାର ଉପଯୋଗ, ଆୟ ବୈଷମ୍ୟର ହ୍ରାସ ଓ ସନ୍ତୁଳିତ କ୍ଷେତ୍ରୀୟ ବିକାଶ ।

- ଲଘୁ ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି, ଯଥା : ଉତ୍ପାଦଗୁଡ଼ିକର ଆରକ୍ଷଣ, ସରକାରୀ କ୍ରୟରେ ପ୍ରାଥମିକତା, ଋଣର ସୁବିଧା,





ଆଧୁନିକୀକରଣରେ ସହାୟତା ।

- ଭାରତରେ ସାର୍ବଜନିକ କ୍ଷେତ୍ରର ଭୂମିକା ମଧ୍ୟ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ, କାରଣ:- ଔଦ୍ୟୋଗୀକରଣରେ ସହାୟକ, ଅର୍ଥନୈତିକ ଶକ୍ତିର ବିକେନ୍ଦ୍ରୀକରଣ ତଥା ଉକ୍ତ ଉଦ୍ୟୋଗଗୁଡ଼ିକ ବିକଶିତ କରିବା ଯେଉଁଥିରେ ବ୍ୟକ୍ତିଗତ କ୍ଷେତ୍ର ରୁଚି ରଖୁନାହିଁ, ସନ୍ତୁଳିତ କ୍ଷେତ୍ରୀୟ ବିକାଶ ଏବଂ ଲାଭର ପୁନଃ ନିବେଶ ।
- ଭାରତରେ ସାର୍ବଜନିକ କ୍ଷେତ୍ରରେ ସମସ୍ୟାଗୁଡ଼ିକ ହେଉଛି; ଶିଳ୍ପଗୁଡ଼ିକର ସ୍ଥାନୀୟକରଣ ବ୍ୟବସାୟିକ ଆଧାର ଉପରେ ନୁହନ୍ତି । ଅନାବଶ୍ୟକ ସରକାରୀ ହସ୍ତକ୍ଷେପ, ପ୍ରୋତ୍ସାହନ ଓ ପ୍ରତିଶ୍ରୁତିବଦ୍ଧତାର ଅଭାବ ଏବଂ ଆବଶ୍ୟକରୁ ଅଧିକ କର୍ମଚାରୀ ।
- ଭାରତର ଶିଳ୍ପ ଉତ୍ପାଦନ 1950-51 ଠାରୁ 1995-96 ମଧ୍ୟରେ ୧୬ଗୁଣ ବୃଦ୍ଧି ।
- ଭାରତର ଲଘୁକ୍ଷେତ୍ରର ଉତ୍ପାଦନ ମୋଟ ଶିଳ୍ପ ଉତ୍ପାଦନର ୪୦ ଶତକଡ଼ା ।

## ପାଠଗତ ପ୍ରଶ୍ନ 26.3

1) ବନ୍ଧନୀରୁ ଠିକ୍ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର

(i) 1956ର ଶିଳ୍ପନୀତି ପ୍ରସ୍ତାବରେ ସମସ୍ତ ଶିଳ୍ପକୁ ............ଟି ଅନୁସୂଚୀରେ ବିଭକ୍ତ କରାଯାଇଥିଲା (ଦୁଇ, ତିନି)

(ii) 1991ର ଶିଳ୍ପ ନୀତିରେ ସାର୍ବଜନିକ କ୍ଷେତ୍ରପାଇଁ ଆରକ୍ଷିତ ୧୭ଟି ଶିଳ୍ପ ମଧ୍ୟରୁ .................. ଶିଳ୍ପର ଆରକ୍ଷଣ ସମାପ୍ତ କରି ଦିଆଗଲା । (9,10)


(iii) ଲାଇସେନ୍ସ ପ୍ରଣାଳୀର ଉଦ୍ଦେଶ୍ୟ ................ ଉଦ୍ୟୋଗର ଅନାବଶ୍ୟକ ସମ୍ପ୍ରସାରଣ ଉପରେ ଅଙ୍କୁଶ ଲଗାଇବା (କ୍ଷୁଦ୍ର, ବୃହତ୍)

(iv) ସରକାର ........................ଟି ଉଦ୍ୟୋଗକୁ ଛାଡ଼ି ଶେଷ ସମସ୍ତଙ୍କ ପାଇଁ ଲାଇସେନ୍ସର ଆବଶ୍ୟକତାକୁ ସମାପ୍ତ କରିଦେଇଛନ୍ତି । (5, 10)

(v) ଲଘୁ ଶିଳ୍ପ ............. ପ୍ରଧାନ ହୋଇଥାଏ । (ଶ୍ରମ, ପୁଞ୍ଜି)

## ଆପଣ କ'ଣ ଶିକ୍ଷା କଲେ

- ଅର୍ଥନୈତିକ ବିକାଶରେ ଉଦ୍ୟୋଗ/ଶିଳ୍ପର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି ।
- ଶିଳ୍ପ ଉପଭୋଗ ନିମିତ୍ତ ଦ୍ରବ୍ୟ ଓ ସେବାର ଉତ୍ପାଦନ କରିଥାଏ ।



- ଶିଳ୍ପକୁ ନିମ୍ନ ଆଧାର ଉପରେ ବର୍ଗୀକରଣ କରାଯାଇପାରେ । (କ) ମାଲିକାନା (ଖ) ଉତ୍ପାଦନର ଆୟତନ (ଗ) ଉପଯୋଗ
- କୌଣସି ଦେଶର ଶିଳ୍ପ ବିକାଶ କଞ୍ଚାମାଲ, ଶିଳ୍ପ କୌଶଳ, ଉଚ୍ଚମାନର ସୁବିଧାର ଉପଲବ୍ଧି ଇତ୍ୟାଦି ଉପରେ ନିର୍ଭର କରେ ।

## ପାଠ୍ୟାନ୍ତର ପ୍ରଶ୍ନ

1) ଭାରତୀୟ ଅର୍ଥ ବ୍ୟବସ୍ଥାରେ ଶିଳ୍ପର ମହତ୍ତ୍ୱ ସ୍ପଷ୍ଟ କର ।

2) ଶିଳ୍ପ ବିକାଶ ଉପରେ ପ୍ରଭାବ ପକାଉଥିବା କାରକଗୁଡ଼ିକ ବିଷୟରେ ସ୍ପଷ୍ଟିକରଣ ଦିଅ ।

3) ଦେଶର ଶିଳ୍ପ ବିକାଶରେ ଲଘୁ ଶିଳ୍ପକୁ ସରକାର କାହିଁକି ମହତ୍ତ୍ୱପୂର୍ଣ୍ଣ ଭୂମିକା ଦେଇଛନ୍ତି ?

4) ସଂକ୍ଷିପ୍ତ ଟିପ୍ପଣୀ ଦିଅ : (କ) ଶିଳ୍ପର ଶ୍ରେଣୀ ବିଭାଜନର ଆଧାର (ଖ) 1956ର ଶିଳ୍ପନୀତି ପ୍ରସ୍ତାବ ।

5) ଭାରତରେ ଲାଇସେନ୍ସ ପ୍ରଣାଳୀର ଉଦ୍ଦେଶ୍ୟକୁ ସ୍ପଷ୍ଟ କର ।

6) ଭାରତରେ ଲଘୁଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପଗୁଡ଼ିକୁ ବର୍ଣ୍ଣନା କର ।

7) ଭାରତରେ ସାର୍ବଜନିକ କ୍ଷେତ୍ରର ମହତ୍ତ୍ୱ ସ୍ପଷ୍ଟ କର ।

8) ଭାରତରେ ସାର୍ବଜନିକ କ୍ଷେତ୍ରର ଶିଳ୍ପ ସମ୍ମୁଖରେ କି କି, ସମସ୍ୟା ମାନ ରହିଛି ?

9) ଭାରତରେ ଶିଳ୍ପାୟନର କାର୍ଯ୍ୟନିର୍ବାହ ଉପରେ ଏକ ଟିପ୍ପଣୀ ଲେଖ ।

## ପାଠ୍ୟଗତ ପ୍ରଶ୍ନର ଉତ୍ତର

| | | | | | | |
|---|---|---|---|---|---|---|
| 26.1 | (1) | (i) କୃଷି | (ii) 75 ଶତକଡ଼ା | (iii) 5 କୋଟି | (iv) ଦ୍ୱିତୀୟ | |
| | (2) | (i) ଭୁଲ | (ii) ଠିକ୍ | (iii) ଭୁଲ | (iv) ଭୁଲ | |
| 26.2 | (1) | (i) ସାର୍ବଜନିକ | (ii) ବ୍ୟକ୍ତିଗତ | (iii) 1 କୋଟି | | |
| | (2) | (i) ଭୁଲ | (ii) ଠିକ୍ | (iii) ଠିକ୍ | (iv) ଭୁଲ | |
| 26.3 | | (i) 3 | (ii) 9 | (iii) ବୃହତ୍ | (iv) 5 | (v) ଶ୍ରମ |





**ପାଠ୍ୟାନ୍ତର ପ୍ରଶ୍ନ ପାଇଁ ସୂଚନା**

1) (i) ଉପଭୋଗ ଓ ଉତ୍ପାଦନ ପାଇଁ ଦ୍ରବ୍ୟର ଉତ୍ପାଦନ ।

(ii) ସେବା ନିମିତ୍ତ ଦ୍ରବ୍ୟର ଉତ୍ପାଦନ

(iii) ଦେଶକୁ ଆତ୍ମନିର୍ଭରଶୀଳ କରିବାକୁ ସହାୟକ ।

(iv) ରପ୍ତାନୀକୁ ପ୍ରୋତ୍ସାହନ

(v) ଜୀବିକାର୍ଜନର ସାଧନ

(vi) ପ୍ରାକୃତିକ ସମ୍ବଳର ବିନିଯୋଗରେ ସହାୟକ ।

(ଅନୁଭାଗ-26.1 ପଢନ୍ତୁ)

2) (i) କଞ୍ଚାମାଲର ଉପଲବ୍ଧି

(ii) ବୈଷୟିକ ଜ୍ଞାନ କୌଶଳର ଉପଲବ୍ଧି

(iii) ଆଧାର ସଂରଚନା ସୁବିଧାର ଉପଲବ୍ଧି

(iv) ଶ୍ରମ ଶକ୍ତିର ଉପଲବ୍ଧି

(v) ମାଲିକ-କର୍ମଚାରୀ ସମ୍ବନ୍ଧ

(vi) ଦ୍ରବ୍ୟର ଚାହିଦା

(ଅନୁଭାଗ 26.3 ପଢନ୍ତୁ)

3) (i) ଅଧିକ ରୋଜଗାର ସମ୍ଭାବନା

(ii) ଚାହିଦା ଢ଼ାଞ୍ଚାରେ ପରିବର୍ତ୍ତନ ସହଜ

(iii) ସ୍ଥାନୀୟ ସମ୍ବଳର ଉପଯୋଗ


(iv) ଆୟର ବୈଷମ୍ୟକୁ କମ୍ କରିବାରେ ସହାୟକ

(v) ସନ୍ତୁଳିତ କ୍ଷେତ୍ରୀୟ ବିକାଶ

(ଅନୁଭାଗ 26.5 (କ) ପଢନ୍ତୁ)

4) (i) ତିନୋଟି ଆଧାର : ମାଲିକାନା, ଉତ୍ପାଦନର ଆୟତନ, ଉପଯୋଗ (ଭାଗ-26.4)

(ii) ଶିଳ୍ପର ସାର୍ବଜନିକ ଓ ବ୍ୟକ୍ତିଗତ କ୍ଷେତ୍ରରେ ଭୂମିକା (ଅନୁଭାଗ 26.6 ପଢନ୍ତୁ)



5) (i) ସରକାରଙ୍କ ନୀତି ପ୍ରଚଳନ

(ii) ବୃହତ୍‌ଶିଳ୍ପର ଅନାବଶ୍ୟକ ବିସ୍ତାର ଉପରେ କଟକଣା

(iii) ଲଘୁ ଶିଳ୍ପକୁ ପ୍ରତିଯୋଗିତା ମୁକ୍ତ

(iv) ସନ୍ତୁଳିତ କ୍ଷେତ୍ରୀୟ ବିକାଶର ପ୍ରୋତ୍ସାହନ

(v) ସମ୍ବଳର ଯଥୋଚିତ ବ୍ୟବହାର

(vi) ରୋଜଗାରର ସୁଯୋଗ ବୃଦ୍ଧି (ଅନୁଭାଗ 26.4 (ଖ))

6) (i) ଉତ୍ପାଦର ଆରକ୍ଷଣ

(ii) ସରକାରୀ କ୍ରୟରେ ପ୍ରାଥମିକତା

(iii) ପ୍ରାଥମିକତା ଆଧାର ଉପରେ ଋଣ

(iv) ଆଧୁନିକୀକରଣରେ ସହାୟତା (ଅନୁଭାଗ 26(5) ଖ ପଢନ୍ତୁ)

7 (i) ଦ୍ରୁତ ଶିଳ୍ପାୟନ

(ii) ଅର୍ଥନୈତିକ ଶକ୍ତିର ବିକେନ୍ଦ୍ରୀକରଣ

(iii) ବେସରକାରୀ କ୍ଷେତ୍ର ରୁଚି ରଖୁନଥିବା ଉଦ୍ୟୋଗକୁ ବିକଶିତ କରିବା ।

(iv) ସନ୍ତୁଳିତ କ୍ଷେତ୍ରୀୟ ବିକାଶ

(v) ଲାଭର ପୁନଃ ନିବେଶ (ଅନୁଭାଗ 26.6 ପଢନ୍ତୁ)

8) (i) ଶିଳ୍ପର ସ୍ଥାନୀୟକରଣ ବ୍ୟବସାୟିକ ଆଧାର ଉପରେ ନୁହେଁ

(ii) ଅନାବଶ୍ୟକ ସରକାରୀ ହସ୍ତକ୍ଷେପ


(iii) ପ୍ରୋତ୍ସାହନ ଓ ପ୍ରତିଶ୍ରୁତିବଦ୍ଧତାର ଅଭାବ

(iv) ପରିଯୋଜନା ନିମିତ୍ତ ଉଚ୍ଚ ପରିବ୍ୟୟ

(v) ପ୍ରତିଯୋଗିତାର ଅଭାବ

(vi) ଆବଶ୍ୟକରୁ ଅଧିକ କର୍ମଚାରୀ (ଅନୁଭାଗ 26.7 ପଢନ୍ତୁ)

9) (ଅନୁଭାଗ 26.8 ପଢନ୍ତୁ)



# 27

# କୃଷି ଓ ଶିଳ୍ପ ମଧ୍ୟରେ ପରସ୍ପର ନିର୍ଭରତା

ପୂର୍ବରୁ ଆପଣ ଅର୍ଥ ବ୍ୟବସ୍ଥାର ଦୁଇଟି ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ର- କୃଷି ଓ ଶିଳ୍ପ ବିଷୟରେ ଅଧ୍ୟୟନ କଲେ । କୃଷି ଓ ଶିଳ୍ପ ଅର୍ଥ ବ୍ୟବସ୍ଥାର ଦୁଇଟି ସ୍ତମ୍ଭ । ଏ ଦୁଇଟିକୁ ଆର୍ଥିକ ବିକାଶ ଓ ଉନ୍ନତିର ଚାବିକାଠି ରୂପେ ଜାଣନ୍ତି । ଅର୍ଥ ବ୍ୟବସ୍ଥାର ଏହି ଦୁଇଟି କ୍ଷେତ୍ର ମଧ୍ୟରେ ପରସ୍ପର ହିତକର ସମ୍ବନ୍ଧ ରହିଛି । ଏହା ଜାପାନ, ବ୍ରିଟେନ ଓ ଯୁକ୍ତରାଷ୍ଟ୍ର ଆମେରିକା ଭଳି ଦେଶକୁ ଆଧୁନିକ ଶିଳ୍ପକରଣର ଆର୍ଥିକ ବିକାଶର ଇତିହାସର ଏକ ଅନ୍ୟତମ ଅଧ୍ୟୟନରୁ ସ୍ପଷ୍ଟ ହୁଏ ।

କୃଷି ମନୁଷ୍ୟର ଖାଦ୍ୟ ନିମିତ୍ତ ଚାହିଦା ପୂରଣ କରିଥାଏ । ଶିଳ୍ପ ମନୁଷ୍ୟର ଅନ୍ୟ ଦ୍ରବ୍ୟ ତଥା ସେବାର ଚାହିଦା ଯଥା, ବସ୍ତ୍ର, ଗୃହ, ବିଦ୍ୟୁତ୍, ଯୋତା, ବହି, କାର ଇତ୍ୟାଦିକୁ ପୂରଣ କରିଥାଏ । ମନୁଷ୍ୟ ପାଇଁ ଖାଦ୍ୟ ଓ ଅଣଖାଦ୍ୟ ଦୁଇ ପ୍ରକାର ବସ୍ତୁର ଆବଶ୍ୟକ । ଯେପର୍ଯ୍ୟନ୍ତ ଲୋକଙ୍କର ଆବଶ୍ୟକତାର ପୂରଣର ପ୍ରଶ୍ନ ଉଠେ, ଶିଳ୍ପ ଓ କୃଷି ଗୋଟିଏ ଅନ୍ୟର ପରିପୂରକ । ତେଣୁ ଉଭୟର ବିକାଶ ଏକ ସଂଗେ ଆବଶ୍ୟକ । ଯେପର୍ଯ୍ୟନ୍ତ କୃଷିର ଉନ୍ନତି ହୋଇନାହିଁ ସେ ପର୍ଯ୍ୟନ୍ତ ଶିଳ୍ପ ମଧ୍ୟ ବିକାଶ ଲାଭ କରିପାରିବ ନାହିଁ । ଏହିପରି କୃଷି ଓ ଶିଳ୍ପ ମଧ୍ୟରେ ପରସ୍ପର ନିର୍ଭରଶୀଳତା ରହିଛି । ପରସ୍ପର ନିର୍ଭରତା ଅର୍ଥ କୃଷି ଓ ଶିଳ୍ପ ଗୋଟିଏ- ଅନ୍ୟ ଉପରେ ଆଧାରିତ ହୋଇଥାଏ ।


## ଉଦ୍ଦେଶ୍ୟ

ଏହି ଅଧ୍ୟାୟକୁ ପଢିବା ପରେ ଆପଣ :

- ଶିଳ୍ପର କୃଷି ଉପରେ କିପରି ନିର୍ଭର, କହିପାରିବେ;
- କୃଷି ମଧ୍ୟ ଶିଳ୍ପ ଉପରେ କିପରି ନିର୍ଭର, କହିପାରିବେ ।
- କୃଷି ଓ ଶିଳ୍ପ ମଧ୍ୟରେ ପରସ୍ପର ନିର୍ଭରତା ବୁଝିପାରିବେ ।
- କୃଷି ଓ ଶିଳ୍ପର ପରସ୍ପର ନିର୍ଭରତାକୁ ସରକାରୀ ନୀତି କିପରି ପ୍ରଭାବତ କରେ ବୁଝିପାରିବେ ।

## 27.1 ଶିଳ୍ପ କ୍ଷେତ୍ର ନିମ୍ନ ପ୍ରକାରରେ କୃଷି ଉପରେ ନିର୍ଭର କରିଥାଏ ।

(i) ଶିଳ୍ପକୁ କଞ୍ଚାମାଲ ପ୍ରଦାନ : ଶିଳ୍ପ ପାଇଁ କୃଷି କଞ୍ଚାମାଲର ପ୍ରାଥମିକ ସ୍ରୋତ ତାଲିକା 27.1ରେ କେତେକ ଶିଳ୍ପ ଓ ସେମାନଙ୍କର କୃଷିକ୍ଷେତ୍ରରୁ ପ୍ରାପ୍ତି କଞ୍ଚାମାଲର ସୂଚୀ ଦିଆଗଲା ।



**ତାଲିକା 27.1**

**ଶିଳ୍ପ ଓ କଞ୍ଚାମାଲ**

| କ୍ରମ | ଶିଳ୍ପ | କଞ୍ଚାମାଲ |
|---|---|---|
| 1 | ସୂତାଲୁଗା | କପା |
| 2 | ଝୋଟ ଉତ୍ପାଦ | ଝୋଟ |
| 3 | ଟାୟାର ଓ ଟ୍ୟୁବ୍ | ପ୍ରାକୃତିକ ରବର |
| 4 | ତେଲ | ତୈଳବୀଜ, ନଡ଼ିଆ |
| 5 | ଚିନି | ଆଖୁ |
| 6 | ଚାହା | ଚାହାପତ୍ର |
| 7 | କଫି | କଫିଦାନା |

ନୂତନ ଶିଳ୍ପର ସ୍ଥାପନ ଓ ବର୍ତ୍ତମାନ ଶିଳ୍ପଗୁଡିକର ସମ୍ପ୍ରସାରଣ ହେବାରୁ କଞ୍ଚାମାଲର ଚାହିଦାରେ କ୍ରମାଗତ ବୃଦ୍ଧି ହୋଇଚାଲିଛି । ଏହି ବର୍ଦ୍ଧିତ ଚାହିଦାର ପୂରଣ କୃଷି ଉତ୍ପାଦନ ବୃଦ୍ଧି ଦ୍ୱାରା ହିଁ ସମ୍ଭବ ।

(ii) ଶିଳ୍ପ କ୍ଷେତ୍ରରେ କାର୍ଯ୍ୟରତ ଜନସଂଖ୍ୟାକୁ ଖାଦ୍ୟ ପ୍ରଦାନ :

କୃଷି କ୍ଷେତ୍ର ମନୁଷ୍ୟର ଆଧାରଭୂତ ଯଥା ଖାଦ୍ୟ ସମ୍ବନ୍ଧୀୟ ଆବଶ୍ୟକତାକୁ ପୂରଣ କରିଥାଏ । ଏଥିରୁ ଆମକୁ ଶସ୍ୟ, ଡାଲି, ପରିବା, ଫଳ, ମସଲା, ଚାହା, କଫି, ତେଲ, ଚିନି ଇତ୍ୟାଦି ମିଳେ । ଏହି କ୍ଷେତ୍ର ସମସ୍ତ ଲୋକଙ୍କର ଖାଦ୍ୟର ଚାହିଦା ପୂରଣ କରିଥାଏ ହୁଏତ ଏମାନେ କୃଷିକ୍ଷେତ୍ରରେ କାମ କରନ୍ତୁ ବା ଶିଳ୍ପରେ ବା ସେବା କ୍ଷେତ୍ରରେ ।

ଏହିପରି ଭାବରେ ଶିଳ୍ପ ବିକାଶର ହାର ସିଧାସଳଖ କୃଷିର ବିକାଶ ଉପରେ ନିର୍ଭରଶୀଳ । ଏକ ଦୁର୍ବଳ କୃଷିକ୍ଷେତ୍ର ବର୍ଦ୍ଧିତ ଶିଳ୍ପ କ୍ଷେତ୍ରକୁ ତୁଲାଇ ପାରିବ ନାହିଁ। ଅତଏବ ଶିଳ୍ପ ବିକାଶ ପାଇଁ ଶିଳ୍ପ କ୍ଷେତ୍ରକୁ ଅନବରତ ଖାଦ୍ୟ ସାମଗ୍ରୀର ଯୋଗାଣ ଆବଶ୍ୟକ ।

(iii) କୃଷିରେ କାର୍ଯ୍ୟରତ ଜନସଂଖ୍ୟା ଔଦ୍ୟୋଗିକ ଦ୍ରବ୍ୟର ଚାହିଦାର ସ୍ରୋତ:

ଖାଦ୍ୟ/ ଭୋଜନ ସମସ୍ତ ମନୁଷ୍ୟଙ୍କର ମୌଳିକ ଆବଶ୍ୟକତା । ଏହା ବ୍ୟତୀତ ଲୋକମାନଙ୍କର ଅନ୍ୟ କେତେକ ଦ୍ରବ୍ୟର ଆବଶ୍ୟକତା ହୋଇଥାଏ ଯାହାର ଉତ୍ପାଦନ ଔଦ୍ୟୋଗିକ କ୍ଷେତ୍ରରେ ହିଁ ହୋଇଥାଏ । ଭାରତରେ ପ୍ରାୟତଃ ଦୁଇ ତୃତୀୟାଂଶ ଜନସଂଖ୍ୟା ଚାଷ ଓ ତତ୍ ସମ୍ବନ୍ଧୀୟ କାର୍ଯ୍ୟରେ ଲାଗିଥାନ୍ତି । ଏହି ଲୋକଙ୍କ ଖାଦ୍ୟ ବ୍ୟତୀତ ଅନ୍ୟ ଦ୍ରବ୍ୟ ଯଥା ଲୁଗା, ବାସଗୃହ, ଯୋତା, ବହି,


କାର୍ ଇତ୍ୟାଦିର ମଧ୍ୟ ଆବଶ୍ୟକତା ହୋଇଥାଏ । ଯଦି କୃଷି କ୍ଷେତ୍ରରେ ଲୋକଙ୍କର ଆୟ କମ୍ ହୁଏ ତେବେ ଶିଳ୍ପଜାତ ଦ୍ରବ୍ୟର ଚାହିଦା ମଧ୍ୟ କମ୍ ହେବ। ଶିଳ୍ପ କ୍ଷେତ୍ରର ବୃଦ୍ଧି, କୃଷି କ୍ଷେତ୍ରର ବୃଦ୍ଧି ଉପରେ ନିର୍ଭର କରେ। କୃଷି କ୍ଷେତ୍ରରେ ବିକାଶ ହେଲେ ଏହି କ୍ଷେତ୍ରରେ କାର୍ଯ୍ୟରତ ଲୋକଙ୍କ ଆୟ ବୃଦ୍ଧିହେବ ଫଳରେ ସେମାନଙ୍କର ଶିଳ୍ପଜାତ ଦ୍ରବ୍ୟର ଚାହିଦା ବୃଦ୍ଧି ହେବ ।

### (iv) ଶିଳ୍ପକ୍ଷେତ୍ର ପାଇଁ ଶ୍ରମ ଓ ଭୂମି ସଂସାଧନର ସ୍ରୋତ

କୃଷି କ୍ଷେତ୍ର ଶିଳ୍ପ କ୍ଷେତ୍ରକୁ ପ୍ରଦାନ କରୁଥିବା ଦୁଇଟି ମହତ୍ତ୍ୱପୂର୍ଣ୍ଣ ସଂସାଧନ ହେଉଛି ଭୂମି ଓ ଶ୍ରମ। ଯଦି ଗୋଟିଏ ରାଷ୍ଟ୍ର ସ୍ୱଳ୍ପ ବିକଶିତ ହୋଇଥାଏ ତେବେ ତାହା ମୁଖ୍ୟତଃ କୃଷିପ୍ରଧାନ ଦେଶ ହୋଇଥାଏ। ଯେତେବେଳେ ବିକାଶ ହୁଏ ସେତେବେଳେ ଶ୍ରମର ତୁଳନାତ୍ମକ ଆବଶ୍ୟକତା କୃଷିକ୍ଷେତ୍ରରୁ ଊଣା ହୁଏ ଯାହା ଫଳରେ ଶିଳ୍ପକ୍ଷେତ୍ରର ବୃଦ୍ଧି ହୁଏ ।

କୃଷି କ୍ଷେତ୍ରରେ ଶ୍ରମର ଆବଶ୍ୟକତାରେ ଅଭାବର ଦୁଇଟି କାରଣ ଅଛି। ପ୍ରଥମତଃ ଆୟରେ ଧୀରେ ଧୀରେ ବୃଦ୍ଧି ହେଲେ, ଖାଦ୍ୟର ଚାହିଦା ମନ୍ଦ ଗତିରେ ବୃଦ୍ଧି ହୋଇଥାଏ, କାରଣ ଲୋକମାନେ ଖାଦ୍ୟର ସୀମିତ ପରିମାଣ ଉପଭୋଗ କରିଥାନ୍ତି, ଯେତେବେଳେ ତାଙ୍କର ଅନ୍ୟ ଦ୍ରବ୍ୟ ଯଥା, ବାସଗୃହ, କାର, ବସ୍ତ୍ର ଇତ୍ୟାଦିର ଚାହିଦା ଆୟ ବୃଦ୍ଧି ହେବା ସହିତ ବଢିଯାଏ । ଦ୍ୱିତୀୟରେ ଉତ୍ତମ ଗୁଣବତ୍ତାର କୃଷି ଉପାଦାନ ଯଥା ଉନ୍ନତ ବିହନ, ସାର, କୀଟନାଶକ, ଔଷଧ, ଟ୍ରାକ୍ଟର, ସେଚନ ସୁବିଧା ଇତ୍ୟାଦିର ପ୍ରୟୋଗ ଫଳରେ କୃଷିର ପ୍ରତି ହେକ୍ଟରର ଉତ୍ପାଦକତା ବଢିଯାଏ । ପରିଣାମ ସ୍ୱରୂପ ଭୂମିର ମାତ୍ର ଖଣ୍ଡିଏ ଭୂମିରୁ ସେତେ ପରିମାଣର ଫସଲ ଉତ୍ପାଦନ କରିବାକୁ କମ୍ ଲୋକଙ୍କର ଆବଶ୍ୟକ ପଡିଥାଏ। ଉଦାହରଣ ସ୍ୱରୂପ ଏକ କ୍ଷେତରେ ୨୦ ଜଣ ଶ୍ରମିକ କାମ କରନ୍ତି । ଏହି ଜମି ପୁରାତନ ପଦ୍ଧତି ତଥା କାଠ ଲଙ୍ଗଳ ପରି ଉପକରଣ ଦ୍ୱାରା କରାଯାଉଛି । ଯଦି ଏହି ଶ୍ରମିକମାନଙ୍କୁ ଆଧୁନିକ ଯନ୍ତ୍ର ଯଥା ଟ୍ରାକ୍ଟର ଆଦି ଦିଆଯାଏ ତେବେ ସେହି ଆୟତନ ଜମିରୁ ଉତ୍ପାଦନ ପାଇଁ ୨୦ ଜଣଙ୍କ ସ୍ଥାନରେ କମ୍ ଶ୍ରମିକ (ଧରି ନିଆଯାଉ ୧୦ ଜଣ)ଙ୍କର ଆବଶ୍ୟକ ହେବ । ବଳକା ୧୦ଜଣ ଶ୍ରମିକ ବେକାର ହୋଇଯିବେ । ଏହି ଅତିରିକ୍ତ ଶ୍ରମିକମାନଙ୍କୁ ଶିଳ୍ପ କ୍ଷେତ୍ରରେ ରୋଜଗାରକ୍ଷମ କରାଯାଇପାରେ। ଅନ୍ୟପକ୍ଷରେ ଯେତେବେଳେ ଅର୍ଥ ବ୍ୟବସ୍ଥାର ବିକାଶ ହୁଏ ଏବଂ ଆୟ ବୃଦ୍ଧି ହୁଏ, ତେବେ ଶିଳ୍ପଜାତ ଦ୍ରବ୍ୟର ଚାହିଦା ଦ୍ରୁତଗତିରେ ବୃଦ୍ଧି ହୁଏ। ଶିଳ୍ପର ବିସ୍ତାର ହୁଏ ଏବଂ ଶିଳ୍ପକୁ ଅଧିକ ଶ୍ରମିକଙ୍କର ଆବଶ୍ୟକ ପଡିଥାଏ।

ଆପଣ ଏହା ପଢିଛନ୍ତି ଯେ ବିକାଶ ସହିତ କୃଷିକ୍ଷେତ୍ରରେ ଶ୍ରମିକଙ୍କର ଆବଶ୍ୟକତା ଅଧିକ ହୋଇ ଚାଲିଥାଏ । ଏହି ଶ୍ରମିକମାନଙ୍କୁ ଶିଳ୍ପ କ୍ଷେତ୍ରରେ କାର୍ଯ୍ୟ ଦିଆଯାଇପାରେ। ଏହିପରି କୃଷି, ଶିଳ୍ପ ପାଇଁ ଶ୍ରମର ଏକ ସ୍ରୋତ ହୋଇଥାଏ। ଶିଳ୍ପକରଣ ପ୍ରକ୍ରିୟା ପାଇଁ ଆଉ ଏକ ଅନ୍ୟ ସଂସାଧନ ହେଉଛି ଭୂମି। ଭୂମିର ମଧ୍ୟ ଆବଶ୍ୟକ ହୁଏ ଯାହା ଉପରେ ଶିଳ୍ପ ତଥା ଶିଳ୍ପ ନଗରୀ ସ୍ଥାପିତ କରାଯାଇପାରେ। ଏହିପରି ଭାବେ ଭୂ-ଉପଯୋଗୀ କୃଷିରୁ ଶିଳ୍ପରେ ବଦଳିଯାଏ।



### (v) ଶିଳ୍ପ କ୍ଷେତ୍ର ପାଇଁ ଅର୍ଥର ସ୍ରୋତ :

କୃଷି ରାଷ୍ଟ୍ରୀୟ ଆୟର ଏକ ମହତ୍ତ୍ୱପୂର୍ଣ୍ଣ ସ୍ରୋତ । ଅତଏବ ଏହା ଅର୍ଥ ବ୍ୟବସ୍ଥା ପାଇଁ ସଞ୍ଚୟ ଓ ପୁଞ୍ଜି ନିର୍ମାଣର ମଧ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ସ୍ରୋତ ହୋଇଯାଏ। ଗ୍ରାମୀଣ କ୍ଷେତ୍ରରେ ବାସ କରୁଥିବା ଲୋକ ନିଜର ସଞ୍ଚୟକୁ ସ୍ଥାନୀୟ ବ୍ୟାଙ୍କ ଡାକଘରେ ତଥା ଅନ୍ୟ ଆର୍ଥିକ ସଂସ୍ଥାରେ ଜମା କରିଥାନ୍ତି । ଏହି ଅର୍ଥ ବ୍ୟାଙ୍କ ମାଧ୍ୟମରେ ସହରାଞ୍ଚଳ ଶିଳ୍ପରେ ବିନିଯୋଗ ହୋଇଥାଏ । ଏହିପରି ଗ୍ରାମୀଣ ସଞ୍ଚୟ ଶିଳ୍ପ ପାଇଁ ଅର୍ଥର ସ୍ରୋତ ହୋଇଥାଏ । କୃଷିକ୍ଷେତ୍ରର ଆମଦାନୀ ଯେତେ ଅଧିକ ହେବ ତହିଁରୁ ସଞ୍ଚୟ ସେତେ ଅଧିକ ହେବ ଏବଂ ସେତିକି ଅଧିକ ଅର୍ଥ ଶିଳ୍ପକୁ ଉପଲବ୍ଧ ହେବ। ସୁତରାଂ ଶିଳ୍ପ କ୍ଷେତ୍ରର ବିକାଶ କୃଷିକ୍ଷେତ୍ରର ବିକାଶ ସହିତ ଜଡିତ ।

## 27.2 ଶିଳ୍ପ ଉପରେ କୃଷିର ନିର୍ଭରତା

ଆମେ ଅଧ୍ୟୟନ କଲେ ଯେ ଶିଳ୍ପକ୍ଷେତ୍ରର ବିକାଶ କୃଷିକ୍ଷେତ୍ରର ବିକାଶ ଉପରେ କିପରି ଭାବେ ଆଧାରିତ । ଠିକ୍ ସେହିପରି କୃଷିକ୍ଷେତ୍ରର ବିକାଶ ମଧ୍ୟ ଶିଳ୍ପ କ୍ଷେତ୍ରର ବିକାଶ ଉପରେ ନିର୍ଭରଶୀଳ । ଆସନ୍ତୁ ଦେଖିବା କିପରି ଭାବେ କୃଷି ଶିଳ୍ପ ଉପରେ ନିର୍ଭରଶୀଳ।

### (i) କୃଷିରେ କାର୍ଯ୍ୟରତ ଲୋକଙ୍କୁ ନିର୍ମିତ ଦ୍ରବ୍ୟ ଦେଇଥାଏ ।


ଖାଦ୍ୟ ବ୍ୟତୀତ ଆରାମଦାୟକ ଜୀବନ ବିତେଇବା ପାଇଁ ଲୋକମାନଙ୍କୁ ଅନେକ ଦ୍ରବ୍ୟଗୁଡିକର ଆବଶ୍ୟକ ହୋଇଥାଏ ଯଥା- ବସ୍ତ୍ର, ବାସଗୃହ, ବାସନ, ସ୍କୁଟର, ସାଇକେଲ, ରେଡିଓ, ଟେଲିଭିଜନ, ଫ୍ରିଜ ଇତ୍ୟାଦି । ଏହିସବୁ ଦ୍ରବ୍ୟର ଉତ୍ପାଦନ ଶିଳ୍ପ କ୍ଷେତ୍ର ହିଁ କରିଥାଏ । କୃଷିରେ କାର୍ଯ୍ୟରତ ଜନସଂଖ୍ୟାଙ୍କ ଏହି ଦ୍ରବ୍ୟଗୁଡିକର ଆବଶ୍ୟକତା ରହିଛି । ଶିଳ୍ପକ୍ଷେତ୍ର ଏହିସବୁ ଦ୍ରବ୍ୟର ଆବଶ୍ୟକତାକୁ ପୂରଣ କରିଥାଏ । ଯାହାର ଚାହିଦା କୃଷିକ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକମାନେ କରନ୍ତି ।

### (ii) କୃଷିକ୍ଷେତ୍ରକୁ ଆଧୁନିକ ଯନ୍ତ୍ର ଓ ଉପକରଣ ଯୋଗାଏ ।

ବିଗତ କେତେ ଶତାବ୍ଦୀରୁ ଭାରତୀୟ କୃଷକ କୃଷିର ପୁରାତନ ପଦ୍ଧତିକୁ ବ୍ୟବହାରରେ ଲଗାଉଥିଲେ ଯେଉଁଥିରେ କାଠର ଲଙ୍ଗଳ, ହାତ ଉପକରଣ, ବଳଦ ଗାଡି ଆଦି ରହିଛି । ଏ ପଦ୍ଧତିରେ କୃଷିର ଉତ୍ପାଦକତା ବହୁତ କମ୍ ଥିଲା । ବର୍ତ୍ତମାନ ଶିଳ୍ପ, କୃଷିକୁ ବିଭିନ୍ନନୂତନ ଯନ୍ତ୍ରପାତି, ଉପକରଣ ଓ ହାତ ହତିଆର ଦେଇଛି । ଯେପରି ଟ୍ରାକ୍ଟର, ପମ୍ପସେଟ୍, କାଟିବାଯନ୍ତ୍ର ଓ ଅନ୍ୟାନ୍ୟ ଆଧୁନିକ ଉପକରଣ । ଏହାଦ୍ୱାରା କୃଷିରେ ଶ୍ରମଶକ୍ତିର ଆବଶ୍ୟକତା କମ୍ ହୋଇଛି ଏବଂ ଉତ୍ପାଦକତା ବଢିଛି ।

### (iii) କୃଷିକୁ ଉନ୍ନତ ବିହନ ଯୋଗାଏ ।

ଉନ୍ନତ ବିହନ କୃଷି କ୍ଷେତ୍ର ପାଇଁ ଏକ ଆବଶ୍ୟକ ଆଗମ । ଉନ୍ନତ ବିହନକୁ ବିକଶିତ






କରିବା ପାଇଁ ଅନବରତ ଅନୁସନ୍ଧାନ ଚାଲିଅଛି ଯାହା ଫଳରେ ଅଧିକ ଉତ୍ପାଦନ ହେବ, ସେଥିରେ ରୋଗ ପୋକ, କୀଟ ପତଙ୍ଗ ସହିତ ସଂଘର୍ଷ କରିବାକୁ ପ୍ରତିରୋଧକ କ୍ଷମତା ଥିବ ଏବଂ ସ୍ଥାନୀୟ ସ୍ଥିତି ଅନୁସାରେ ହେଉଥିବା ଅର୍ଥାତ୍ ଜମିର ଉପଲବ୍ଧ ମାଟି ଓ ଜଳବାୟୁ ଅନୁସାରେ ହେଉଥିବା ଉନ୍ନତ ବିହନର ବିକାଶ ପାଇଁ ଦେଶ ଭିତରେ ପରିଷ୍କୃତ ଉପକରଣ ଓ ସୁବିଧାରେ ପରିପୂର୍ଣ୍ଣ ପ୍ରୟୋଗଶାଳାଗୁଡିଏ ସ୍ଥାପିତ କରିବା ଆବଶ୍ୟକ ରହିଛି । ଶିଳ୍ପକ୍ଷେତ୍ର ଅନୁସନ୍ଧାନ ପାଇଁ ନୂତନ ବୈଷୟିକ ଜ୍ଞାନ ଓ ରୂପରେଖ ବିକଶିତ କରିଥାଏ । ଏହା ଏହି କ୍ଷେତ୍ରରେ ଅନୁସନ୍ଧାନ କରିବାକୁ ଆବଶ୍ୟକ ଯନ୍ତ୍ର ଓ ଉପକରଣ ମଧ୍ୟ ତିଆରି କରେ। ଏହିପରି ଭାବେ ଶିଳ୍ପକ୍ଷେତ୍ର କୃଷି ଉତ୍ପାଦନ ବୃଦ୍ଧିରେ ସହାୟତା କରିଥାଏ।

### (iv) ଶିଳ୍ପକ୍ଷେତ୍ର କୃଷି କ୍ଷେତ୍ରକୁ ସାର ଯୋଗାଇଥାଏ।

ପାରମ୍ପରିକ ପଦ୍ଧତିରେ ଭାରତୀୟ କୃଷକ ନିଜ ଜମିରେ ଉର୍ବରତା ବୃଦ୍ଧି ପାଇଁ ଗୋବର ଖତ ବ୍ୟବହାର କରି ଆସୁଥିଲେ । ଏହି ଖତକୁ ତିଆରି କରିବାକୁ ଦ୍ରବ୍ୟ ସ୍ୱୟଂ କୃଷି କ୍ଷେତ୍ରରୁ ହିଁ ମିଳିଥାଏ ମାତ୍ର ଏହି ବିଷୟକୁ ଅନୁଭବ କରାଗଲା ଯେ ଏହାର କୌଣସି ଉନ୍ନତ ବିକଳ୍ପ ବିକଶିତ କରାଯାଉ। ଏହି ଉନ୍ନତ ବିକଳ୍ପ ହିଁ ରାସାୟନିକ ସାର। ଏହି ସାରରେ, ନାଇଟ୍ରୋଜେନ, ଫସ୍‌ଫେଟ୍ ଓ ପୋଟାଶ ରହିଥାଏ। ଏହି ସାର ଫସଲ ଆମଦାନି ପରେ ଭୂମିର ଉର୍ବରତାରେ ହୋଇଥିବା ହ୍ରାସକୁ ପୂରଣ କରିଥାଏ। ରସାୟନ ଶିଳ୍ପ ସାରର ଚାହିଦାକୁ ପୂରଣ କରିଥାଏ । ସାରର ପ୍ରୟୋଗ ଦ୍ୱାରା କୃଷି ଉତ୍ପାଦକତାରେ ମହତ୍ତ୍ୱପୂର୍ଣ୍ଣ ବୃଦ୍ଧି ହୋଇଛି ।

### (v) ସେଚ ପାଇଁ ଯନ୍ତ୍ର ଓ ଉପକରଣର ଉତ୍ପାଦନ କରେ ।

ଜଳ ବିନା କୌଣସି ଫସଲ ହୋଇପାରିବ ନାହିଁ। ଆମ ଦେଶରେ ସେଚନର ପ୍ରଧାନ ଉତ୍ସ ହେଉଛି, ବର୍ଷା । ଭାରତର ୬୦ ଶତକଡ଼ା ମୋଟ କୃଷିଯୋଗ୍ୟ ଭୂମି ଜଳ ପାଇଁ ମୌସୁମୀ ଉପରେ ନିର୍ଭର କରେ ମାତ୍ର ସେଚନର ଉତ୍ସ ରୂପେ ବର୍ଷା ଏକ ବିଶ୍ୱସନୀୟ ଉତ୍ସ ନୁହେଁ । ଏହାର ଦୁଇଟି କାରଣ ଅଛି। ପ୍ରଥମ କାରଣ ବର୍ଷାର ପରିମାଣ ବିଷୟରେ । ବର୍ଷାର ପରିମାଣ ପ୍ରକୃତି ଦ୍ୱାରା ନିୟନ୍ତ୍ରିତ ହୋଇଥାଏ ମନୁଷ୍ୟ ଦ୍ୱାରା ନୁହେଁ । କେବେକେବେ ତ ବର୍ଷା ହୁଏ ନାହିଁ ବା ପର୍ଯ୍ୟାପ୍ତ ହୁଏ ନାହିଁ। ଫଳରେ କୃଷି ଉତ୍ପାଦନରେ ହାନୀ ହୁଏ। କେବେ କେବେ ଆବଶ୍ୟକତା ଠାରୁ ଅଧିକ ବର୍ଷା ହୋଇଥାଏ ଫଳରେ ଫସଲ ନଷ୍ଟ ହୁଏ। ଦ୍ୱିତୀୟ କାରଣ ବର୍ଷା ଆଗମନ ସମୟ ବିଷୟରେ। କେତେବେଳେ ଯେଉଁ ସମୟରେ ବର୍ଷାର ଆବଶ୍ୟକ ହୋଇଥାଏ ସେ ସମୟରେ ଏହା ହୁଏ ନାହିଁ । ତେଣୁ ଏହା ଅତ୍ୟନ୍ତ ଆବଶ୍ୟକ ଯେ ଦେଶରେ ସେଚର ବିକଳ୍ପ ବିକାଶ କରାଯାଉ। ସେଚ ସାହାଯ୍ୟରେ ଶୁଖିଲା, ମରୁଡି ତଥା ଅକାଳ ଦ୍ୱାରା ପ୍ରଭାବିତ ଅବସ୍ଥାକୁ ସମ୍ମୁଖୀନ କରାଯାଇପାରିବ । ସେଚିତ ଭୂମିର ଉତ୍ପାଦକତା ଅଣ-ସେଚିତ ଭୂମିର ଉତ୍ପାଦକତା ଠାରୁ କେତେ ଗୁଣ ଅଧିକ ହୋଇଥାଏ। ବହୁ ଫସଲ କୃଷି, ନୂତନ କୃଷି କୌଶଳର ପ୍ରୟୋଗ ଏବଂ ଅଧିକରୁ



ଅଧିକ ଭୂମିକୁ କୃଷିଯୋଗ୍ୟ କରିବା ସେଚନ ଦ୍ୱାରା ହିଁ ସମ୍ଭବ ।

ସେଚନ ସୁବିଧାଗୁଡିକୁ ଉପଲବ୍ଧ କରିବା ପାଇଁ ପୁଷ୍କରିଣୀ, କୂଅ, ନାଳ, ଜଳାଶୟ, ନଳକୂପ, ହ୍ୟାଣ୍ଡପମ୍ପ, ପମ୍ପସେଟ୍ ଇତ୍ୟାଦିର ଆବଶ୍ୟକ ହୋଇଥାଏ । ଏହିସବୁର ତିଆରି ପାଇଁ ସିମେଣ୍ଟ ଓ ଲୁହାର ଆବଶ୍ୟକ ହୋଇଥାଏ । ଏଗୁଡ଼ିକୁ ସବୁ ଶିଳ୍ପ କ୍ଷେତ୍ର ହିଁ ତିଆରି କରିଥାଏ । ପମ୍ପସେଟ୍ ଓ ହ୍ୟାଣ୍ଡପମ୍ପ ମଧ୍ୟ ଶିଳ୍ପକ୍ଷେତ୍ର ଦ୍ୱାରା ହିଁ ତିଆରି ହୋଇଥାଏ । ଏହି କ୍ଷେତ୍ର ମଧ୍ୟ ପମ୍ପସେଟ୍ ଆଦି ମେସିନକୁ ଚଳାଇବା ପାଇଁ ବିଦ୍ୟୁତ୍ ଉତ୍ପାଦନ କରିଥାଏ ।


### (vi) କୃଷି ପାଇଁ କୀଟନାଶକ ଔଷଧ ଯୋଗାଏ ।

1950 ମସିହାରେ କେବଳ ୧୦୦ ଟନ୍ ପରିମାଣର କୀଟନାଶକ ପ୍ରୟୋଗ କରାଯାଉଥିଲା । ମାତ୍ର ୬୦ ଦଶକର ମଧ୍ୟଭାଗରେ ନୂତନ କୃଷି ବ୍ୟୁହନୀତିକୁ କାର୍ଯ୍ୟକାରୀ କରିବା ସହିତ କୀଟନାଶକ ଔଷଧର ପ୍ରୟୋଗ ଅତ୍ୟଧିକ ବୃଦ୍ଧି ପାଇଛି କାରଣ ନୂତନ କିସମର ବିହନରେ କୀଟ ପୋକ-ପତଙ୍ଗମାନଙ୍କ ସଂକ୍ରମଣର ସମ୍ଭାବନା ଅଧିକଥାଏ । ବର୍ଷ ୨୦୦୩-୦୪ରେ କୀଟନାଶକର ପ୍ରୟୋଗର ପରିମାଣ ୪୧ ହଜାର ଟନ୍ ଥିଲା । କୃଷି ଉତ୍ପାଦନର ପ୍ରାୟତଃ ୫ରୁ ୧୦ ଶତକଡ଼ା ଭାଗ କୀଟପତଙ୍ଗ, ଅନ୍ୟ ଗଛଲତା ରୋଗ ଦ୍ୱାରା ନଷ୍ଟ ହୋଇଥାଏ । ଫସଲକୁ ଏସବୁ ଠାରୁ ବଞ୍ଚାଇବାକୁ ବିଭିନ୍ନ କୀଟନାଶକ ଔଷଧର ଆବଶ୍ୟକତା ପଡିଥାଏ । ଉପଯୁକ୍ତ କୀଟନାଶକ ଔଷଧକୁ ବିକଶିତ କରିବାକୁ ଅନୁସନ୍ଧାନ ଶିଳ୍ପକ୍ଷେତ୍ର କରିଥାଏ ଯାହାକି ବୃକ୍ଷଲତା ଓ ଜୀବଜନ୍ତୁ ଉଭୟଙ୍କ ପାଇଁ ହାନିକାରକ ନହେଉ । ଶିଳ୍ପକ୍ଷେତ୍ର ଦ୍ୱାରା କୀଟନାଶକର ଉତ୍ପାଦନ ଏବଂ କୃଷିକ୍ଷେତ୍ରକୁ ଏହାର ଯୋଗାଣ ଫଳରେ କୃଷିର ଉତ୍ପାଦନରେ ବୃଦ୍ଧି ହୋଇଥାଏ ।

### (vii) କୃଷି ବିପଣନ ଓ ଭଣ୍ଡାରଣ ନିମିତ୍ତ ।

କୃଷି ବିପଣନ ଓ ଭଣ୍ଡାରଣ ସୁବିଧାର ବିକାଶ ହେତୁ ଆବଶ୍ୟକ ଆଧାରିତ ସଂରଚନାଗୁଡ଼ିକୁ ନିର୍ମାଣ କରିବାକୁ ସାମଗ୍ରୀ ଶିଳ୍ପ ହିଁ ଉପଲବ୍ଧ କରାଇଥାଏ । ଶିଳ୍ପ ପକ୍କା ସଡ଼କ ନିର୍ମାଣ ପାଇଁ ଆବଶ୍ୟକ ସାମଗ୍ରୀ ଓ ଯାନ୍ତ୍ରିକ କୌଶଳ ଉପଲବ୍ଧ କରାଏ । କୃଷକଙ୍କ ଦ୍ୱାରା ନିଜ ଫସଲକୁ ମଣ୍ଡିରେ ପହଞ୍ଚାଇବା ପାଇଁ ପକ୍କା ସଡ଼କ ଥିବା ଆବଶ୍ୟକ । ଶିଳ୍ପ, ଶୀତଳ ଭଣ୍ଡାର, ମାଲଗୋଦାମର ନିର୍ମାଣରେ ସହାୟକ ହୋଇଥାଏ ଫଳରେ କୃଷକ ଉଚିତ ବଜାର ଦର ନ ମିଳିବା ପର୍ଯ୍ୟନ୍ତ ନିଜ ଉତ୍ପାଦନକୁ ଏଠାରେ ସାଇତି ରଖି ପାରିଥାଏ । ତାଙ୍କୁ ନିଜର ଉତ୍ପାଦ ନଷ୍ଟ ହେବା ଭୟରେ ଶୀଘ୍ର ବିକିଦେବାକୁ ଆବଶ୍ୟକ ହୁଏ ନାହିଁ । ଭଣ୍ଡାରଣ ସୁବିଧା କୃଷକଙ୍କୁ ତାଙ୍କର ଉତ୍ପାଦ ପାଇଁ ଉଚିତ ମୂଲ୍ୟ ପ୍ରଦାନ କରିବାରେ ସହାୟକ ହୁଏ ।

ଏହିପରି ଭାବେ ଆମେ ଦେଖିଲେ ଯେ କୃଷି ଏବଂ ଶିଳ୍ପ ଉଭୟ କ୍ଷେତ୍ର ହିଁ ପରସ୍ପର ନିର୍ଭରଶୀଳ । ଅତଏବ ଉଭୟ କ୍ଷେତ୍ରରେ ବିକାଶ ଅବଶ୍ୟମ୍ଭାବୀ ଓ ଆବଶ୍ୟକ ହୋଇଥାଏ ।





### ପାଠ୍ୟଗତ ପ୍ରଶ୍ନ

1) ବନ୍ଧନୀରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(ଗୋବର ଖତ, ଖାଦ୍ୟ, ଦୁଇ ତୃତୀୟାଂଶ, ପ୍ରାକୃତିକ ରବର, ସାର, ୬୦)

(i) କୃଷିକ୍ଷେତ୍ର, କଞ୍ଚାମାଲ ରୂପରେ .................. ଟାୟାର ଶିଳ୍ପକୁ ଦେଇଥାଏ ।

(ii) ................ ସମସ୍ତ ମନୁଷ୍ୟଙ୍କର ପ୍ରାଥମିକ ଆବଶ୍ୟକତା ।

(iii) ଭାରତର ......................... ଜନସଂଖ୍ୟା କୃଷି କ୍ଷେତ୍ରରେ କାର୍ଯ୍ୟରତ ।

(iv) ପାରମ୍ପରିକ ପଦ୍ଧତିରେ ଭାରତୀୟ କୃଷକ ସାର ରୂପେ ................ର ପ୍ରୟୋଗ କରିଥାଏ ।

(v) କାର୍ଯ୍ୟରତ ଚାଷଯୋଗ୍ୟ ................. ପ୍ରତିଶତ ଭୂମିସେଚନ ପାଇଁ ମୌସୁମୀ ଉପରେ ନିର୍ଭର ।

2) ଶିଳ୍ପ କିପରି କୃଷି ଉପରେ ନିର୍ଭର କରେ, ଦୁଇଟି ଉଦାହରଣ ଦେଇ ବୁଝାଅ ।


3) କୃଷି କିପରି ଶିଳ୍ପ ଉପରେ ନିର୍ଭର କରେ ଦୁଇଟି ଉଦାହରଣ ଦେଇ ବୁଝାଅ ।

## 27.3 କୃଷି ଓ ଶିଳ୍ପ ମଧ୍ୟରେ ପାରସ୍ପାରିକ ନିର୍ଭରତା ସମ୍ବନ୍ଧୀୟ ସରକାରୀ ନୀତି

ସ୍ୱାଧୀନତା ପରେ ପ୍ରଥମ ଶିଳ୍ପ ନୀତିର ଘୋଷଣା ୧୯୪୮ ମସିହାରେ ହୋଇଥିଲା । ୧୯୫୬ରେ ଏଥିରେ ସଂଶୋଧନ ଅଣାଗଲା । ଏହି ନୀତି ଗୁଡ଼ିକର ଆଲୋଚନା ହୋଇଥିଲା, କାରଣ ଏଥିରେ କେଉଁଠି ହେଲେ ଏହି ବିଷୟରେ ରେଖାଙ୍କିତ କରାଯାଇନଥିଲା ଯେ ଅର୍ଥ ବ୍ୟବସ୍ଥାର ଦୁଇଟି ପ୍ରମୁଖ କ୍ଷେତ୍ର କୃଷି ଓ ଶିଳ୍ପ କିପରି ଭାବେ ଏକ ଅନ୍ୟ ଉପରେ ନିର୍ଭରଶୀଳ ଓ ପାରସ୍ପାରିକ ରୂପରେ ଏକ ଅନ୍ୟକୁ ପ୍ରଭାବିତ ଓ ସୁଦୃଢ଼ କରିପାରେ । ୧୯୯୧ରେ ନୂତନ ଶିଳ୍ପ ନୀତିରେ ଏହି ବିଷୟକୁ ଧ୍ୟାନରେ ରଖାଗଲା ଯେ କୃଷି ଏବଂ ଶିଳ୍ପ ଉଭୟକୁ ମହତ୍ୱ ପ୍ରଦାନ କରାଯାଉ ।

ରାଷ୍ଟ୍ରୀୟ କୃଷି ନୀତି-୨୦୦୦

ଭାରତ ସରକାରଙ୍କ ଦ୍ୱାରା ସନ ୨୦୦୦ରେ ନୂତନ କୃଷି ନୀତିର ଘୋଷଣା କରାଗଲା । ଏହି ନୀତିର ଉଦ୍ଦେଶ୍ୟ ଥିଲା ଭାରତୀୟ କୃଷିର ବିଶାଳ ଅପ୍ରଯୁଜ୍ୟ ସମ୍ଭାବ୍ୟ ବୃଦ୍ଧିକୁ କାର୍ଯ୍ୟାନ୍ୱିତ କରିବା ତଥା ତୀବ୍ରତର କୃଷି ଓ ଅଣକୃଷି ବିକାଶ ପାଇଁ ଗ୍ରାମୀଣ ଆଧାର ସଂରଚନାକୁ ସୁଦୃଢ଼ କରିବା । ଏହି ନୀତିର ଅନ୍ୟ ଉଦ୍ଦେଶ୍ୟ ଥିଲା- ମୂଲ୍ୟବୃଦ୍ଧିକୁ ଉନ୍ନତ କରିବା, କୃଷି ବ୍ୟବସାୟକୁ ବୃଦ୍ଧି କରିବା, ଗ୍ରାମୀଣ କ୍ଷେତ୍ରରେ ରୋଜଗାରର ସୁଯୋଗ ସୃଷ୍ଟି କରିବା, କୃଷକ ଏବଂ ସେମାନଙ୍କ



ପରିବାରର ଜୀବନ ସ୍ତରକୁ ଉନ୍ନତ କରାଇବା ଇତ୍ୟାଦି । ଏହାର ଲକ୍ଷ୍ୟ, ସହରାଞ୍ଚଳ ଭଳି ବିଦେଶ ରହଣୀକୁ ହତୋତ୍ସାହିତ କରିବା ଏବଂ ଅର୍ଥନୈତିକ ଉଦାରୀକରଣ ଓ ଜଗତିକରଣ ଯୋଗୁଁ ସୃଷ୍ଟି ଆହ୍ୱାନକୁ ସମ୍ମୁଖୀନ ହେବାକୁ ମଧ୍ୟ ଥିଲା । ଏହି ନୀତି ଶିଳ୍ପକୁ ପରୋକ୍ଷ ଭାବେ ପ୍ରୋତ୍ସାହନ ଦେଉଥିଲା କାରଣ କୃଷିରେ ସଂଲଗ୍ନ ଲୋକଙ୍କର ଜୀବନ ଶୈଳୀରେ ଉନ୍ନତିରେ ଶିଳ୍ପଜାତ ଦ୍ରବ୍ୟର ଚାହିଦା ମଧ୍ୟ ବୃଦ୍ଧି ହେବ ।

ଉଦାରୀକୃତ ବଜାରମୁଖି ଅର୍ଥ ବ୍ୟବସ୍ଥାରେ କୃଷିରେ କମ୍ ଆୟ ଏବଂ କମ୍ ଉତ୍ପାଦକତା ଆର୍ଥିକ ଓ ସାମାଜିକ ସ୍ଥାୟୀତ୍ୱ ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରିପାରେ । ତେଣୁ କୃଷି କ୍ଷେତ୍ରର ବ୍ୟବସାୟୀକରଣ ଓ ଶିଳ୍ପକରଣ ଆବଶ୍ୟକ । କୃଷି ବିକାଶରେ ବାଧାଗୁଡିକର ନିରାକରଣ କରିବା ପାଇଁ ଏହା ଥିଲା କୃଷିନୀତିର ମୁଖ୍ୟ ପାର୍ଶ୍ୱ :

**(କ) ଆଧାର ସଂରଚନାର ସଶକ୍ତିକରଣ :**

ପ୍ରଶସ୍ତ ସୁବିଧାଗୁଡିକ ଯଥା : ସଡକ, ବଜାର ଜାଲତନ୍ତ୍ର, ସେଚନ (ବନ୍ଧ, ନାଳ, କୁଅ, ପୁଷ୍କରିଣୀ ଇତ୍ୟାଦି ଏବଂ ବୃହତ୍ ସେଚ ପରିଯୋଜନାଗୁଡିକ ଯେଉଁଗୁଡିକ କେବଳ କେନାଲ ଜଳସେଚନର ବ୍ୟବସ୍ଥା ରହିଛି ତାହା ନୁହେଁ ବରଂ କୃଷି ତଥା ଅଣ-କୃଷି କ୍ଷେତ୍ର ପାଇଁ ବିଦ୍ୟୁତ୍ ଉତ୍ପାଦନ ମଧ୍ୟ କରେ) ଅର୍ଥ, ଭଣ୍ଡାରଣ ଓ ପରିବହନ ଆଦି ଏଥିରେ ଅନ୍ତର୍ଭୁକ୍ତ ।

**(ଖ) କୌଶଳ ବା ପଦ୍ଧତି ଉନ୍ନତି**

କୃଷିରେ ଆଧୁନିକ ଆଗମ ଯଥା ଉନ୍ନତ କିସମର ବିହନ, ସାର, କୀଟନାଶକ ଇତ୍ୟାଦିର ବ୍ୟବହାରକୁ ଲୋକପ୍ରିୟ କରାଇବା ଇତ୍ୟାଦି କୃଷିରେ କୌଶଳ ବା ପଦ୍ଧତିର ଉନ୍ନତିରେ ଅନ୍ତର୍ଭୁକ୍ତ । ଏହାଦ୍ୱାରା କୃଷି ଉତ୍ପାଦନ ଅବଶ୍ୟ ବୃଦ୍ଧି ହେବ ।

**(ଗ) କୃଷିକୁ ଶିଳ୍ପର ଆଖ୍ୟାଦେବା :**

କୃଷିରେ ଜଗତିକରଣ ପ୍ରକ୍ରିୟାର ଯୁକ୍ତି ସଂଗତ ବିସ୍ତାର ହେଲା ଯେ କୃଷିକୁ ବ୍ୟାପକ ରୂପରେ ବ୍ୟବସାୟମୁଖି କରାଯାଉ ଯାହା ଫଳରେ କେବଳ କୃଷକ ହିଁ ଏହି ବ୍ୟବସାୟିକ କୃଷିରେ ବିନିଯୋଗ କରିବ ତାହା ନୁହେଁ ବରଂ ସହରାଞ୍ଚଳ ଶିଳ୍ପକୁ ମଧ୍ୟ କୃଷି ଓ ତତ୍ ସମ୍ବନ୍ଧୀୟ କ୍ଷେତ୍ରରେ ନିବେଶର ସୁଯୋଗ ମିଳୁ । ଏହି କ୍ଷେତ୍ରରେ କର୍ପୋରେଟ କୃଷିକୁ ପ୍ରୋତ୍ସାହନ ମିଳୁ ଯାହା ରପ୍ତାନୀରେ ସକ୍ରିୟ ଉଚ୍ଚ ବୃଦ୍ଧି ପାଇଁ ଉନ୍ନତ କୌଶଳ ଓ ଅଧିକ ବିନିଯୋଗର ଆବଶ୍ୟକ ଅଛି । କର୍ପୋରେଟ କ୍ଷେତ୍ର ଦ୍ୱାରା କୃଷି ସଂସାଧନକୁ ସ୍ୱୀକୃତି ମିଳିବା ଦରକାର ଏବଂ ଏହିପରି ଭାବେ ଉର୍ଦ୍ଧ୍ୱମୁଖୀ ସଂହତି (vertical integration)କୁ ପ୍ରୋତ୍ସାହନ ମିଳୁ । ଖାଦ୍ୟ ସଂସାଧନ ଏକକଗୁଡିକ ବିଶେଷ ଭାବରେ ଅଳସୀ (ପେଶି) ଓ ଚିନାବାଦାମକୁ ଲଘୁ ଶିଳ୍ପର ସୂଚୀ ମଧ୍ୟରୁ ଆରକ୍ଷଣମୁକ୍ତ କରି ଦିଆଯିବ ।

**ମନେରଖ**

କୃଷି ନିମ୍ନ ପ୍ରକାରରେ ଶିଳ୍ପ ପାଇଁ ସହାୟକ

- ଶିଳ୍ପ ପାଇଁ କଞ୍ଚାମାଲର ବ୍ୟବସ୍ଥା
- ନିର୍ମିତ ଦ୍ରବ୍ୟ ପାଇଁ ବଜାରର ବ୍ୟବସ୍ଥା
- ଶ୍ରମର ଯୋଗାଣ
- ଶିଳ୍ପରେ କାର୍ଯ୍ୟରତ ଲୋକଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା ।
- ଶିଳ୍ପ କୃଷି ପାଇଁ ନିମ୍ନ ପ୍ରକାରରେ ସହାୟକ ।
- ଉନ୍ନତ କିସମ ବିହନର ଯୋଗାଣ ପାଇଁ ବ୍ୟବସ୍ଥା
- କୃଷି ପାଇଁ ସାରର ବ୍ୟବସ୍ଥା
- ସେଚନ ସୁବିଧାର ବିକାଶରେ ସହାୟକ
- କୀଟନାଶକ ଔଷଧର ବନ୍ଦୋବସ୍ତ
- ଆଧୁନିକ ଯନ୍ତ୍ର ଓ ଉପକରଣ ଯୋଗାଣ
- ବିପଣନ ତଥା ଭଣ୍ଡାରଣ ସୁବିଧାର ବିକାଶରେ ସହାୟକ
- କୃଷିକ୍ଷେତ୍ରରେ କାର୍ଯ୍ୟରତ ଲୋକଙ୍କୁ ନିର୍ମିତ ଦ୍ରବ୍ୟ ଯୋଗାଣ
- କୃଷି କ୍ଷେତ୍ର ପାଇଁ ଅର୍ଥର ଏକ ସମ୍ଭାବ୍ୟ ସ୍ରୋତ ।

## ଆପଣ କ'ଣ ଶିକ୍ଷା କଲେ

- କୃଷି ଓ ଶିଳ୍ପ, ଗୋଟିଏ ଅନ୍ୟଟି ଉପରେ ପରସ୍ପର ନିର୍ଭରଶୀଳ । ଅନ୍ୟ ଅର୍ଥରେ ଉଭୟ, ଏକ ଅନ୍ୟକୁ ସାହାଯ୍ୟ କରିଥାଏ ତଥା ଗୋଟିଏ ବ୍ୟତୀତ ଅନ୍ୟଟିର ବିକାଶ ହୋଇପାରେ ନାହିଁ ।
- କୃଷିକ୍ଷେତ୍ର ଶିଳ୍ପ ପାଇଁ କଞ୍ଚାମାଲ, ଶ୍ରମ, ନିର୍ମିତ ଦ୍ରବ୍ୟ ପାଇଁ ବଜାର, ଶିଳ୍ପର ଶ୍ରମିକମାନଙ୍କ ପାଇଁ ଖାଦ୍ୟ ଇତ୍ୟାଦି ଦେଇ ଶିଳ୍ପକୁ ସହାୟତା କରିଥାଏ । ଏହା ମଧ୍ୟ ଶିଳ୍ପ କ୍ଷେତ୍ର ପାଇଁ ଅର୍ଥର ସ୍ରୋତ ।

- ଶିଳ୍ପ, କୃଷିକ୍ଷେତ୍ରକୁ ଉନ୍ନତ ବିହନ, ସାର, କୀଟନାଶକ ଔଷଧ ଦେଇ ତଥା ସେଚନ ବିପଣନ, ଭଣ୍ଡାରଣ ସୁବିଧାର ବିକାଶରେ ସହାୟତା କରି ଏବଂ କୃଷି କର୍ମଜୀବୀମାନଙ୍କୁ ନିର୍ମିତ ଦ୍ରବ୍ୟ ଯୋଗାଇ ସହାୟତା କରିଥାଏ । ଏହା କୃଷି ପାଇଁ ଅର୍ଥର ମଧ୍ୟ ସ୍ରୋତ ଅଟେ ।

## ପାଠ୍ୟାନ୍ତର ପ୍ରଶ୍ନ

1) ଶିଳ୍ପକ୍ଷେତ୍ର କିପରି ଭାବରେ କୃଷି କ୍ଷେତ୍ର ଉପରେ ନିର୍ଭରଶୀଳ, ଉଲ୍ଲେଖ କର ?

2) ଶିଳ୍ପକ୍ଷେତ୍ର କିପରି ଭାବରେ କୃଷି କ୍ଷେତ୍ରର ବିକାଶରେ ସହାୟତା କରିଥାଏ ?

3) ସଂକ୍ଷିପ୍ତ ଟିପ୍ପଣୀ ଲେଖ

(i) କୃଷି ଦ୍ୱାରା ଶିଳ୍ପକୁ ପ୍ରଦତ୍ତ କଞ୍ଚାମାଲ

(ii) କୃଷିର ସେଚନ ସୁବିଧାରେ ଶିଳ୍ପର ଭୂମିକା/ସହାୟତା

(iii) କୃଷି ଓ ଶିଳ୍ପ ମଧ୍ୟରେ ନିର୍ଭରଶୀଳତା ସହ ସମ୍ବନ୍ଧିତ ସରକାରୀ ନୀତି ।

## ପାଠ୍ୟଗତ ପ୍ରଶ୍ନର ଉତ୍ତର

27.1 (i) ପ୍ରାକୃତିକ ରବର (ii) ଖାଦ୍ୟ (iii) ଦୁଇ ତୃତୀୟାଂଶ (iv) ଗୋବର ଖତ (v) ୬୦

2 (i) କୃଷିକ୍ଷେତ୍ର ଶିଳ୍ପକୁ କଞ୍ଚାମାଲର ଯୋଗାଣ କରିଥାଏ ।

(ii) କୃଷି କ୍ଷେତ୍ର ଶିଳ୍ପଜାତ ଦ୍ରବ୍ୟ ପାଇଁ ଚାହିଦାର ସ୍ରୋତ ।

(ଭାଗ 27.1 ପଢନ୍ତୁ)

3 (i) ଶିଳ୍ପ କୃଷି ପାଇଁ ଆଧୁନିକ ଯନ୍ତ୍ର ଓ ଉପକରଣର ଉପଲବ୍ଧ କରାଇଥାଏ ।

(ii) ଶିଳ୍ପ କୃଷିକ୍ଷେତ୍ର ପାଇଁ ସାର ଯୋଗାଇତାଏ (ଭାଗ 27.2 ପଢନ୍ତୁ)

## ପାଠ୍ୟାନ୍ତର ପ୍ରଶ୍ନ ପାଇଁ ସୂଚନା

1 (i) କୃଷି କ୍ଷେତ୍ର ଦ୍ୱାରା ପ୍ରଦତ୍ତ କଞ୍ଚାମାଲର ବ୍ୟବହାର

(ii) କୃଷି କ୍ଷେତ୍ରରେ ସଂଲଗ୍ନ ଲୋକମାନେ ନିର୍ମିତ ଦ୍ରବ୍ୟ ପାଇଁ ଚାହିଦାର ସ୍ରୋତ ।

(iii) ଶ୍ରମର ସ୍ରୋତ





(iv) ଖାଦ୍ୟର ସ୍ରୋତ

(v) ଅର୍ଥର ସ୍ରୋତ ।

(ଭାଗ 271. ପଢନ୍ତୁ)

2 (i) ଉନ୍ନତ କିସମ ବିହନ ପ୍ରଦାନ

(ii) ସାର ଉତ୍ପାଦନ

(iii) ସେଚନ ସୁବିଧାର ବିକାଶରେ ସହାୟକ

(iv) କୀଟନାଶକ ଔଷଧର ଉତ୍ପାଦନ

(v) ଆଧୁନିକ ଯନ୍ତ୍ର ଓ ଉପକରଣ ଯୋଗାଣ

(vi) କୃଷି ବିପଣନ ତଥା ଭଣ୍ଡାରଣ ସୁବିଧାର ବିକାଶରେ ସହାୟତା

(vii) ନିର୍ମିତ ଦ୍ରବ୍ୟ ଯୋଗାଣ କରି

(viii) ଅର୍ଥର ସ୍ରୋତ ।

(ଭାଗ 27.2 ପଢନ୍ତୁ)

3 (i) ଭାଗ 27.1 ପଢନ୍ତୁ

(ii) ଭାଗ 27.1(v) ପଢନ୍ତୁ

(iii) ଭାଗ 27.3 ପଢନ୍ତୁ ।



# 28

# ଜନସଂଖ୍ୟା ଏବଂ ଆର୍ଥିକ ବିକାଶ

ଜନସଂଖ୍ୟା ଓ ଅର୍ଥନୈତିକ ବିକାଶ ମଧ୍ୟରେ ଦ୍ୱିତୀସ୍ତରୀୟ ସମ୍ବନ୍ଧ ଅର୍ଥଶାସ୍ତ୍ରୀମାନଙ୍କ ପାଇଁ ସର୍ବଦା ଏକ କୌତୁହଳଜନକ ବିଷୟ ହୋଇ ରହିଛି, ଯଦ୍ୟପି ବିଭିନ୍ନ ବୈଠକରେ ଏ ବିଷୟରେ ଆଲୋଚନା ଚାଲିଛି । 1974 ମସିହାରେ କାହିରା ଠାରେ ହୋଇଥିବା ଜନସଂଖ୍ୟା ଏବଂ ବିକାଶ ଉପରେ ଅନ୍ତଃରାଷ୍ଟ୍ରୀୟ ସମ୍ମିଳନୀ (International Conference on population and Development, ICPD) ବୈଠକରେ ହୋଇଥିବା ଆଲୋଚନାର ମୁଖ୍ୟ ବିଷୟ ଏହାହିଁ ଥିଲା । ଜନସଂଖ୍ୟା ଏପରି ଏକ ସଂସାଧନ ଯାହା ଶିଳ୍ପକରଣ ପାଇଁ ଆବଶ୍ୟକ ଶ୍ରମଶକ୍ତିର ଯୋଗାଣ କରିଥାଏ। ଏହା ଗ୍ରହଣୀୟ ଯେ ବିଶାଳ ଜନସଂଖ୍ୟାରୁ ଅଧିକ ମାତ୍ରାରେ ଶ୍ରମ ଶକ୍ତି ମିଳିଥାଏ କିନ୍ତୁ କେବଳ ଶ୍ରମ, ବିନା ଅନ୍ୟ ସଂସାଧନର ସହାୟତା ଦ୍ୱାରା କିଛି ହେଲେ ବି ଉତ୍ପାଦନ କରିବା ଅସମ୍ଭବ । ଯଦି ଉତ୍ପାଦନ ନିମିତ୍ତ ଆବଶ୍ୟକ ଅନ୍ୟ ସଂସାଧନ ପର୍ଯ୍ୟାପ୍ତ ପରିମାଣରେ ମିଳୁଥାଏ, ତେବେ କୌଣସି ଦେଶର ବିରାଟ ଶ୍ରମଶକ୍ତି ଦେଶ ପାଇଁ ଏକ ଉତ୍ପାଦକ ପରି ସଂମ୍ପତ୍ତି ହୋଇଥାଇପାରେ । ଏହି ସଂସାଧନର ଦୁର୍ଲଭ ଏହି ବିରାଟ ଶ୍ରମଶକ୍ତିକୁ ଆର୍ଥିକ ଅଭିବୃଦ୍ଧିର ଏକ ପ୍ରତିବନ୍ଧକ ରୂପେ ଛିଡା ହୁଏ । କେତେକ ବିକାଶଶୀଳ ଦେଶରେ ବିଶେଷ ଭାବରେ ଜନସଂଖ୍ୟାର ତୀବ୍ର ବୃଦ୍ଧିହାର କାହିଁକି ? ଏହି ଦ୍ରୁତ ବୃଦ୍ଧି ହାର କିପରି ଏହି ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରଭାବିତ କରିଥାଏ ? ଏହିସବୁ ପ୍ରଶ୍ନର ଆଲୋଚନା ଆମେ ଏହି ଅଧ୍ୟାୟରେ କରିବା।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଢିସାରିଲେ ଆପଣ

- ଜନସଂଖ୍ୟାର ବୃଦ୍ଧି ହାର ବୁଝାଇପାରିବେ ।
- ଅର୍ଥନୈତିକ ଅଭିବୃଦ୍ଧିର ଜନସଂଖ୍ୟାର ବୃଦ୍ଧି ହାର ଉପରେ କି ପ୍ରଭାବ ପଡିଥାଏ, କହିପାରିବେ ।
- ବିକାଶଶୀଳ ଦେଶରେ ଜନସଂଖ୍ୟାର ଉଚ୍ଚହାର ବୃଦ୍ଧି ମାନବୀୟ ସଂସାଧନ, ପ୍ରାକୃତିକ ସଂସାଧନ ଓ ପୁଞ୍ଜି ନିର୍ମାଣ ଉପରେ ପଡୁଥିବା ପ୍ରଭାବ କହିପାରିବେ ।

## 28.1 ଜନସଂଖ୍ୟାର ବୃଦ୍ଧିହାର

ଜନସଂଖ୍ୟା ବୃଦ୍ଧି ଯୋଗୁଁ କୌଣସି ଦେଶରେ ଆର୍ଥିକ ବିକାଶ ଉପରେ ଉଭୟ ସକାରାତ୍ମକ ଓ



ନକାରାତ୍ମକ ପ୍ରଭାବ ପଡିଥାଏ । ସକାରାତ୍ମକ ଦୃଷ୍ଟିରୁ ଏହାକୁ ଆର୍ଥିକ ପ୍ରଗତିର ଏକ ଉତ୍ପେରକ ରୂପେ ଗଣାଯାଏ କାରଣ ଆର୍ଥିକ ପ୍ରଗତି ଯୋଗୁଁ ହିଁ ଦ୍ରବ୍ୟ ଓ ସେବାର ଚାହିଦା ବୃଦ୍ଧି ହୋଇଥାଏ । ଯାହାଦ୍ୱାରା ଅନ୍ତତଃ ନିବେଶରେ ବୃଦ୍ଧି ସମ୍ଭବ ହୁଏ । ଅନ୍ୟପକ୍ଷରେ ଏହାର ନକାରାତ୍ମକ ପାର୍ଶ୍ୱ ମଧ୍ୟ ଅଛି । ଯାହାର ବିଚିତ୍ରତା ଏହି ଯେ ତୀବ୍ର ଜନସଂଖ୍ୟା ବୃଦ୍ଧି ଯୋଗୁଁ ଅର୍ଥନୈତିକ ଅଭିବୃଦ୍ଧି ବନ୍ଦ ହୋଇପାରେ ଏବଂ ଜୀବନର ଗୁଣବତ୍ତା ପ୍ରଭାବିତ ହୋଇପାରେ । ପ୍ରାୟ ଏକ ଦେଶରେ କେତେକ ବ୍ୟକ୍ତି ସର୍ବଦା ରହିଥାନ୍ତି । ଦେଶରେ ଏକ ସମୟକାଳ ମଧ୍ୟରେ ମୋଟ ଲୋକଙ୍କ ସଂଖ୍ୟା ସେହି ଦେଶର ସେହି ସମୟରେ ଜନସଂଖ୍ୟାର ଆକାର ହୋଇଥାଏ । ଏହି ସଂଖ୍ୟା ଜନ୍ମ, ମୃତ୍ୟୁ ଓ ପ୍ରବାସୀ ଇତ୍ୟାଦି ଯୋଗୁଁ ସର୍ବଦା ବଦଳି ଚାଲିଥାଏ । ଏକ ସମୟ ମଧ୍ୟରେ ଦେଶରେ ଲୋକମାନଙ୍କ ସଂଖ୍ୟାରେ ବୃଦ୍ଧି ସେହି ଦେଶର ଜନସଂଖ୍ୟାରେ ବୃଦ୍ଧି କୁହାଯାଏ । ଏହି ବୃଦ୍ଧି ମୁଖ୍ୟତଃ ମୋଟ ଜନ୍ମର ମୋଟ ମୃତ୍ୟୁ ଉପରେ ଅଧିକତା ଯୋଗୁଁ ହୋଇଥାଏ । ବର୍ତ୍ତମାନ ବିଶ୍ୱରେ ପ୍ରବାସ ଯୋଗୁଁ କୌଣସି ଦେଶର ଜନସଂଖ୍ୟାରେ ବୃଦ୍ଧି ପ୍ରାୟତଃ ନଗଣ୍ୟ ହେଉଛି ।

ଏକ ସମୟ ମଧ୍ୟରେ ଜନସଂଖ୍ୟାର ବୃଦ୍ଧି ହାରକୁ ଏକ ଅନୁପାତ ରୂପରେ ମାପ କରାଯାଏ । ଜନସଂଖ୍ୟାରେ ବୃଦ୍ଧି ତଥା ସେହି ସମୟର ଆରମ୍ଭରୁ ଜନସଂଖ୍ୟାର ଅନୁପାତକୁ ଜନସଂଖ୍ୟାର ବୃଦ୍ଧି ହାର କୁହାଯାଏ । ଜନସଂଖ୍ୟାର ବୃଦ୍ଧିହାର ମୁଖ୍ୟତଃ ଜନ୍ମହାର (ପ୍ରତ୍ୟେକ ୧୦୦୦ ଜନସଂଖ୍ୟାରେ ଜନ୍ମ ହେଉଥିବା ମୋଟ ଶିଶୁଙ୍କ ସଂଖ୍ୟା ଦ୍ୱାରା ମପାଯାଏ) ଉପରେ ନିର୍ଭର କରେ । ଏକ ବର୍ଷରେ ଜନ୍ମହାର ଏବଂ ମୃତ୍ୟୁହାରର ଅନ୍ତରଫଳ ସେହି ବର୍ଷର ପ୍ରତି ହଜାର ଜନସଂଖ୍ୟା ବୃଦ୍ଧି ହାର କୁହାଯାଏ । ଉଦାହରଣ ସ୍ୱରୂପ ସନ ୧୯୯୯ରେ ଜନ୍ମହାର 26.1 ଓ ମୃତ୍ୟୁ ହାର 8.7 ଥିଲା । ଏହିପରି ଜନସଂଖ୍ୟାର ପ୍ରାକୃତିକ ବୃଦ୍ଧି ହାର 17.4= (26.1-8.7) ପ୍ରତି ହଜାର ଥିଲା ।

## 28.2 ଅର୍ଥନୈତିକ ଅଭିବୃଦ୍ଧି ଓ ଜନସଂଖ୍ୟା ବୃଦ୍ଧି ହାରରେ ସମ୍ପର୍କ

ଦେଶର ଜନସଂଖ୍ୟା ବୃଦ୍ଧିହାର ଏବଂ ଏହାର ଆର୍ଥିକ ଅଭିବୃଦ୍ଧି ମଧ୍ୟରେ ଦ୍ୱିସ୍ତରୀୟ ସମ୍ବନ୍ଧ ରହିଥାଏ । ଦେଶର ଜନସଂଖ୍ୟା ବୃଦ୍ଧି, ଆର୍ଥିକ ଅଭିବୃଦ୍ଧିକୁ ପ୍ରଭାବିତ କରେ ଏବଂ ଏହି ଆର୍ଥିକ ଅଭିବୃଦ୍ଧି ମଧ୍ୟ ଜନସଂଖ୍ୟା ବୃଦ୍ଧି ହାରକୁ ପ୍ରଭାବିତ କରେ । ଆସନ୍ତୁ, ଜନସଂଖ୍ୟା ବୃଦ୍ଧି ଓ ଆର୍ଥିକ ଅଭିବୃଦ୍ଧି ମଧ୍ୟରେ ପାରସ୍ପରିକ ସମ୍ବନ୍ଧକୁ ଅଧ୍ୟୟନ କରିବା ।

(କ) ଅର୍ଥନୈତିକ ଅଭିବୃଦ୍ଧିର ଜନସଂଖ୍ୟା ବୃଦ୍ଧି ହାର ଉପରେ ପ୍ରଭାବ :

ବିଶ୍ୱର ଅର୍ଥ ବ୍ୟବସ୍ଥାଗୁଡିକୁ ଅଧ୍ୟୟନ କଲେ ଏହା ଜଣାଯାଏ ଯେ ଅଳ୍ପ ବିକଶିତ ଅର୍ଥ ବ୍ୟବସ୍ଥାରେ ଜନ୍ମହାର ଓ ମୃତ୍ୟୁହାର ଉଭୟ ଅଧିକ ହୋଇଥାଏ । ତେଣୁ ଜନ୍ମ ହାର ଓ ମୃତ୍ୟୁହାରର ଅନ୍ତର ବହୁତ କମ୍ ହୋଇଥାଏ । ତେଣୁ ଏହି ଅର୍ଥ ବ୍ୟବସ୍ଥାଗୁଡିକରେ ଜନସଂଖ୍ୟା ବୃଦ୍ଧିହାର ଧୀର ହୋଇଥାଏ । ଏହି ଅର୍ଥ ବ୍ୟବସ୍ଥାରେ ଆୟର ସ୍ତର ନିମ୍ନ ହୋଇଥିବାରୁ ସ୍ୱଳ୍ପ ପୋଷଣ ତଥା





ପୁଷ୍ଟିହୀନତା ସ୍ଥିତି ଦେଖାଯାଏ । ଚିକିତ୍ସା ତଥା ସ୍ୱାସ୍ଥ୍ୟରକ୍ଷା ଓ ସ୍ୱଚ୍ଛତା ସୁବିଧା ପ୍ରାୟ ନଥାଏ କହିଲେ ଚଳେ । ଜନସଂଖ୍ୟାର ଏକ ବଡ଼ ଭାଗକୁ ପିଇବା ପାଇଁ ସ୍ୱଚ୍ଛ ଜଳ ମଧ୍ୟ ମିଳେନାହିଁ। ଏଥିପାଇଁ ଏହି ଅର୍ଥ ବ୍ୟବସ୍ଥାରେ ମୃତ୍ୟୁହାର ଉଚ୍ଚ ହୋଇଥାଏ। ପରିବାର ଓ ଶିଶୁମାନଙ୍କ ପ୍ରତି ପାରମ୍ପରିକ ଦୃଷ୍ଟିକୋଣ, ଶିକ୍ଷାର ଅଭାବ, ଉଚ୍ଚ ଶିଶୁ ମୃତ୍ୟୁହାର କାରଣ ଯୋଗୁଁ ଏହି ଅର୍ଥ ବ୍ୟବସ୍ଥାରେ ଜନ୍ମହାର ମଧ୍ୟ ଉଚ୍ଚ ହୋଇଥାଏ (ଶିଶୁ ମୃତ୍ୟୁ ହାରର ଉଦ୍ଦେଶ୍ୟ ସେହି ମୃତ ଶିଶୁଙ୍କ ସଂଖ୍ୟାରୁ ତନ୍ମଧ୍ୟରୁ ଯେଉଁମାନେ ଜୀବିତ ଜନ୍ମ ହୁଅନ୍ତି ମାତ୍ର ଏକବର୍ଷ ମଧ୍ୟରେ ତାଙ୍କର ମୃତ୍ୟୁ ହୋଇଯାଏ) ତେଣୁ ଏହା କହିପାରିବା ଯେ ଉଚ୍ଚ ଜନ୍ମ ଓ ମୃତ୍ୟୁହାର ଏବଂ ଜନସଂଖ୍ୟାର ଧୀର ବୃଦ୍ଧିହାର ଅଳ୍ପ ବିକଶିତ ଅର୍ଥ ବ୍ୟବସ୍ଥାଗୁଡିକର ଜନସଂଖ୍ୟା ସମ୍ବନ୍ଧୀୟ ବିଶେଷତ୍ୱ ମାନ ।

ଯେତେବେଳେ ଏହି ଅର୍ଥ ବ୍ୟବସ୍ଥାଗୁଡିକର ଆର୍ଥିକ ଅଭିବୃଦ୍ଧି ହେବାକୁ ଲାଗେ ସେତେବେଳେ ଆୟର ସ୍ତର ବଢିଥାଏ, ଯେଉଁଥିରେ ଜୀବିକା ନିର୍ବାହର ସ୍ତରରେ ଉନ୍ନତି ହୋଇଥାଏ। ଚିକିତ୍ସା ଓ ସ୍ୱଚ୍ଛତା ବ୍ୟବସ୍ଥାରେ ମଧ୍ୟ ଉନ୍ନତି ଘଟିଥାଏ । କେତେକ ରୋଗ ନିଶ୍ଚିହ୍ନ ହୋଇଯାନ୍ତି । ଏହିସବୁ ବିଷୟ ମୃତ୍ୟୁହାର ଉପରେ ସିଧା ପ୍ରଭାବ ପକାଇଥାଏ ଏବଂ ଏଗୁଡିକ ଦୃତବେଗରେ ହ୍ରାସ ହୁଏ। ଏହି କାରଣରୁ ମଧ୍ୟ ଜନ୍ମହାର ଊଣା ହୋଇଥାଏ, ମାତ୍ର ଏହା ଧୀରେ ଧୀରେ ହ୍ରାସ ହୁଏ । ବାସ୍ତବରେ ଏହି କାରଣରୁ ଜନ୍ମହାର ମୃତ୍ୟୁ ହାର ଠାରୁ ଧୀର ହାରରେ ହ୍ରାସହୁଏ । ଜନ୍ମହାରରେ ଧୀର ହାରର ହ୍ରାସ ଜନ୍ମ ଓ ଜୀବନ ପ୍ରତି ଜଟିଳ ଦୃଷ୍ଟିକୋଣ ତଥା ଧାର୍ମିକ ବିଶ୍ୱାସର କାରଣ ହୋଇଥାଏ । ଆରମ୍ଭରୁ ହିଁ ଏହି ଦୃଷ୍ଟିକୋଣ ଏବଂ ବିଶ୍ୱାସର ପରିବର୍ତ୍ତନ ଅତି ଧିରଗତିରେ ହୋଇଥାଏ । ପରିଣାମସ୍ୱରୂପ, ଜନ୍ମହାର ଓ ମୃତ୍ୟୁହାରର ଅନ୍ତର ବଢିଯାଏ । ଯେପରି ଆର୍ଥିକ ଅଭିବୃଦ୍ଧିର ଗତି ବଢେ, ସେହିପରି ଅର୍ଥ ବ୍ୟବସ୍ଥାରେ ମଧ୍ୟ କେତେକ ପରିବର୍ତ୍ତନ ସ୍ପଷ୍ଟଭାବେ ଦୃଷ୍ଟିଗୋଚର ହୋଇଥାଏ । ଆୟର ସ୍ତର ଅଧିକ ବେଗରେ ବଢୁଥାଏ, ଯାହା ଫଳରେ ଜୀବିକା ନିର୍ବାହର ସ୍ତର ଅଧିକ ଉଚ୍ଚ ହୁଏ । ପୁଷ୍ଟିକର ସ୍ତରରେ ଉନ୍ନତି ହୁଏ, ଅଧିକ ତଥା ଉତ୍ତମ ଚିକିତ୍ସା ଓ ସ୍ୱଚ୍ଛତା ସୁବିଧା ମାନ ଉପଲବ୍ଧ ହୋଇଥାଏ। ଶିକ୍ଷାର ସ୍ତର ଓ ମାନ ବୃଦ୍ଧି ହୁଏ, ପାରମ୍ପରିକ ଦୃଷ୍ଟିକୋଣ ସ୍ଥାନକୁ ବୈଜ୍ଞାନିକ ଦୃଷ୍ଟିକୋଣ ଅଧିକାର କରିନିଏ। କ୍ଷୁଦ୍ର ପରିବାର ପ୍ରତି ଆକର୍ଷଣ ବଢିଥାଏ । ଏପରି ସମସ୍ତ ପରିବର୍ତ୍ତନ ଜନ୍ମହାର ଓ ମୃତ୍ୟୁହାର ଉଭୟକୁ ପ୍ରଭାବିତ କରିଥାଏ। ଆର୍ଥିକ ଅଭିବୃଦ୍ଧିର ଏହି ଅବସ୍ଥାରେ ଜନ୍ମହାରରେ ହ୍ରାସ ତୀବ୍ର ଗତିରେ ହୋଇଥାଏ । ମୃତ୍ୟୁହାର ଏକ ସ୍ତର ପର୍ଯ୍ୟନ୍ତ ହ୍ରାସ ହେବା ପରେ ସ୍ଥିର ହୋଇ ଏବଂ ଜନ୍ମହାରର ସର୍ବଦା ଦ୍ରୁତ ଭାବେ ହ୍ରାସ ହେବାରୁ ଜନ୍ମହାର ଓ ମୃତ୍ୟୁହାରର ଅନ୍ତର ବହୁତ କମ୍ ହୋଇଯାଏ। ଅତଏବ ଏହି କାରଣରୁ ଜନସଂଖ୍ୟାର ବୃଦ୍ଧି ହାର ବହୁତ କମ୍ ହୋଇଥାଏ। ବିଶ୍ୱରେ ସମସ୍ତ ବିକଶିତ ଦେଶରେ ଜନସଂଖ୍ୟାର ବୃଦ୍ଧି ହାର ଧୀର ରହୁଛି । ଭାରତ ମଧ୍ୟ ଏହି ଅବସ୍ଥା ଦେଇ ଗତି କରୁଅଛି । ଜନ୍ମହାର ଉଚ୍ଚ ଓ ଧୀରେ ଧୀରେ ହ୍ରାସ ହେଉଛି । ମୃତ୍ୟୁହାର ଦ୍ରୁତଗତିରେ ହ୍ରାସ ପାଉଛି । ପରିଣାମ ସ୍ୱରୂପ, ଏଠାରେ ଜନସଂଖ୍ୟାର ବୃଦ୍ଧି ହାର ଅତ୍ୟନ୍ତ ଉଚ୍ଚ ହୋଇଥାଏ ।



**ମନେରଖ**

- ଅଳ୍ପ ବିକଶିତ ଅର୍ଥ ବ୍ୟବସ୍ଥାରେ ଜନ୍ମହାର ଏବଂ ମୃତ୍ୟୁହାର ଉଭୟ ଉଚ୍ଚ ହୋଇଥାଏ, ଅତଏବ ଜନସଂଖ୍ୟା ବୃଦ୍ଧି ହାର ଧୀର ହୋଇଥାଏ ।
- ଯେତେବେଳେ ଆର୍ଥିକ ଅଭିବୃଦ୍ଧି ହେବାକୁ ଲାଗେ ସେତେବେଳେ ମୃତ୍ୟୁହାର, ଜନ୍ମହାର ତୁଳନାରେ ଅଧିକ ତୀବ୍ର ବେଗରେ ହ୍ରାସ ହୋଇଥାଏ । ତେଣୁ ଜନସଂଖ୍ୟା ତୀବ୍ର ଗତିରେ ବଢ଼ିଥାଏ ।
- ଯେତେବେଳେ ଅର୍ଥ ବ୍ୟବସ୍ଥା ବିକଶିତ ହୋଇଯାଏ ସେତେବେଳେ ଜନ୍ମହାର ନିରନ୍ତର ଏବଂ ତୀବ୍ର ଗତିରେ ହ୍ରାସ ହୁଏ ଏବଂ ମୃତ୍ୟୁହାର ଧୀରେ ଧୀରେ ହ୍ରାସ ହୁଏ ଓ ଏକ ସୀମା ପରେ ହ୍ରାସ ହୁଏ ନାହିଁ । ଅତଏବ ଏହି ଅବସ୍ଥାରେ ଜନ୍ମହାର ଓ ମୃତ୍ୟୁହାର ଉଭୟ ବହୁତ କମ୍ ହୁଏ ତଥା ଜନସଂଖ୍ୟା ଅତିକ୍ଷୀଣ ହାରରେ ବଢ଼ିଥାଏ ।

## ପାଠ୍ୟଗତ ପ୍ରଶ୍ନ 28.1

ଠିକ୍ ନା ଭୁଲ କୁହ

(i) ଜନସଂଖ୍ୟା ବୃଦ୍ଧି ହାର, ଜନ୍ମହାର ଉପରେ ନିର୍ଭର କରେ ।

(ii) ଅଳ୍ପ ବିକଶିତ ଅର୍ଥ ବ୍ୟବସ୍ଥାରେ ଜନସଂଖ୍ୟା ଦ୍ରୁତ ଗତିରେ ବଢ଼ିଥାଏ ।

(iii) ଏକ ବିକାଶଶୀଳ ଅର୍ଥ ବ୍ୟବସ୍ଥାରେ ଜନସଂଖ୍ୟା ବୃଦ୍ଧି ହାର ଉଚ୍ଚ ହୋଇଥାଏ ।

(iv) ବିକଶିତ ଦେଶରେ ଜନ୍ମହାର, ମୃତ୍ୟୁହାର ଏବଂ ଜନସଂଖ୍ୟା ବୃଦ୍ଧି ହାର ସବୁ ଧୀର ହୁଏ ।

(ଖ) ଜନସଂଖ୍ୟା ବୃଦ୍ଧି ହାରର ଆର୍ଥିକ ଅଭିବୃଦ୍ଧି ଉପରେ ପ୍ରଭାବ ।

ଏହି ଭାଗରେ ଆମେ ଜନସଂଖ୍ୟାର ଉଚ୍ଚ ବୃଦ୍ଧି ହାର ଯୋଗୁଁ ଦେଶର ଆର୍ଥିକ ଅଭିବୃଦ୍ଧି ଉପରେ ପଡୁଥିବା ପ୍ରଭାବର ଅଧ୍ୟୟନ କରିବା । ଜନସଂଖ୍ୟା ବୃଦ୍ଧିହାର ଏବଂ ଆର୍ଥିକ ବିକାଶ ମଧ୍ୟରେ ସାଧାରଣତଃ ବିପରୀତ ସମ୍ବନ୍ଧ ଦେଖିବାକୁ ମିଳିଥାଏ । ଜନସଂଖ୍ୟାର ଉଚ୍ଚ ବୃଦ୍ଧି ହାର ଆର୍ଥିକ ବିକାଶର ଅବରୋଧ ଉତ୍ପନ୍ନ କରେ । ତେଣୁ ଏହି ସମୟରେ ଏହା ଆବଶ୍ୟକ ଯେ ଜନସଂଖ୍ୟାର ଉଚ୍ଚ ବୃଦ୍ଧି ହାର ଉପରେ ନିୟନ୍ତ୍ରଣ କରି ବର୍ତ୍ତମାନର ଆର୍ଥିକ ବିକାଶର ଧୀର ଗତିକୁ ଉତ୍ପ୍ରେରିତ କରାଯାଉ । ଜନସଂଖ୍ୟାର ଉଚ୍ଚ ବୃଦ୍ଧି ହାରର ବିକାଶଶୀଳ ଦେଶର ଆର୍ଥିକ ଅଭିବୃଦ୍ଧି ଉପରେ ପଡୁଥିବା ପ୍ରଭାବକୁ ଉତ୍ତମ ରୂପରେ ବିଶ୍ଳେଷଣ, ଉକ୍ତ ଦେଶର ସଂସାଧନ ଉପରେ ଏହାର ପ୍ରଭାବ ଜାଣି, କରାଯାଇଥାଏ । (i) ମାନବ ସମ୍ବଳ (ii) ପ୍ରାକୃତିକ ସମ୍ବଳ ଏବଂ (iii) ପୁଞ୍ଜି ନିର୍ମାଣ ଅର୍ଥାତ୍ ମାନବ ନିର୍ମିତ ସଂସାଧନ ।





### (1) ମାନବ ସମ୍ବଳ ଉପରେ ପ୍ରଭାବ

ଯେକୌଣସି ଦେଶର ମାନବ ସମ୍ବଳର ସ୍ରୋତ ସେହି ଦେଶର ଜନସଂଖ୍ୟା ହିଁ ହୋଇଥାଏ । ଜନସଂଖ୍ୟାର ବିଶାଳ ଆୟତନ ଓ ଭାରତ ଭଳି ବିକାଶଶୀଳ ଦେଶରେ ଏହାର ତୀବ୍ର ବୃଦ୍ଧି ଏକ ବିରାଟ ମାନବ ସମ୍ବଳର ଆଧାର ପ୍ରଦାନ କରୁଛି । ଅଧିକ ଜନସଂଖ୍ୟା ସମ୍ଭାବ୍ୟ ଶ୍ରମଶକ୍ତିର ଏକ ବିରାଟ ସ୍ରୋତ ଯାହା ଗୋଟିଏ ଦେଶର ଶକ୍ତି ହୋଇପାରେ ଓ ଦୁର୍ବଳତା ମଧ୍ୟ । ଯଦି ଏହି ଶ୍ରମ ଶକ୍ତିକୁ ପୂର୍ଣ୍ଣ ଭାବରେ କୁଶଳତା ପୂର୍ବକ ବ୍ୟବହାର କରାଯାଏ ତେବେ ଏହା ଦେଶ ପାଇଁ ଏକ ଅନେକ ବଡ଼ ଉତ୍ପାଦକ ପରିସମ୍ପତ୍ତି ହେବ । ଯଦି ଏହାକୁ ପୂର୍ଣ୍ଣ ମାତ୍ରାରେ କୁଶଳତା ପୂର୍ବକ ଉପଯୋଗ କରାନଯାଏ ତେବେ ଏହା ଦେଶର ପ୍ରଗତିରେ ବାଧକ ହୋଇ ଛିଡା ହେବ । କେବଳ ଶ୍ରମ ଦ୍ୱାରା ଉତ୍ପାଦନ କରାଯାଏ ନାହିଁ । ଉତ୍ପାଦନ ପାଇଁ ଶ୍ରମ ବ୍ୟତୀତ ଅନ୍ୟ ସମ୍ବଳଗୁଡିକର ମଧ୍ୟ ଆବଶ୍ୟକ ଅଛି ଯେପରି ପ୍ରାକୃତିକ ସମ୍ବଳ ଓ ପୁଞ୍ଜି । ଅଧିକ ଓ ତୀବ୍ର ଗତିରେ ବଢୁଥିବା ଶ୍ରମଶକ୍ତିର ଉପଯୋଗ କରିବା ପାଇଁ ଅନ୍ୟ ସମ୍ବଳଗୁଡିକର ଅଧିକରୁ ଅଧିକ ପରିମାଣ ଆବଶ୍ୟକ ।

ଭାରତ ଭଳି ବିକାଶଶୀଳ ରାଷ୍ଟ୍ରରେ ପ୍ରଥମରେ ପ୍ୟୁଞ୍ଜିର ହିଁ ଅଭାବ ଏବଂ ତୀବ୍ର ଗତିରେ ବର୍ଦ୍ଧିତ ଜନସଂଖ୍ୟା ଯୋଗୁଁ ପ୍ରାକୃତିକ ସଂସାଧନ ଦୁର୍ଲଭ ମଧ୍ୟ ହୋଇଯାଉଅଛି । ଏହି ଦେଶରେ ବେରୋଜଗାରୀ/ ବେକାରୀଙ୍କର ଅଧିକ ସଂଖ୍ୟା ଏହା ଦର୍ଶାଏ ଯେ ଏହା ନିଜର ବର୍ତ୍ତମାନ ଶ୍ରମଶକ୍ତିର ମଧ୍ୟ ଠିକ୍ ପ୍ରୟୋଗ କରିପାରୁନାହିଁ । ରାଷ୍ଟ୍ରୀୟ ନମୂନା ସର୍ବେକ୍ଷଣ ସଂଗଠନ (National Sample Survey Organisation)ର ୬୧ତମ ସର୍ବେକ୍ଷଣ କ୍ରମ ଅନୁମାନ ଅନୁଯାୟୀ ସନ 1999-2000ରୁ 2004-05 ସମୟରେ ଶ୍ରମଶକ୍ତିର ବାର୍ଷିକ ବୃଦ୍ଧି ହାର ୨.୫୪ ଶତକଡା ଥିଲା । ଯାହାକି ବାର୍ଷିକ ରୋଜଗାର ବୃଦ୍ଧିହାର ୨.୪୮ ଶତକଡ଼ା ତୁଳନାରେ ଅଧିକ ତୀବ୍ର ଥିଲା । ବେରୋଜଗାରୀ ହାର ଶ୍ରମଶକ୍ତି ଅନୁପାତ ରୂପରେ ବର୍ଷ ୧୯୮୩ରେ ୨.୯୮ରୁ ୨୦୦୪-୦୫ରେ ୩.୦୬ ହୋଇଗଲା । ଏହା ଫଳରେ ପ୍ରତ୍ୟେକ ବର୍ଷ ଜନସଂଖ୍ୟାର ଅଧିକ ଉଚ୍ଚ ବୃଦ୍ଧି ହାରର ଫଳସ୍ୱରୂପ ଶ୍ରମଶକ୍ତିରବହୁ ପରିମାଣରେ ବୃଦ୍ଧି ହୋଇଯାଏ । ଅତଏବ ବେକାରୀଙ୍କ ସଂଖ୍ୟା ମଧ୍ୟ ବଢି ଚାଲିଛି ଏବଂ ସମସ୍ୟା ଅତ୍ୟନ୍ତ ଗମ୍ଭୀର ହୋଇଯାଉଛି । ଯେପରି ଆପଣ ପଢିଛନ୍ତି ଯେ ଯଦି ଶ୍ରମଶକ୍ତିକୁ ପୂର୍ଣ୍ଣମାତ୍ରାରେ ଉପଯୋଗ କରାନଯାଏ ତେବେ ଏହା ଦେଶ ଉପରେ ଏକ ବୋଝ ହୋଇଯିବ । ବେରୋଜଗାର ବ୍ୟକ୍ତି ଉପଭୋଗ ତ କରିଥାନ୍ତି ମାତ୍ର ଉତ୍ପାଦନରେ ଏମାନଙ୍କର ଯୋଗଦାନ ନଥାଏ ।

ବିକାଶଶୀଳ ଅର୍ଥ ବ୍ୟବସ୍ଥାରେ ଜନସଂଖ୍ୟାର ଉଚ୍ଚ ବୃଦ୍ଧିହାର ମାନବୀୟ ସମ୍ବଳର ଗୁଣବତ୍ତାକୁ ଉନ୍ନତ କରିବା ପ୍ରକ୍ରିୟାରେ ସମସ୍ୟାମାନ ଉତ୍ପନ୍ନ କରିଥାଏ । ଏହି ଅର୍ଥ ବ୍ୟବସ୍ଥାରେ ମାନବୀୟ ସମ୍ବଳର ଗୁଣବତ୍ତା ମଧ୍ୟ ଭଲନଥାଏ । ଆଧୁନିକ ଅର୍ଥ ବ୍ୟବସ୍ଥାଗୁଡିକ ଅଧିକରୁ ଅଧିକ ଜ୍ଞାନ-ଗହନ ଏବଂ ପୁଞ୍ଜି ଗହନ ହୋଇଯାଉଛି । ବିକାଶଶୀଳ ରାଷ୍ଟ୍ରରେ ସ୍ୱାକ୍ଷରତା ସ୍ତର ଅନେକ ନିମ୍ନ ।



ନିରକ୍ଷରତା ଅନେକ ଅଧିକ । ଜନସଂଖ୍ୟାର ବିଶାଳ ଆକାର ଯୋଗୁଁ ନିରକ୍ଷରତାକୁ ସମାପ୍ତ କରିବାକୁ ଏବଂ ଶ୍ରମଶକ୍ତିକୁ କୁଶଳୀ କରି ଗଢିବାକୁ ଅନେକ ପରିମାଣରେ ସମ୍ବଳ ଆବଶ୍ୟକ ହୋଇଥାଏ । ଜନସଂଖ୍ୟାରେ ତୀବ୍ର ହାରର ବୃଦ୍ଧି ଯୋଗୁଁ ଏହି ସମସ୍ୟା ଅଧିକରୁ ଅଧିକ ଗମ୍ଭୀର ହୋଇଯାଉଥାଏ ।

ଏହିପରି ଭାବରେ ବିକାଶଶୀଳ ଦେଶ ପୁଞ୍ଜି ଓ ଅନ୍ୟସମ୍ବଳ ଗୁଡ଼ିକର ଦୁର୍ଲଭତା ଯୋଗୁଁ ନିଜର ଶ୍ରମଶକ୍ତିର ଯଥାର୍ଥ ଉପଯୋଗ କରିପାରନ୍ତି ନାହିଁ ଏବଂ ଏହି କାରଣରୁ ସେଠାରେ ମାନବ ସମ୍ବଳର ଗୁଣବତ୍ତା ଭଲନଥାଏ । ଜନସଂଖ୍ୟାର ତୀବ୍ର ବୃଦ୍ଧି ହାର ଯୋଗୁଁ ଏହି ସମସ୍ୟା ଅଧିକ ଗମ୍ଭୀର ହୋଇଯାଏ । ଅତଏବ ଏହି ଦେଶରେ ଅଧିକ ଓ ତୀବ୍ର ଗତିରେ ବର୍ଦ୍ଧିତ ଶ୍ରମ ଶକ୍ତି ଏହାର ଆର୍ଥିକ ଅଭିବୃଦ୍ଧିରେ ସମସ୍ୟାମାନ ଉତ୍ପନ୍ନ କରିଥାଏ ଓ ମାନବ ସମ୍ବଳର ଗୁଣବତ୍ତାକୁ ଉନ୍ନତିକରଣ ପ୍ରକ୍ରିୟାରେ ବାଧା ହୋଇଥାଏ ।

### 2) ପ୍ରାକୃତିକ ସମ୍ବଳ ଉପରେ ପ୍ରଭାବ

ପ୍ରାକୃତିକ ସମ୍ବଳ ଅନ୍ତର୍ଗତ ଭୂମି, ଖଣିଜ, ଜଙ୍ଗଲ, ନଦନଦୀ ଇତ୍ୟାଦି ରହିଥାଏ । ଆସନ୍ତୁ ବିକାଶଶୀଳ ଦେଶରେ ଏହିସବୁ ମହତ୍ତ୍ୱପୂର୍ଣ୍ଣ ପ୍ରାକୃତିକ ସମ୍ବଳ ଉପରେ ଜନସଂଖ୍ୟାର ଉଚ୍ଚ ବୃଦ୍ଧି ହାରର ପ୍ରଭାବକୁ ଅଧ୍ୟୟନ କରିବା ।

(i) କୃଷିଭୂମି ଓ ଭୂମି-ବ୍ୟକ୍ତି ଅନୁପାତ ଉପରେ ପ୍ରଭାବ :

ଯେକୌଣସି ଦେଶର ମୋଟ ସ୍ଥଳଭାଗ ନିର୍ଦ୍ଧାରିତ ରହିଥାଏ । ଏହି ସ୍ଥଳଭାଗର ଅଧିକାଂଶ ଭାଗକୁ କୃଷି ପାଇଁ ବ୍ୟବହାର କରାଯାଏ । ତୀବ୍ରଗତିରେ ବର୍ଦ୍ଧିତ ଜନସଂଖ୍ୟା ଯୋଗୁଁ ବାସଗୃହ, ସଡ଼କ, କାରଖାନା ପାଇଁ ଅଧିକରୁ ଅଧିକ ଜମିର ଆବଶ୍ୟକ ହୋଇଥାଏ । କୃଷିପାଇଁ ଉପଲବ୍ଧ କ୍ଷେତ୍ରତ ବୃଦ୍ଧି ହୋଇପାରେ ନାହିଁ, ଅଧିକରୁ ଅଧିକ ଏହା ସମ୍ଭବ ଯେ ଯେଉଁ କ୍ଷେତ୍ର କୃଷି ପାଇଁ ଉପଯୁକ୍ତ ନୁହେଁ ତାହାକୁ କୃଷିଯୋଗ୍ୟରେ ପରିଣତ କରି, କିଛିକ୍ଷେତ୍ର ବୃଦ୍ଧି କରାଯାଇପାରେ, ମାତ୍ର ଯେକୌଣସି ସ୍ଥିତିରେ ମୁଣ୍ଡପିଛା କୃଷି ପାଇଁ ଉପଲବ୍ଧ ଭୂମିର ଅଭାବ ନିଶ୍ଚୟ ହେବ । ଜନସଂଖ୍ୟାର ଉଚ୍ଚ ବୃଦ୍ଧି ହାର ଯୋଗୁଁ ଭୂମି ଉପରେ ଶ୍ରମିକଙ୍କର ଚାପ ପଡିଥାଏ । ଯାହାଫଳରେ ଅନେକ ସମସ୍ୟା ଉତ୍ପନ୍ନ ହୁଏ । ଏହା ଫଳରେ କୃଷି ଯୋତର ଉପ ବିଭାଜନ ଓ ଅପଖଣ୍ଡନ ହୁଏ । କୃଷି ଯୋତର ଆକାର ଅନେକ ଛୋଟ ହେବାରୁ ହିଡ ବା ହୁଡା ଦ୍ୱାରା ଭୂମି ନଷ୍ଟ ହୋଇଥାଏ । ପୁଞ୍ଜିର ଅପବ୍ୟୟ ହୁଏ ଏବଂ ଭୂମିର ଉତ୍ପାଦକତା ଉପରେ ପ୍ରତିକୂଳ ପ୍ରଭାବ ପଡିଥାଏ । ଅତି କ୍ଷୁଦ୍ରାକାର କୃଷିଯୋତ ଯୋଗୁଁ ଏଥିରେ ଚାଷ କରୁଥିବା କୃଷକ କଷ୍ଟରେ ନିଜ ଜୀବନ ନିର୍ବାହ କରେ ତଥା କୃଷିର ଉନ୍ନତି ପାଇଁ ପୁଞ୍ଜି ବିନିଯୋଗ କରିପାରେ ନାହିଁ ।

କୃଷି ପାଇଁ ଭୂମିର ଆୟତନ ବୃଦ୍ଧି ହୋଇପାରେ ନାହିଁ ବା ଅଧିକରୁ ଅଧିକ ଏଥିରେ ଅତି ନଗଣ୍ୟ ବୃଦ୍ଧି ହୋଇପାରେ, ଏଥିପାଇଁ ଭୂମିର ଗହନ ବ୍ୟବହାର କରାଯାଏ । ଖୋଲା ସ୍ଥାନ ତଥା

ଚାରଣ ଭୂମି ପାଇଁ ନିର୍ଦ୍ଧାରିତ ଜମିରେ ମଧ୍ୟ ଚାଷ କରାଯାଇପାରୁଛି । କାରଣ ଦ୍ରୁତ ଗତିରେ ବର୍ଦ୍ଧିତ ଜନସଂଖ୍ୟାଙ୍କ ପାଇଁ ଖାଦ୍ୟ ପଦାର୍ଥର ଆବଶ୍ୟକତାକୁ ପୂରଣ କରିବାକୁ ହୋଇଥାଏ । ଏହାଦ୍ୱାରା ଭୂମିର ଅବନତି ହୁଏ । କୃଷି କ୍ଷେତ୍ର ଉପରେ ଜନସଂଖ୍ୟାର ବର୍ଦ୍ଧିତ ଚାପ ଯୋଗୁଁ ପ୍ରଚ୍ଛନ୍ନ ବେରୋଜଗାରୀ ଦେଖାଦିଏ । ଦ୍ରୁତ ଗତିରେ ବର୍ଦ୍ଧିତ ଜନସଂଖ୍ୟା ତଥା ଗ୍ରାମାଞ୍ଚଳ କ୍ଷେତ୍ରରେ କୃଷି ବ୍ୟତୀତ ଅନ୍ୟାନ୍ୟ ରୋଜଗାରର ସୁଯୋଗର ଅଭାବ ଯୋଗୁଁ କୃଷିରେ ଆବଶ୍ୟକ ଠାରୁ ଅଧିକ ବ୍ୟକ୍ତି ରୋଜଗାର କରିବାକୁ ସହରକୁ ଚାଲିଯାନ୍ତି ଫଳରେ ଏଥିରୁ ଅନେକ ଅନ୍ୟାନ୍ୟ ସମସ୍ୟାଗୁଡ଼ିକ ଉତ୍ପନ୍ନ ହୁଏ । ଏହା ଏପରି ହୋଇଥାଏ କାରଣ ଅଧିକରୁ ଅଧିକ ଭୂମିର ଉପଯୋଗ ବାସଗୃହ, ସଡ଼କ ଇତ୍ୟାଦିର ନିର୍ମାଣରେ ହୋଇଥାଏ । ଦ୍ରୁତଗତିରେ ସହରାଞ୍ଚଳ ଗଢ଼ି ଉଠିବାରୁ ବର୍ଦ୍ଧିତ ଭିଡ଼, ସ୍ୱଚ୍ଛତାର ଅବ୍ୟବସ୍ଥା, ବସ୍ତି-ଝୋପଡ଼ି, ଆଇନ ଓ ବ୍ୟବସ୍ଥା ତଥା ପ୍ରଦୂଷଣ ଇତ୍ୟାଦି ସହିତ ଜଡ଼ିତ ଅନେକ ଅସୁବିଧା ଉତ୍ପନ୍ନ ହୋଇଥାଏ । ଏହିସବୁ ସମସ୍ୟାଗୁଡ଼ିକ ବିକାଶଶୀଳ ଦେଶର ଆର୍ଥିକ ଅଭିବୃଦ୍ଧି ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ । ଏହା ଫଳରେ ଅଧିକ ଜନସଂଖ୍ୟା ଯୋଗୁଁ ଭୂମି ଉପରେ ଚାପ ଯୋର୍‌ରେ ବୃଦ୍ଧି ହୁଏ ଯାହା ଫଳରେ ଜନସଂଖ୍ୟାର ଘନତ୍ୱ ଯାହା କି ସନ ୧୯୫୧ରେ ପ୍ରତି ବର୍ଗ କିମି ପ୍ରତି ୧୧୭ ଥିବାବେଳେ ବର୍ଷ ୨୦୦୧ରେ ବୃଦ୍ଧି ହୋଇ ଏହା ପ୍ରତି ବର୍ଗ କିମିରେ ୩୨୪ ଜଣ ହୋଇଛି ।

(ii) ପରିବେଶ ଓ ଜଙ୍ଗଲ ଉପରେ ପ୍ରଭାବ :

ଜନସଂଖ୍ୟା ବୃଦ୍ଧି ବିଭିନ୍ନ ପରିବେଶାଗତ ସଂସାଧନ ଯଥା- ଭୂମି, ବାୟୁ, ଜଳ, ଶକ୍ତି ଇତ୍ୟାଦିକୁ ପ୍ରଭାବିତ କରିଥାଏ । ଏହିସବୁ ଉପାଦାନର ବିକାଶ ଧାରା ସହିତ ପ୍ରତ୍ୟକ୍ଷ ସମ୍ବନ୍ଧ ରହିଛି । ଜନସଂଖ୍ୟା ବୃଦ୍ଧିର ପରିଣାମ ସ୍ୱରୂପ ଏହି ପରିବେଶ ଉପାଦାନଗୁଡ଼ିକର ଅତ୍ୟଧିକ ବ୍ୟବହାର ପରିବେଶକୁ ନଷ୍ଟ କରିଦିଏ । ତେଣୁ ତୀବ୍ର ଜନସଂଖ୍ୟା ବୃଦ୍ଧି, ସମ୍ବଳରେ ନିୟୋଜିତ ତଥା ନିୟନ୍ତ୍ରିତ ଉପଯୋଗ ଉପରେ ଅସହନୀୟ ଚାପ ହୋଇଯାଏ । ଜନସଂଖ୍ୟାରେ ବୃଦ୍ଧି ତଥା ଲୋକମାନଙ୍କ ପରିବର୍ତ୍ତିତ ଜୀବନଶୈଳୀ ଯୋଗୁଁ ଆଜି ବିଶ୍ୱ ଉଷ୍ମତା (Global Warming)ର ସମସ୍ୟା ଏକ ପରିବେଶଗତ ଚିନ୍ତାର କାରଣ ହୋଇଛି । ବିଶ୍ୱ ଉଷ୍ମତା ବୃଦ୍ଧି ହେବାରୁ ପୃଥିବୀର ତାପମାତ୍ରା ପରିବର୍ତ୍ତନ ହେଉଅଛି । ମେରୁ ପ୍ରଦେଶର ବରଫ ତରଳୁଅଛି ଯାହାକି ଏହି ଗ୍ରହର ପରିବେଶକୁ ତିଆରି କରିବାରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ବର୍ଷକୁ ବର୍ଷ ଗଙ୍ଗୋତ୍ରି ହିମବାହ ତରଳିବାରେ ଲାଗିଛି । ଆଜି ବିଶ୍ୱ ଉଷ୍ମତାର ସମସ୍ୟା ମାନବ ସଭ୍ୟତା ଆଗରେ ଉପସ୍ଥିତ ସବୁଠାରୁ ପ୍ରଧାନ ବିପଦ ଅନୁସନ୍ଧାନୀମାନଙ୍କ ଅନୁସାରେ ବିଶ୍ୱରେ ବର୍ଦ୍ଧିତ ଜନସଂଖ୍ୟା ଆଶାତୀତ ରୂପେ ବୃଦ୍ଧି ହେଉଥିବାରୁ ବିଶ୍ୱ ତାପମାତ୍ରା ଜନିତ ପରିସ୍ଥିତିର ପରିବର୍ତ୍ତନ ଫଳର ପର୍ଯ୍ୟାପ୍ତ ରୂପେ ଅନୁକୂଳ ହେବାକୁ ଅସକ୍ଷମ ।

ବିଶ୍ୱ ଉଷ୍ମତା ବିରୁଦ୍ଧରେ କାର୍ଯ୍ୟରତ ଆନ୍ତର୍ଜାତିକ ପ୍ରଚାରକୁ ଏକ ମହତ୍ୱପୂର୍ଣ୍ଣ ପ୍ରୋତ୍ସାହନ



ରୂପରେ ଏହି ବର୍ଷର ଜଳବାୟୁ ପରିବର୍ତ୍ତନ ପାଇଁ ନୋବେଲ ପୁରସ୍କାର ଇଣ୍ଟର ଗଭମେଣ୍ଟ ପେନାଲ ଅନ୍ କ୍ଲାଇମେଟ ଚେଞ୍ଜ (IPCC)ର ପ୍ରମୁଖ ଡା. ଆର.କେ. ପଚୌରୀ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ଭୂତପୂର୍ବ ଉପରାଷ୍ଟ୍ରପତି ଏଲ. ଗୋରେଙ୍କୁ ପ୍ରଦାନ କରାଯାଇଛି । IPCC ଦ୍ୱାରା ପ୍ରକାଶିତ ସଦ୍ୟ ନୂତନ ରିପୋର୍ଟରେ ବିଶ୍ୱ ଉଷ୍ଣତା ଯାହା ପ୍ରଭାବରେ ଜଳବାୟୁର ପରିବର୍ତ୍ତନ ଦେଖାଯାଉଛି ତାହାକୁ ଅତି ଗମ୍ଭୀର ଭାବେ ଗ୍ରହଣ କରାଯାଇଛି । ଯଦି ଏହାକୁ ଯଥାଶୀଘ୍ର ଠିକ୍ କରାନଯାଏ ତେବେ ବିଶ୍ୱର ଆର୍ଥିକ ଅଭିବୃଦ୍ଧି ଉପରେ ଅନେକ ହ୍ରାସ ଆସିଯିବ ।

ଦେଶର ଆର୍ଥିକ ଅଭିବୃଦ୍ଧିକୁ ବୃଦ୍ଧି କରିବାରେ ଜଙ୍ଗଲର ଭୂମିକା ଅନେକ ପରିମାଣରେ ଅଛି । ମୃତ୍ତିକା ସଂରକ୍ଷଣ ବ୍ୟତୀତ ପରିସ୍ଥିତିମୂଳକ ସନ୍ତୁଳନ ବଜାୟ ରଖିବାକୁ ସହାୟକ ହୋଇଥାଏ । ଜଙ୍ଗଲରୁ କେତେ ପ୍ରକାର ଆବଶ୍ୟକୀୟ ଜଙ୍ଗଲଜାତ ଦ୍ରବ୍ୟ ତଥା କଞ୍ଚାମାଲ ମଧ୍ୟ ମିଳେ । ଜନସଂଖ୍ୟାର ଦ୍ରୁତ ବୃଦ୍ଧି ଯୋଗୁଁ ଜଙ୍ଗଲକଟା ହେବାରେ ଲାଗିଛି । କୃଷି ପାଇଁ ଭୂମି, ଜାଳେଣି ପାଇଁ କାଠ, ବସବାସ କରିବାକୁ ଘର ଇତ୍ୟାଦି ଅନବରତ ବର୍ଦ୍ଧିତ ଚାହିଦା ଯୋଗୁଁ ଗଛଗୁଡ଼ିକୁ କଟା ଯାଉଛି ଫଳରେ ଜଙ୍ଗଲ କ୍ଷେତ୍ର ନଷ୍ଟ ଓ ହ୍ରାସ ହେଉଛି । ଜଙ୍ଗଲ କ୍ଷେତ୍ର ନଷ୍ଟ ହେବା ଫଳରେ ଭୂମିର ଉର୍ବରତା ଶକ୍ତି କମିଯାଉଅଛି । ଜଳବାୟୁ ଉପରେ କୁପ୍ରଭାବ ପଡିଥାଏ । ମୃତ୍ତିକା କ୍ଷୟ ଓ ନଷ୍ଟ ହୁଏ ଏବଂ ଏସବୁ ଯୋଗୁଁ ଅନେକ ପ୍ରକାର କଞ୍ଚାମାଲ ମିଳେନାହିଁ । ଏହିପରି ଜନସଂଖ୍ୟା ଉଚ୍ଚ ବୃଦ୍ଧି ହାର ଯୋଗୁଁ ଜଙ୍ଗଲ ଧ୍ୱଂସ ହୁଏ । ଏହା ଫଳରେ ବିକାଶଶୀଳ ଦେଶରେ ଦେଶର ଆର୍ଥିକ ଅଭିବୃଦ୍ଧି ଉପରେ ନକାରାତ୍ମକ ପ୍ରଭାବ ପଡିଥାଏ ।

ପରିବେଶ ଓ ବନ ମନ୍ତ୍ରାଳୟ ପରିବେଶ ସଂରକ୍ଷଣ ସମ୍ବନ୍ଧିତ ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟନିର୍ବାହ ପାଇଁ ଉତ୍ତରଦାୟୀ ।

(iii) ଖଣିଜ ଦ୍ରବ୍ୟ ଉପରେ ପ୍ରଭାବ :

ଦେଶର ଆର୍ଥିକ ଅଭିବୃଦ୍ଧିରେ ଖଣିଜ ଦ୍ରବ୍ୟର ଅନେକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ଯେକୌଣସି ଅର୍ଥ ବ୍ୟବସ୍ଥାରେ ଜ୍ଞାତସାରରେ ଥିବା ଖଣିଜ ସମ୍ପଦ ସୀମିତ ହୋଇଥାଏ । ଏହାକୁ କଞ୍ଚାମାଲ ରୂପେ ପ୍ରୟୋଗ କରାଯାଏ । ଏଗୁଡ଼ିକ ମଧ୍ୟରୁ କେତେକ ଖଣିଜ ଦ୍ରବ୍ୟ ଯଥା : କୋଇଲା, ପେଟ୍ରୋଲିୟମ ପଦାର୍ଥ ଇତ୍ୟାଦି ଶକ୍ତିର ମହତ୍ତ୍ୱପୂର୍ଣ୍ଣ ଉତ୍ସ ହୋଇଥାନ୍ତି । ଖଣିଜ ଦ୍ରବ୍ୟ ଅଣ-ନବୀକରଣୀୟ ସମ୍ପଦ । ବିକାଶଶୀଳ ଦେଶର ଜନସଂଖ୍ୟାରେ ବିଶାଳ ଆକାର ତଥା ଜନସଂଖ୍ୟାରେ ତୀବ୍ର ବୃଦ୍ଧି ହାର ଯୋଗୁଁ ଏହି ସମ୍ପଦଗୁଡ଼ିକରେ ଅତ୍ୟଧିକ ଉତ୍ତୋଳନ ହୁଏ ।

3) ପୁଞ୍ଜି ନିର୍ମାଣ (ମାନବ ନିର୍ମିତ ସମ୍ବଳ) ଉପରେ ପ୍ରଭାବ

ଆର୍ଥିକ ଅଭିବୃଦ୍ଧିକୁ ବୃଦ୍ଧି କରିବା ପାଇଁ ପୁଞ୍ଜିର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ଦେଶର ପୁଞ୍ଜି ଗଚ୍ଛିତ, ଏହାର ଆର୍ଥିକ ଅଭିବୃଦ୍ଧି ଗତିକୁ ନିର୍ଦ୍ଧାରିତ କରିଥାଏ । ବିକାଶଶୀଳ ଦେଶରେ ଜନସଂଖ୍ୟାର





ତୀବ୍ର ବୃଦ୍ଧି ହାର ଯୋଗୁଁ ଉପଭୋଗର ଆବଶ୍ୟକତାଗୁଡ଼ିକ ଦ୍ରୁତଗତିରେ ବୃଦ୍ଧି ପାଏ। ନିମ୍ନ ଉପଭୋଗ ସ୍ତରରେ ହିଁ ଜନସଂଖ୍ୟାର ଦ୍ରୁତ ବୃଦ୍ଧି ଯୋଗୁଁ ଖାଦ୍ୟପଦାର୍ଥ ଜଳ, ବସ୍ତ୍ର, ବାସଗୃହ, ପରିବହନ, ଶିକ୍ଷା, ବିଦ୍ୟୁତ୍, ଚିକିତ୍ସା ସୁବିଧାମାନ ସବୁ ଉପଭୋଗ ବସ୍ତୁଗୁଡ଼ିକର ଆବଶ୍ୟକତାରେ ଦ୍ରୁତ ବୃଦ୍ଧି ହୋଇଥାଏ । ଏହି ଅର୍ଥ ବ୍ୟବସ୍ଥାମାନ ନିବେଶ ପାଇଁ ଯେଉଁ ସମ୍ବଳ ଆୟୋଜନ କରିଥାନ୍ତି, ତହିଁର ଗୋଟିଏ ବଡ଼ ଭାଗ ଏହି ବର୍ଦ୍ଧିତ ଆବଶ୍ୟକତାଗୁଡ଼ିକୁ ପୂରଣ କରିବାରେ ଲାଗିଯାଏ। ଅନ୍ୟ ଅର୍ଥରେ ବିକାଶଶୀଳ ଦେଶରେ ଏହି ସମ୍ବଳର ଯୋଗାଣର ପରିମାଣ ପ୍ରତି ବ୍ୟକ୍ତି ଆୟକୁ ବୃଦ୍ଧି କରିବାକୁ ତଥା ଜୀବନର ଗୁଣବତ୍ତାରେ ଉନ୍ନତି ଆଣିବାକୁ ଅନେକ କମ୍ ରହିଯାଏ। ଏହା ଫଳରେ ଉକ୍ତ ଅର୍ଥ ବ୍ୟବସ୍ଥାରେ ଆର୍ଥିକ ଅଭିବୃଦ୍ଧିର ହାର ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଥାଏ ।

ଉପରୋକ୍ତ ବିଶ୍ଳେଷଣରୁ ଏହା ସ୍ପଷ୍ଟଯେ ଅଳ୍ପ ବିକଶିତ ଅର୍ଥ ବ୍ୟବସ୍ଥାରେ ଆର୍ଥିକ ଅଭିବୃଦ୍ଧିର ଗତିକୁ ଜନସଂଖ୍ୟାର ଉଚ୍ଚ ବୃଦ୍ଧି ହାର ଧିର କରିଛି । ଯଦି ଏହି ଅର୍ଥବ୍ୟବସ୍ଥାରେ ଜନସଂଖ୍ୟା ଧିର ହାରରେ ବଢ଼ନ୍ତା ତେବେ ଏହାର ଆର୍ଥିକ ଅଭିବୃଦ୍ଧିର ଗତି ତୀବ୍ର ହୁଅନ୍ତା ଏବଂ ଆୟ ସ୍ତରରେ ଅତ୍ୟଧିକ ଉନ୍ନତି ହୁଅନ୍ତା ।

ଅତଏବ, ଆର୍ଥିକ ଅଭିବୃଦ୍ଧି, ଜନସଂଖ୍ୟାର ବୃଦ୍ଧି ହାରକୁ ପ୍ରଭାବିତ କରିଥାଏ ଏବଂ ଜନସଂଖ୍ୟାର ବୃଦ୍ଧି ହାର ଆର୍ଥିକ ଅଭିବୃଦ୍ଧିକୁ ମଧ୍ୟ ପ୍ରଭାବିତ କରିଥାଏ। ବିକାଶଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକ ଦ୍ୱିଧା ସ୍ଥିତିରେ ଅଛନ୍ତି । ଆର୍ଥିକ ଅଭିବୃଦ୍ଧି ସହିତ ଜନସଂଖ୍ୟାର ବୃଦ୍ଧିହାର ବଢ଼ିଯାଏ ଯାହାକି ଆର୍ଥିକ ଅଭିବୃଦ୍ଧିର ଗତିରୋଧ ଉତ୍ପନ୍ନ କରେ। ଯଦି ଏହି ଦେଶ ଜନସଂଖ୍ୟାର ତୀବ୍ର ବୃଦ୍ଧି ହାରକୁ କମ୍ କରିବାରେ ସକ୍ଷମ ହେବେ ତେବେ ତାଙ୍କର ଆର୍ଥିକ ଅଭିବୃଦ୍ଧି ହାର ତୀବ୍ର ହୋଇଯିବ ଏବଂ ଜୀବନର ଗୁଣବତ୍ତାରେ ଦ୍ରୁତ ଉନ୍ନତି ଘଟିବ।

## ମନେରଖ

- ଜନସଂଖ୍ୟାର ଉଚ୍ଚ ବୃଦ୍ଧି ହାର ବିକାଶଶୀଳ ଦେଶର ଆର୍ଥିକ ଅଭିବୃଦ୍ଧି ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ।

- ବିକାଶଶୀଳ ରାଷ୍ଟ୍ରରେ ଶ୍ରମଶକ୍ତିର ଆୟତନ ଅନେକ ବଡ଼ ଏବଂ ପୁଞ୍ଜିର ଅଭାବ ଯୋଗୁଁ ଏହାର ପୂର୍ଣ୍ଣ ଉପଯୋଗ ହୋଇପାରେ ନାହିଁ । ଦ୍ରୁତଗତିରେ ବର୍ଦ୍ଧିତ ଜନସଂଖ୍ୟା ଯୋଗୁଁ ଶ୍ରମ ଶକ୍ତିକୁ ଉତ୍ପାଦକ କାର୍ଯ୍ୟରେ ପ୍ରୟୋଗ କରିବା ଅତ୍ୟନ୍ତ କଠିନ୍ ମଧ୍ୟ ହୋଇଯାଏ। ଅତଏବ ଜନସଂଖ୍ୟାରେ ଦ୍ରୁତ ବୃଦ୍ଧି ଏହି ଅର୍ଥ ବ୍ୟବସ୍ଥା ପାଇଁ ଏକ ପରିସମ୍ପତ୍ତି ହେବା ପରିବର୍ତ୍ତେ ବୋଝ ହୋଇ ରହିଯାଏ।

- ଜନସଂଖ୍ୟାର ବିଶାଳ ଆକାର ଏବଂ ଏହାର ତୀବ୍ର ବୃଦ୍ଧିହାର ଯୋଗୁଁ ଭୂମି ଉପରେ ଅଧିକ



ଚାପ ପଡିଥାଏ। ଯାହାଫଳରେ ଭୂମିଯୋତର ଉପ ବିଭାଜନ ଓ ଅପଖଣ୍ଡନ ହେବାକୁ ଲାଗିଥାଏ। ଏହାଫଳରେ ଭୂମିର ଅବନତି ହୋଇଥାଏ ଓ ପ୍ରଚ୍ଛନ୍ନ ବେକାରୀ ଉତ୍ପନ୍ନ ହୁଏ। ଏହାର ପରିଣାମ ସ୍ୱରୂପ ସହରୀକରଣ ତଥା ତଦ୍‌ଜନିତ ଅନ୍ୟ ସମସ୍ୟାଗୁଡିକ ସୃଷ୍ଟି ହୋଇଯାଏ ।

- କୃଷି ପାଇଁ ଭୂମି, ଜାଳେଣୀ ଓ ଘର ତିଆରି ପାଇଁ କାଠ ଇତ୍ୟାଦିର ବର୍ଦ୍ଧିତ ଚାହିଦା ଯୋଗୁଁ ଜଙ୍ଗଲ କଟା ହୋଇଯାଉଛି । ଯଦ୍ୱାରା ମୃତ୍ତିକାର ଉର୍ବରତା ଉପରେ ପ୍ରତିକୂଳ ପ୍ରଭାବ ପଡୁଛି । ବନ୍ୟା ଆସୁଛି ଏବଂ ଜଳବାୟୁ ଉପରେ କୁପ୍ରଭାବ ପଡୁଅଛି।
- ଜନସଂଖ୍ୟାର ତୀବ୍ର ବୃଦ୍ଧି ହାର ଯୋଗୁଁ ଖଣିଜ ସମ୍ପଦର ଅତ୍ୟଧିକ ଉତ୍ତୋଳନ ହୋଇଥାଏ ଯାହା ଫଳରେ ଏହାର ଅବକ୍ଷୟ ହୁଏ । ଫଳରେ ଭବିଷ୍ୟତ ଆର୍ଥିକ ଅଭିବୃଦ୍ଧି ମଧ୍ୟ ପ୍ରଭାବିତ ହୋଇଥାଏ ।
- ଜନସଂଖ୍ୟା ଦ୍ରୁତ ହାରରେ ବୃଦ୍ଧି ଯୋଗୁଁ ଏବଂ ଏହାର ବିଶାଳ ଆୟତନ ଯୋଗୁଁ ଉପଭୋଗ ଆବଶ୍ୟକତାଗୁଡିକ ଦ୍ରୁତଗତିରେ ବୃଦ୍ଧି ହୁଏ। ଉପଭୋଗ ବ୍ୟୟ ବଢିଯାଏ । ଫଳରେ ସଞ୍ଚୟ ଓ ପୁଞ୍ଜି ନିର୍ମାଣର ହାର ଅଧିକ ବଢେ ନାହିଁ। ଏହି ଅର୍ଥ ବ୍ୟବସ୍ଥାମାନ ଯେତେ ସମ୍ବଳ ଆୟୋଜନ କରେ ତାହାର ବଡ ଅଂଶ ବର୍ଦ୍ଧିତ ଜନସଂଖ୍ୟା ଉପଭୋଗ କରିନିଏ।

## ପାଠ୍ୟଗତ ପ୍ରଶ୍ନ 28.2

ନିମ୍ନ ଉକ୍ତିଗୁଡିକ ଠିକ୍ ବା ଭୁଲ କୁହ :

(i) ବିକାଶଶୀଳ ଦେଶରେ ଜନସଂଖ୍ୟାର ଉଚ୍ଚ ବୃଦ୍ଧି ହାର ଯୋଗୁଁ ପୁଞ୍ଜି ନିର୍ମାଣ ବୃଦ୍ଧି ହୁଏ ।

(ii) ବିକାଶଶୀଳ ଦେଶରେ ଜନସଂଖ୍ୟାର ବଡ ଆକାର ଏକ ଉତ୍ପାଦକ ପରିସମ୍ପତ୍ତି ହୋଇଥାଏ ଯଦି ଏହାର ପୂର୍ଣ୍ଣ ଉପଯୋଗ ହୁଏ ।

(iii) ବିକାଶଶୀଳ ଦେଶରେ ପ୍ରାକୃତିକ ସମ୍ପଦର ପୂର୍ଣ୍ଣ ଉପଯୋଗ କରିବା ପାଇଁ ଉଚ୍ଚ ଜନସଂଖ୍ୟା ବୃଦ୍ଧି ହାର ଆବଶ୍ୟକ ହୁଏ।

(iv) ଜନସଂଖ୍ୟାର ତୀବ୍ର ବୃଦ୍ଧି ହାର ତୀବ୍ର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୁଏ ।

(v) ଜଙ୍ଗଲର ଉତ୍ତମ ଉପଯୋଗ ପାଇଁ ଅଧିକ ଜନସଂଖ୍ୟା ସହାୟକ ହୋଇଥାଏ।

(vi) ଉଚ୍ଚ ଜନସଂଖ୍ୟା ବୃଦ୍ଧି ହାର ଯୋଗୁଁ ବିକାଶଶୀଳ ଅର୍ଥ ବ୍ୟବସ୍ଥାଗୁଡିକୁ ଆୟର ପ୍ରଚଳିତ ସ୍ତରକୁ ବଜାୟ ରଖିବାକୁ କଠିନ୍ ପରିଶ୍ରମ କରିବାକୁ ପଡେ ।





## ଆପଣ କ'ଣ ଶିକ୍ଷା କଲେ

- ଜନସଂଖ୍ୟା ଓ ଆର୍ଥିକ ବିକାଶ ନିକଟତମ ଉପାୟରେ ଜଡିତ ।
- ଜନସଂଖ୍ୟା ବୃଦ୍ଧି ହାର ଆର୍ଥିକ ବିକାଶକୁ ପ୍ରଭାବିତ କରେ ଏବଂ ଆର୍ଥିକ ବିକାଶ ମଧ୍ୟ ଜନସଂଖ୍ୟା ବୃଦ୍ଧି ହାରକୁ ପ୍ରଭାବିତ କରିଥାଏ ।
- ଜନସଂଖ୍ୟା ବୃଦ୍ଧି ହାର ପ୍ରାକୃତିକ ସମ୍ବଳର ଉପଲବ୍ଧତାକୁ ମଧ୍ୟ ପ୍ରଭାବିତ କରିଥାଏ ।
- ଦେଶର ପୁଞ୍ଜି ନିର୍ମାଣ ଜନସଂଖ୍ୟାର ଗୁଣବତ୍ତା ଉପରେ ନିର୍ଦ୍ଧାରିତ ହୋଇଥାଏ ।
- ଜନସଂଖ୍ୟାର ବୃହତ୍ ଆୟତନ ଦେଶରେ ଜୀବନର ଗୁଣବତ୍ତାରେ ହ୍ରାସ ଆଣିଥାଏ ।

## ପାଠ୍ୟାନ୍ତର ପ୍ରଶ୍ନ

1) ଆର୍ଥିକ ଅଭିବୃଦ୍ଧି ଏବଂ ଜନସଂଖ୍ୟାରେ ବୃଦ୍ଧି ହାର ମଧ୍ୟରେ ସମ୍ପର୍କ ବ୍ୟାଖ୍ୟା କର ।

2) ବିକାଶଶୀଳ ଦେଶରେ ଉଚ୍ଚ ଜନସଂଖ୍ୟା ବୃଦ୍ଧି ହାରର ପ୍ରାକୃତିକ ଓ ମାନବୀୟ ସମ୍ବଳ ଉପରେ କି କି ପ୍ରଭାବ ପଡିଥାଏ ।

3) ଭାରତରେ ଜନସଂଖ୍ୟାର ତୀବ୍ର ବୃଦ୍ଧି ହାରର ପୁଞ୍ଜି ନିର୍ମାଣ ଉପରେ ପଡୁଥିବା ପ୍ରଭାବର ଆଲୋଚନା କର ।

## ପାଠ୍ୟଗତ ପ୍ରଶ୍ନର ଉତ୍ତର

**28.1** (i) ଭୁଲ (ii) ଭୁଲ (iii) ଠିକ୍ (iv) ଠିକ୍

**28.2** (i) ଭୁଲ (ii) ଭୁଲ (iii) ଭୁଲ (iv) ଭୁଲ

(v) ଭୁଲ (vi) ଠିକ୍

ପାଠ୍ୟାନ୍ତର ପ୍ରଶ୍ନ ପାଇଁ ସୂଚନା

(1) ଭାଗ 28.2 ପଢନ୍ତୁ

(ii) ଭାଗ 28.2 (ଖ) (1) ଓ (2) ପଢନ୍ତୁ

(3) ଭାଗ 28.2 (ଖ) (3) ପଢନ୍ତୁ ।



# 29

# ଭାରତର ଜନସଂଖ୍ୟା : ସଂରଚନା ଓ ସମ୍ବନ୍ଧିତ ବିଷୟ

ଆଧୁନିକ ଯୁଗର ସବୁଠାରୁ ପ୍ରମୁଖ ଚିନ୍ତାର ବିଷୟ ଜନସଂଖ୍ୟା ଏବଂ ତତ୍ ସମ୍ବନ୍ଧିତ ବିଷୟ । ଏହି ବିଷୟ ଜୀବନର ପ୍ରତ୍ୟେକ ପାର୍ଶ୍ୱ ସହିତ ଜଡିତ । ବିଗତ ଅର୍ଦ୍ଧଶତାବ୍ଦୀ ମଧ୍ୟରେ ବିଶ୍ୱର ଜନସଂଖ୍ୟା ସନ ୧୯୫୦ରେ ୨୫୦ କୋଟିରୁ ୨୦୦୬ର ପ୍ରଥମ ଛ' ମାସ ମଧ୍ୟରେ ତିନିଗୁଣ ବୃଦ୍ଧି ପାଇ ୬୫୦ କୋଟି ହୋଇଗଲା । ଭାରତର ଜନସଂଖ୍ୟା ମଧ୍ୟ ସ୍ୱାଧୀନତା ପରେ ତିନିଗୁଣ ବୃଦ୍ଧି ପାଇଛି । କୌଣସି ଦେଶର ଜନସଂଖ୍ୟାର ବିଶେଷତ୍ୱ ଯଥା ଏହାର ଆୟତନ, ବୃଦ୍ଧି, ଲିଙ୍ଗ ଓ ଆୟୁ ସଂରଚନା, ସାକ୍ଷରତାର ସ୍ତର ଇତ୍ୟାଦିକୁ ଜାଣିବା ମହତ୍ତ୍ୱପୂର୍ଣ୍ଣ । ଏହି ଅଧ୍ୟାୟରେ ଆପଣ ଭାରତୀୟ ଜନସଂଖ୍ୟାର ସେହି ବିଶେଷତ୍ୱ ଓ ତତ୍ ସମ୍ବନ୍ଧୀୟ ବିଷୟରେ ପଢିବେ । ଜନସଂଖ୍ୟା ସମସ୍ୟାର ସମାଧାନ ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ ମଧ୍ୟ ପଢିବା ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟକୁ ପାଠ କଲା ପରେ ଆପଣ;

- ଜନସଂଖ୍ୟାର ପରିଭାଷା କରିପାରିବେ,
- ବିଗତ କିଛି ଦଶକରେ ଭାରତର ଜନସଂଖ୍ୟାର ଆକାର ଓ ଏଥିରେ ହୋଇଥିବା ବୃଦ୍ଧି ବିଷୟରେ କହିପାରିବେ;
- ବର୍ଷ ୧୯୨୧ ପରେ ଭାରତର ଜନସଂଖ୍ୟା ବୃଦ୍ଧି ହାର କହିପାରିବେ
- ଭାରତର ଜନସଂଖ୍ୟାର ସଂରଚନାକୁ ସ୍ପଷ୍ଟ କରିପାରିବେ
- ଭାରତରେ ଜନସଂଖ୍ୟା ଦ୍ରୁତ ବୃଦ୍ଧି ହାର ଯୋଗୁଁ ଉତ୍ପନ୍ନ ହେଉଥିବା ସମସ୍ୟାଗୁଡିକୁ କହିପାରିବେ ଏବଂ
- ଏହି ସମସ୍ୟଗୁଡିକର ସମାଧାନର ଉପାୟ କହିପାରିବେ ।

## 29.1 ଜନସଂଖ୍ୟାର ପରିଭାଷା, ଆକାର ଓ ବୃଦ୍ଧି

(କ) ପରିଭାଷା

ଜନସଂଖ୍ୟାର ଅର୍ଥ "କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ଏକ ନିର୍ଦ୍ଦିଷ୍ଟ ସମୟରେ ବାସ କରୁଥିବା ଲୋକଙ୍କର ମୋଟ ସଂଖ୍ୟା''। ଏହି ପରିଭାଷାରେ ତିନୋଟି ପ୍ରମୁଖ ବିଷୟ ଅଛି; (i) ଲୋକମାନଙ୍କର ମୋଟ ସଂଖ୍ୟା ଅର୍ଥାତ୍ ପୁରୁଷ, ମହିଳା ଓ ଶିଶୁ, (ii) ଏକ ନିଶ୍ଚିତ ସ୍ଥାନ ଅର୍ଥାତ୍ ଗ୍ରାମ/ସହର, ଜିଲ୍ଲା, ରାଜ୍ୟ, ଦେଶ ଇତ୍ୟାଦି ଓ (iii) ନିଶ୍ଚିତ ସମୟ ଅର୍ଥାତ୍ ଦିନ, ମାସ, ବର୍ଷ, ଦଶନ୍ଧି ଇତ୍ୟାଦି। ଏହି ତିନୋଟି ବିଷୟର ଉପଲବ୍ଧତାର ସ୍ଥିତିରେ ହିଁ ଆମେ ଜନସଂଖ୍ୟାକୁ ଠିକ୍ ଭାବରେ ପରିଭାଷିତ କରିପାରନ୍ତି ।

(ଖ) ଜନସଂଖ୍ୟାର ଆକାର :

ଭାରତର ଜସନଂଖ୍ୟାର ଆକାର ବହୁତ ବଡ ଯାହାକି ଚୀନ ପରେ ଏହାର ସ୍ଥାନ ଦ୍ୱିତୀୟରେ ରହିଛି । ଅଧିକାରୀଙ୍କ ପୂର୍ବାନୁମାନ ଅନୁଯାୟୀ ୧୧ମଇ ୨୦୦୦ରେ ଭାରତର ଜନସଂଖ୍ୟା ୧୦୦ କୋଟି ସଂଖ୍ୟାକୁ ଟପିଯିବ । ମାତ୍ର ଜନସଂଖ୍ୟାର ବାସ୍ତବିକ ଗଣନା ଜନଗଣନା (census) ଦ୍ୱାରା ହିଁ ହୋଇଥାଏ। ଜନଗଣନାରେ ଲୋକଙ୍କର ବାସ୍ତବିକ ସଂଖ୍ୟାର ଗଣନା କରାଯାଇଥାଏ। ଭାରତରେ ପ୍ରଥମ ଜନଗଣନା ପ୍ରକ୍ରିୟା ସନ୍ ୧୮୮୧ରେ ଆୟୋଜିତ କରାଯାଇଥିଲା ଯାହାକି ଅଖଣ୍ଡ ଭାରତର ଏକରୂପତା ଆଧାର ଉପରେ କରାଯାଇଥିଲା । ଜନସଂଖ୍ୟାର ବିଭିନ୍ନ ପାର୍ଶ୍ୱର ତୁଳନା ପାଇଁ ଏହି ଜନଗଣନା ଜନସଂଖ୍ୟାର ପୂର୍ଣ୍ଣ ଓ କ୍ରମିକ ନଥି (ରେକର୍ଡ) ପ୍ରସ୍ତୁତ କରିଥାଏ। ସେହିଠାରୁ ଏହି ଜନଗଣନା ପ୍ରତ୍ୟେକ ଦଶବର୍ଷରେ ନିୟମିତ ଭାବେ କରାଯାଉଅଛି । ଏହି ଜନଗଣନାଗୁଡିକରେ ଜନସଂଖ୍ୟା ସମ୍ବନ୍ଧିତ ବିଭିନ୍ନ ପାର୍ଶ୍ୱ ଯଥା ଏହାର ଘନତ୍ୱ, ଗ୍ରାମାଞ୍ଚଳ ଓ ସହର ବଣ୍ଟନ, ବସବାସ ସ୍ଥିତି, ପ୍ରବାସ, ବ୍ୟବସାୟ, ଜାତିବର୍ଣ୍ଣ, ସାକ୍ଷରତା, ଧର୍ମ, ଶାରୀରିକ ବିକୃତି, ଲିଙ୍ଗ, ନାଗରିକତ୍ୱ ଇତ୍ୟାଦିର ସୂଚନା ଏକତ୍ରିତ କରାଯାଇଛି । ଲୋକମାନଙ୍କ ସଂଖ୍ୟାର ଗଣନାର ଏହି ପ୍ରକ୍ରିୟାକୁ ଜନଗଣନା କୁହାଯାଏ। ଭାରତରେ ସବିଶେଷ ଜନଗଣନା ସନ୍ ୨୦୧୧ରେ ହୋଇଥିଲା ଏବଂ ଆଗକୁ ୨୦୨୧ରେ ଆଗାମୀ ଜନଗଣନା ହେବ । ସ୍ୱାଧୀନତା ପରେ ଭାରତରେ ସାତଟି ଜନଗଣନା କରାଯାଇଛି । ପ୍ରାୟତଃ ୫୮,୦୦୦ ଗ୍ରାମ ତଥା ୩୭୦୦ ସହର ସମୂହ ଜନସଂଖ୍ୟାକୁ ଗଣନା କରିବା ଏକ ବିରାଟ ଓ କଠିନ୍ କାର୍ଯ୍ୟ। ତାଲିକା ୨୯.୧ରେ ସନ ୧୯୦୧ ପରଠାରୁ ଭାରତର ମୋଟ ଜନସଂଖ୍ୟାର ବିବରଣୀ ଦିଆଗଲା। ଏହା ଦର୍ଶାଉଅଛି ଯେ ୧ ମାର୍ଚ୍ଚ ୨୦୦୧କୁ ଭାରତର ଜନସଂଖ୍ୟା ୧୦୨.୮୭ କୋଟିରେ ପହଞ୍ଚିଯାଇଛି । ଏହି ଜନଗଣନା ୯ରୁ ୨୮ ଫେବୃଆରୀ ୨୦୦୧ରେ ସମଗ୍ର ଦେଶରେ କରାଯାଇଥିଲା।



ତାଲିକା 29.1 ଭାରତର ମୋଟ ଜନସଂଖ୍ୟା (କୋଟିରେ)

| ବର୍ଷ | ଜନସଂଖ୍ୟା | ବର୍ଷ | ଜନସଂଖ୍ୟା |
|---|---|---|---|
| 1901 | 23.83 | 1951 | 36.10 |
| 1991 | 25.20 | 1961 | 43.91 |
| 1921 | 25.12 | 1971 | 54.82 |
| 1931 | 27.89 | 1981 | 68.52 |
| 1941 | 31.85 | 1991 | 84.63 |
| | | 2001 | 102.87 |

ଜନସଂଖ୍ୟା ଆଧାର ଉପରେ ଭାରତ ବିଶ୍ୱରେ ଦ୍ୱିତୀୟ ବୃହତ୍ତମ ରାଷ୍ଟ୍ର । ପୃଥିବୀର ମୋଟ ଭୂ-ଭାଗର କେବଳ ୨.୪ ପ୍ରତିଶତ ଭାଗରେ ବିସ୍ତୃତ ଭାରତର ଜନସଂଖ୍ୟା ବିଶ୍ୱ ଜନସଂଖ୍ୟାର ପ୍ରାୟତଃ ୧୬.୭ ପ୍ରତିଶତ । ବର୍ତ୍ତମାନ ବିଶ୍ୱରେ ପ୍ରତ୍ୟେକ ଷଷ୍ଠ ବ୍ୟକ୍ତି ଜଣେ ଭାରତୀୟ । ଜନସଂଖ୍ୟାର ପୂର୍ବାନୁମାନ ପାଇଁ ନିଶ୍ଚିତ ଜନସଂଖ୍ୟା ବୃଦ୍ଧିର ପୂର୍ବ ରୂପ ଯଦି ଠିକ୍ ଥାଏ ତେବେ ବର୍ଷ ୨୦୪୦ରେ ସମ୍ଭବତଃ ଭାରତ ସବୁଠାରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ହେବ । ଏହି ଟିପ୍ପଣୀରେ ସବୁଠାରୁ ପ୍ରଥମ ସ୍ଥାନରେ ଚୀନର ଜନସଂଖ୍ୟା ରହିଛି ଏବଂ ଦ୍ୱିତୀୟ ସ୍ଥାନରେ ଭାରତ । ଆପଣ ଜାଣନ୍ତି କି ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନରେ କେଉଁ ଦେଶ ରହିଛି । ଏଗୁଡିକ କ୍ରମାନ୍ୱୟରେ ଯୁକ୍ତରାଷ୍ଟ୍ର ଆମେରିକା, ଇଣ୍ଡୋନେସିଆ ଓ ବ୍ରାଜିଲ ।

(ଗ) ଜନସଂଖ୍ୟା ବୃଦ୍ଧି

ଭାରତର ଜନସଂଖ୍ୟା ଯେ କେବଳ ଅଧିକ ତାହା ନୁହେଁ ଏହାର ବୃଦ୍ଧି ମଧ୍ୟ ଅତି ଦ୍ରୁତ ଗତିରେ ହୋଇଛି । ଯଦି ଆପଣ ପୁଣିଥରେ ତାଲିକା ୨୯.୧ ଦେଖିବେ ତେବେ ଆପଣ ପାଇପାରିବେ ଯେ, ପ୍ରତ୍ୟେକ ପରବର୍ତ୍ତୀ ଦଶକରେ ଜନସଂଖ୍ୟାରେ ହେଉଥିବା ବୃଦ୍ଧି ଅଧିକ । ୧୯୫୧ରୁ ୧୯୬୧ ଦଶକରେ ଜନସଂଖ୍ୟାରେ ମୋଟ ବୃଦ୍ଧି ପ୍ରାୟ ୭.୮ କୋଟିଥିଲା । ଏହି ବୃଦ୍ଧି ୧୯୯୧ରୁ ୨୦୦୧ ଦଶକରେ ୧୮.୨୪ କୋଟି ହେଲା । ପୁଣି ତାହା ୧୯୫୧ରୁ ୧୯୬୧ ଦଶକରେ ହୋଇଥିବା ବୃଦ୍ଧିର ପ୍ରାୟତଃ ୨.୫ ଗୁଣ ଅଧିକ । ବିଶ୍ୱର ଜନସଂଖ୍ୟା ବୃଦ୍ଧିରେ ଭାରତର ଯୋଗଦାନ ଅତ୍ୟନ୍ତ ଅଧିକ ଓ ମୋଟ ଜନସଂଖ୍ୟାରେ ବୃଦ୍ଧି ମଧ୍ୟ ଅନେକ ଅଧିକ ଅଛି । ଯଦି ଆମେ ଜନସଂଖ୍ୟାର ବୃଦ୍ଧିକୁ ଜନସଂଖ୍ୟାରେ ବୃଦ୍ଧି ହାର ରୂପରେ ଦେଖିବା ତେବେ ଏହି ସଂଖ୍ୟାଗୁଡିକ ଅଧିକ ସ୍ପଷ୍ଟ ହୋଇଯାଉଛି । ତାଲିକା ୧୯.୨ରେ ଭାରତରେ ଜନସଂଖ୍ୟାର ବୃଦ୍ଧି ହାରକୁ ଦର୍ଶାଇ ଦିଆଗଲା ।



ତାଲିକା ୧୯.୨ ଭାରତର ଜନସଂଖ୍ୟା ବୃଦ୍ଧି ହାର

| ଜନଗଣନା ବର୍ଷ | ଜନସଂଖ୍ୟା କୋଟିରେ (1) | ଦଶକରେ ହେଉଥିବା ବୃଦ୍ଧି/ହ୍ରାସର ଶତକଡ଼ା (2) | ନିରୁପିତ ବାର୍ଷିକ ବୃଦ୍ଧି ହାର ଶତକଡ଼ାରେ (3) |
|---|---|---|---|
| 1901 | 23.83 | - | - |
| 1911 | 25.20 | 5.75 | 0.56 |
| 1921 | 25.12 | (-) 0.31 | (-) 0.03 |
| 1931 | 27.89 | 11.00 | 1.04 |
| 1941 | 31.87 | 14.22 | 1.33 |
| 1951 | 36.10 | 13.31 | 1.25 |
| 1961 | 43.92 | 21.51 | 1.96 |
| 1971 | 54.81 | 24.80 | 2.22 |
| 1981 | 68.33 | 24.66 | 2.20 |
| 1991 | 84.63 | 23.50 | 2.14 |
| 2001 | 102.87 | 21.54 | 1.93 |

ଯେପରି ଭାବରେ ତାଲିକା ୨୯.୨ (ସ୍ତମ୍ଭ ସଂଖ୍ୟା-୧)ରେ ଦର୍ଶାଯାଇଛି ଯେ ୧୯୨୧ ପର୍ଯ୍ୟନ୍ତ ଜନସଂଖ୍ୟା ବୃଦ୍ଧିବହୁତ କମ୍ ଥିଲା। ଏପରିକି, ୧୯୨୧ରେ ଜନସଂଖ୍ୟା କିଛି କମ୍ ହୋଇଗଲା । ୧୯୨୧ ପରେ ନିରପେକ୍ଷ ରୂପରେ (ଲୋକଙ୍କର ମୋଟ ସଂଖ୍ୟା) ଜନସଂଖ୍ୟାରେ ଅନବରତ ବୃଦ୍ଧି ହୋଇଚାଲିଛି। ଏହି କାରଣରୁ ଭାରତର ଜନସଂଖ୍ୟାର ଇତିହାସରେ ୧୯୨୧ର ଜନଗଣନା ବର୍ଷକୁ ମହାବିଭାଜକ (Great Divide) ବର୍ଷ କହନ୍ତି ।

ଯଦି ଆମେ ତାଲିକାର ସ୍ତମ୍ଭ ୨ ଓ ୩କୁ ଦେଖିବା ତେବେ ପାଇବା ଯେ ଶତକଡ଼ା ରୂପରେ ନେଇ ମଧ୍ୟ ପୂର୍ବ ତିନୋଟି ଜନଗଣନା ବର୍ଷକୁ ଛାଡି ଭାରତର ଜନସଂଖ୍ୟା ବଢୁଅଛି। ଏଠାରେ ଏ ବିଷୟ ଉପରେ ଧ୍ୟାନ ଦିଆଯିବା କଥା ଯେ ଯେତେବେଳେ ଜନସଂଖ୍ୟା ଶତକଡା



ରୂପରେ ହ୍ରାସ ହେଇ ଚାଲିଛି, ତେବେ ଜରୁରୀ ନୁହେଁ ଯେ ଜନସଂଖ୍ୟା ନିରପେକ୍ଷ ରୂପରେ (ଲୋକମାନଙ୍କର ମୋଟ ସଂଖ୍ୟା) କମ୍ ହେଉଅଛି ।

୨୦୦୧ର ଜନଗଣନା ଅନୁସାରେ ଜନସଂଖ୍ୟାରେ ହେଉଥିବା ବୃଦ୍ଧି ସ୍ୱାଧୀନତା ସମୟର ଭାରତର ଜନସଂଖ୍ୟାର ପ୍ରାୟତଃ ତିନିଗୁଣ ଥିଲା । ଏହି ବୃଦ୍ଧି ମଧ୍ୟ ଆମେରିକାର ଜନସଂଖ୍ୟାର ପ୍ରାୟ ଦୁଇଗୁଣ ଓ ସମଗ୍ର ଆଫ୍ରିକା ମହାଦେଶର ଜନସଂଖ୍ୟାର ୧.୨୫ ଗୁଣ ହେବ ।

କୌଣସି ଦେଶର ଜନସଂଖ୍ୟାରେ ବୃଦ୍ଧି ବା ହ୍ରାସ ଜନ୍ମ ଓ ମୃତ୍ୟୁ ମଧ୍ୟରେ ପାର୍ଥକ୍ୟର କାରଣ ହୋଇଥାଏ ଯଦି ବିଦେଶରେ ଥିବା ଲୋକଙ୍କ ସଂଖ୍ୟାକୁ ନଗଣ୍ୟ ମନେ କରାଯାଏ । ଏହି ତଥ୍ୟାବଳୀ (ତାଲିକା ୨୯.୩)ରୁ ଆମେ ଜନ୍ମ ଓ ମୃତ୍ୟୁ ହାର ବାହାର କରିପାରନ୍ତି । ଭାରତର ଜନସଂଖ୍ୟା ଏହି କାରଣରୁ ବୃଦ୍ଧି ହେଉଛି ଯେ ଯେଉଁଠାରେ ଜନ୍ମହାରରେ ଦ୍ରୁତ ହ୍ରାସ ହେଲାବେଳେ ମୃତ୍ୟୁ ହାର ଅତ୍ୟନ୍ତ ଧୀର ହେଉଛି । ତାଲିକା ୨୯.୩ରେ ୧୯୦୧ ପରେ ଜନ୍ମ ଓ ମୃତ୍ୟୁହାର ଦର୍ଶାଯାଇଛି । ତାଲିକାର ସ୍ତମ୍ଭ (୩) ବିଭିନ୍ନ ଦଶକର ଜନସଂଖ୍ୟାରେ ହେଉଥିବା ପ୍ରାକୃତିକ ବୃଦ୍ଧିକୁ ଦର୍ଶାଉଅଛି ।

ତାଲିକା ୨୯.୩ ଜନ୍ମହାର, ମୃତ୍ୟୁହାର ଓ ଜନସଂଖ୍ୟାର ପ୍ରାକୃତିକ ବୃଦ୍ଧି (ପ୍ରତି ହଜାରରେ)

| ସମୟସୀମା | ଜନ୍ମଦର (1) | ମୃତ୍ୟୁଦର (2) | ପ୍ରାକୃତିକ ବୃଦ୍ଧି (3) |
|---|---|---|---|
| 1901-1911 | 49.2 | 42.6 | 6.6 |
| 1911-1921 | 48.1 | 48.6 | (-)0.5 |
| 1921-1931 | 46.4 | 36.3 | 10.1 |
| 1931-1941 | 45.2 | 31.2 | 14.0 |
| 1941-1951 | 39.9 | 27.4 | 12.5 |
| 1951-1961 | 41.7 | 22.8 | 18.9 |
| 1961-1971 | 41.2 | 19.0 | 22.2 |
| 1971-1981 | 37.2 | 15.0 | 22.2 |
| 1981-1991 | 32.5 | 11.4 | 21.1 |
| 1999 | 26.1 | 8.7 | 17.4 |





ତାଲିକା ୨୯.୩ରେ ଯେପରି ଦର୍ଶାଯାଇଛି ଯେ ମୃତ୍ୟୁହାରରେ ହ୍ରାସ, ଜନ୍ମ ହାରରେ ହ୍ରାସର ପରିମାଣ ଠାରୁ ଅଧିକ । ଫଳରେ ଜନସଂଖ୍ୟା ବୃଦ୍ଧିର ହାର ବଢିଚାଲିଛି । ଏଠାରେ ଏହା ଧ୍ୟାନ ଦେବା ଦରକାର ଯେ ବିଶାଳ ଆକାର ଜନସଂଖ୍ୟାରେ ଅତି କମ୍ ହାରରେ ବୃଦ୍ଧି ମଧ୍ୟ ପ୍ରତ୍ୟେକ ବର୍ଷ ଜନସଂଖ୍ୟାକୁ ଅନେକ ପରିମାଣରେ ବୃଦ୍ଧି କରିଦିଏ ।

**ମନେରଖ :**

- ଦେଶର ଜନସଂଖ୍ୟାର ଆକାର ଅର୍ଥ ସେହି ଦେଶର ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବାସ କରୁଥିବା ଲୋକମାନଙ୍କର ମୋଟ ସଂଖ୍ୟା ବ୍ୟକ୍ତିଙ୍କୁ ଗଣନା କରିବାର ପ୍ରକ୍ରିୟାକୁ ଜନସଂଖ୍ୟାର ଜନଗଣନା କୁହାଯାଏ ।
- ଭାରତରେ ଜନଗଣନା ପ୍ରତ୍ୟେକ ଦଶ (୧୦) ବର୍ଷ ପରେ କରାଯାଏ । ଶେଷ ଜନଗଣନା ୨୦୧୧ରେ ହୋଇଥିଲା, ଆଗାମୀ ଜନଗଣନା ୨୦୨୧ରେ ହେବ ।
- ଭାରତରେ ଜନସଂଖ୍ୟା ଆୟତନ ଅନେକ ବଡ଼ । ଏହା ବିଶ୍ୱ ଜନସଂଖ୍ୟାର ୧୬.୭ ଶତକଡ଼ା ଯାହାକି ଭାରତର କ୍ଷେତ୍ରଫଳ ବିଶ୍ୱ କ୍ଷେତ୍ରଫଳର କେବଳ ୨.୪ ପ୍ରତିଶତ ।
- ଭାରତର ଜନସଂଖ୍ୟାର ତୀବ୍ର ବୃଦ୍ଧି ହାରର ମୁଖ୍ୟ କାରଣ ମୃତ୍ୟୁ ହାର ଦ୍ରୁତଗତିରେ ହ୍ରାସ ପାଉଥିବାବେଳେ ଜନ୍ମହାରର କ୍ଷୀଣ ହ୍ରାସ ।

## ପାଠ୍ୟଗତ ପ୍ରଶ୍ନ

ନିମ୍ନ ଉକ୍ତିଗୁଡ଼ିକୁ ଠିକ୍ ବା ଭୁଲ କହ

(i) ଜନଗଣନାରୁ କେବଳ ଜନସଂଖ୍ୟାର ଆକାର ବିଷୟରେ ସୂଚନା ମିଳେ ।

(ii) ଭାରତର ଜନସଂଖ୍ୟା ୧୯୨୧କୁ ଛାଡ଼ି ୧୯୦୧ରୁ ତୀବ୍ର ଗତିରେ ବଢିଚାଲିଛି ।

(iii) ଭାରତର ଜନସଂଖ୍ୟାର ତୀବ୍ର ବୃଦ୍ଧି ହାର ମୃତ୍ୟୁହାରର ଦ୍ରୁତ ହ୍ରାସ ଓ ଜନ୍ମ ହାରର ଧୀର ହ୍ରାସ ହିଁ କାରଣ ।

(2) ବନ୍ଧନୀରୁ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(i) ବର୍ଷ ୨୦୦୧ରେ ଭାରତର ଜନସଂଖ୍ୟା ............. କୋଟି ଥିଲା (102.87, 68.54)

(ii) ବର୍ଷ ୧୯୯୯ରେ ଭାରତର ଜନ୍ମହାର ............ଥିଲା (26.1, 41.2, 37.2)

(iii) ଭାରତରେ ଜନଗଣନା ପ୍ରତ୍ୟେକ ....... ବର୍ଷ ପରେ କରାଯାଏ । (5, 10)

(iv) ଭାରତରେ ଆଗାମୀ ଜନଗଣନା ବର୍ଷ ........ରେ କରାଯିବ (2031, 2021, 2022)



## 29.2 ଜନସଂଖ୍ୟାର ସଂରଚନା

ଏହି ଭାଗରେ ଆମେ ଭାରତୀୟ ଜନସଂଖ୍ୟାର କେତେକ ମହତ୍ତ୍ୱପୂର୍ଣ୍ଣ ବିଶେଷତ୍ୱକୁ ଯଥା : ଜନସଂଖ୍ୟାର ଆୟୁ ଓ ଲିଙ୍ଗ ସଂରଚନା, ଗ୍ରାମାଞ୍ଚଳ ଓ ସହର ଅନୁପାତ, ସ୍ୱାକ୍ଷରତା ସ୍ତର ଓ ଜନସଂଖ୍ୟାର ଘନତ୍ୱ ଇତ୍ୟାଦି ଅଧ୍ୟୟନ କରିବା ।

(i) ଲିଙ୍ଗ ଉପରେ ଆଧାରିତ ସଂରଚନା :

ଲିଙ୍ଗ ଉପରେ ଆଧାରିତ ସଂରଚନା ଜନସଂଖ୍ୟା ସଂରଚନା ସହିତ ନିକଟତମ ରୂପେ ଜଡିତ ମୁଖ୍ୟ ପରୀବର୍ତ୍ତୀ କାରକଗୁଡିକ ମଧ୍ୟରୁ ଗୋଟିଏ । କୌଣସି ଏକ ସମାଜ ପାଇଁ ଅଧିକାଧିକ ମହିଳା ଓ କମ୍ ପୁରୁଷ ଠିକ୍ ନୁହେଁ । ଲିଙ୍ଗ ଉପରେ ଆଧାରିତ ଜନସଂଖ୍ୟାର ସଂରଚନାର ଅର୍ଥ ମୋଟ ଜନସଂଖ୍ୟାରେ ପୁରୁଷ ଓ ସ୍ତ୍ରୀ ଲୋକଙ୍କ ସଂଖ୍ୟା । ଏହାକୁ ସାଧାରଣତଃ ଲିଙ୍ଗ ଅନୁପାତ କୁହାଯାଏ, ଏହାକୁ (ସ୍ତ୍ରୀ-ପୁରୁଷ) ଭାବେ ଲିଙ୍ଗ ଅନୁପାତରେ ବ୍ୟକ୍ତ କରାଯାଏ । ପ୍ରତି ୧ ହଜାର ପୁରୁଷରେ ସ୍ତ୍ରୀମାନଙ୍କର ସଂଖ୍ୟାକୁ ଲିଙ୍ଗ ଅନୁପାତ କୁହାଯାଏ । ଏହାକୁ ଏକ ସୂତ୍ର ଦ୍ୱାରା ନିର୍ଦ୍ଧାରଣ କରାଯାଏ ।

$$\text{ଲିଙ୍ଗ ଅନୁପାତ} = \frac{\text{ସ୍ତ୍ରୀମାନଙ୍କର ମୋଟ ସଂଖ୍ୟା}}{\text{ପୁରୁଷମାନଙ୍କ ମୋଟ ସଂଖ୍ୟା}} x1000$$

ତାଲିକା 29.4ରେ ଭାରତର ସନ୍ ୧୯୦୧ ଠାରୁ ଲିଙ୍ଗ ଅନୁପାତ ଦର୍ଶାଯାଇଛି ।

ତାଲିକା୨୯.୪ ଭାରତରେ ଲିଙ୍ଗ ଅନୁପାତ (ପ୍ରତି ୧୦୦୦ ପୁରୁଷରେ ସ୍ତ୍ରୀଙ୍କ ସଂଖ୍ୟା)

| ବର୍ଷ | ଲିଙ୍ଗ ଅନୁପାତ | ବର୍ଷ | ଲିଙ୍ଗ ଅନୁପାତ |
|---|---|---|---|
| 1901 | 972 | 1951 | 946 |
| 1911 | 964 | 1961 | 941 |
| 1921 | 955 | 1971 | 930 |
| 1931 | 950 | 1991 | 927 |
| 1941 | 945 | 2001 | 933 |

ତାଲିକାରୁ ଏହା ସ୍ପଷ୍ଟ ଯେ ଭାରତରେ ପୁରୁଷଙ୍କ ସଂଖ୍ୟା ସୀମାନଙ୍କ ସଂଖ୍ୟା ଠାରୁ ଅଧିକ ଏବଂ ପୁରୁଷଙ୍କ ଅନୁପାତ ବଢିଚାଲିଛି । ଅନ୍ୟ ଅର୍ଥରେ ପ୍ରତି ୧୦୦୦ ପୁରୁଷଙ୍କ ଉପରେ ସ୍ତ୍ରୀଙ୍କର ସଂଖ୍ୟା ୧୦୦୦ରୁ କମ୍ ଏବଂ ଏହା କମ୍ ହୋଇଯାଉଛି । ଏହି ସଂଖ୍ୟା ୧୯୦୧ରେ ୯୭୨ ଥିଲା



ଯାହା ୧୯୫୧ରେ ହ୍ରାସ ହୋଇ ୯୪୬ ଏବଂ ୧୯୯୧ରେ ତାଠାରୁ କମ୍ ୯୨୭ ହେଲା । ୨୦୦୧ରେ ଏହା ଅଳ୍ପ ବଢି ୯୩୩ ହେଲା, ୧୯୮୧ରେ ମଧ୍ୟ କିଛିଟା ଉନ୍ନତି ଅବଶ୍ୟ ହୋଇଥିଲା । କେତେକ ଦେଶରେ ଏହି ଲିଙ୍ଗ ଅନୁପାତ ସ୍ତ୍ରୀମାନଙ୍କ ପକ୍ଷରେ ରହିଛି । ଉଦାହରଣ ସ୍ୱରୂପ ବ୍ରାଜିଲରେ ଏହା ୧୦୨୫ ଥିବାବେଳେ ଯୁକ୍ତରାଷ୍ଟ୍ର ଆମେରିକାରେ ୧୦୩୦ ଓ ଜାପାନରେ ୧୦୪୦ ଅଛି ।

ତାଲିକା ୨୯.୪ରେ ଦିଆଯାଇଥିବା ତଥ୍ୟ ସମଗ୍ର ଦେଶ ପାଇଁ । ଦେଶର ବିଭିନ୍ନ ରାଜ୍ୟରେ ଲିଙ୍ଗ ଅନୁପାତରେ ଅନେକ ପାର୍ଥକ୍ୟ ରହିଛି । ଉଦାହରଣ ସ୍ୱରୂପ ୨୦୦୧ରେ କେରଳରେ ଏହି ଲିଙ୍ଗ ଅନୁପାତ ୧୦୫୮ ଥିଲା ଓ ପଣ୍ଡିଚେରୀରେ ଏହା ୧୦୦୧ ଥିଲା । ଭାରତରେ ଅନ୍ୟ କେତେକ ରାଜ୍ୟ ଯେଉଁଥିରେ ଲିଙ୍ଗ ଅନୁପାତ ରାଷ୍ଟ୍ରୀୟ ହାରାହାରି ୯୩୩ରୁ ଅଧିକ । ଏଗୁଡିକ ହିମାଚଳ ପ୍ରଦେଶ (୯୭୦) ଉତ୍ତରାଖଣ୍ଡ, ତ୍ରିପୁରା (୯୫୦), ମେଘାଳୟ (୯୭୫), ମଣିପୁର (୯୭୮), ମିଜୋରାମ (୯୩୮), ପଶ୍ଚିମବଙ୍ଗ (୯୩୪), ଝାଡଖଣ୍ଡ (୯୪୧), ଓଡ଼ିଶା (୯୭୨) ତଥା ଅନ୍ୟ କେତେକ ପ୍ରଦେଶ କେନ୍ଦ୍ରଶାସିତ ପ୍ରଦେଶ, ଡିଉ ଓ ଡାମନରେ ଏହି ଅନୁପାତ ଦେଶରେ ସବୁଠାରୁ କମ୍ (୭୦୯) । ଭାରତରେ ଲିଙ୍ଗ ଅନୁପାତ କମ୍ ହେବାର କାରଣ, ଜନଗଣନାରେ ସ୍ତ୍ରୀମାନଙ୍କ ଗଣନା କମ୍, ସମାଜରେ ସ୍ତ୍ରୀମାନଙ୍କ ନିଚ୍ଚସ୍ଥାନ, ପୁଷ୍ଟିହୀନତା ଓ କମ୍ ବୟସରୁ ବିବାହ, ଫଳରେ ସ୍ତ୍ରୀମାନଙ୍କ ମୃତ୍ୟୁହାର ଉଚ୍ଚ ହେବା ଓ ସ୍ତ୍ରୀମାନଙ୍କ ମଧ୍ୟରେ ସାକ୍ଷରତାର ନିମ୍ନସ୍ତର ଇତ୍ୟାଦି ।

**ଶିଶୁ ଲିଙ୍ଗ ଅନୁପାତ :**

୨୦୦୧ର ଜନଗଣନାରେ ଏକ କୌତୁହଳ ବିଶେଷତ୍ୱ ସୃଷ୍ଟି ହୋଇଛି ଯେ ଶିଶୁ ଲିଙ୍ଗ ଅନୁପାତରେ ଅତ୍ୟଧିକ କମ୍ ଆସିଅଛି । ଯେଉଁଠାରେ ଲିଙ୍ଗ ଅନୁପାତ (ସ୍ତ୍ରୀ-ପୁରୁଷ)ରେ କିଛିଟା ଉନ୍ନତି ହୋଇଛି । ପୂର୍ବରୁ ଯେପରି ଆଲୋଚନା କରାଯାଇଛି ମାତ୍ର ୦-୬ ବର୍ଷ ଆୟୁବର୍ଗରେ ଦ୍ରୁତ ହ୍ରାସ ଘଟିଛି ଯାହା ତାଲିକା ୨୯.୫ରେ ଦର୍ଶାଯାଇଛି ।

ତାଲିକା ୨୯.୫ ଶିଶୁ ଲିଙ୍ଗ ଅନୁପାତ (୦-୬ ଆୟୁବର୍ଗ)

| | |
|---|---|
| 1961 | 976 |
| 1971 | 964 |
| 1981 | 962 |
| 1991 | 945 |
| 2001 | 927 |



ପୁଅ ପାଇଁ ପ୍ରାଥମିକତା/ ଗୁରୁତ୍ୱ ସମଗ୍ର ଭାରତବର୍ଷରେ ବ୍ୟାପ୍ତ । ଏଥିପାଇଁ ଶିଶୁ ଲିଙ୍ଗ ଅନୁପାତରେ ହ୍ରାସ ଆସିଛି । ଏହା ବ୍ୟତୀତ ଉତ୍ତର ଭାରତ ରାଜ୍ୟ ବିଶେଷକରି ପଞ୍ଜାବ ଓ ହରିଆନାରେ ଲିଙ୍ଗ ନିର୍ଦ୍ଧାରଣ ଗର୍ଭପାତର କେତେକ ଜ୍ୱଳନ୍ତ ଉଦାହରଣ ମିଳୁଛି ।

ଯଦି ଯେତେବେଳେ ଶିଶୁ ଜନସଂଖ୍ୟା (୦-୬ ଆୟୁବର୍ଗ)ରେ ଲିଙ୍ଗ ଅନୁପାତରେ ହ୍ରାସ ଆସେ ତେବେ ଏଥିରୁ ଜଣାଯାଏ ଯେ ଲୋକମାନେ କନ୍ୟା ଭ୍ରୁଣ ବା କନ୍ୟାମାନଙ୍କୁ ଲାଳନ ପାଳନ କରିବାରେ କ'ଣ ବିଚାର କରନ୍ତି । ଭାରତରେ କେତେ ଲୋକ ଅଛନ୍ତି ଝିଅମାନଙ୍କୁ ଏକ ବୋଝ ମନେ କରନ୍ତି ଏବଂ ସେମାନଙ୍କୁ ବା ମାତୃଗର୍ଭରୁ ହିଁ ଶେଷ କରିଦିଅନ୍ତି ବା ପରବର୍ତ୍ତୀ ସମୟରେ ଭୁଲ ହେପାଜତ ଦ୍ୱାରା ସେମାନଙ୍କୁ ମାରି ଦିଅନ୍ତି । ଏପରି ଲାଗେ ଯେ କେତେ ମାତାପିତା ଅଛନ୍ତି ଯେଉଁମାନେ ଝିଅମାନଙ୍କୁ ପାଳନ କରିବାରେ ଭୟ କରିଥାନ୍ତି ଏବଂ ଜାଣିଶୁଣି ସେମାନଙ୍କୁ ପାଳନ କରନ୍ତି ନାହିଁ । ଏହି ଅବହେଳିତ କନ୍ୟାମାନଙ୍କ ସମସ୍ୟା ପଛରେ କେତେକ ସାମାଜିକ ଓ ସାଂସ୍କୃତିକ କାରଣ ରହିଛି । ଏହି କାରଣ "ପୁତ୍ର ପ୍ରାଥମିକତା"କୁ ଯୋର ଦିଅନ୍ତି ଏବଂ କନ୍ୟାମାନଙ୍କ ଠାରୁ ରକ୍ଷା ପାଇଥାନ୍ତି । ଏକ ରିପୋର୍ଟ ଅନୁସାରେ ୧୯୮୬ରେ ୨୦୦୧ ମଧ୍ୟରେ ୫୦ ଲକ୍ଷ କନ୍ୟାଙ୍କୁ ଅନୈତିକ ଚିକିତ୍ସା ପ୍ରଣାଳୀ ଦ୍ୱାରା ଲିଙ୍ଗ ନିର୍ଦ୍ଧାରଣ ଆଧାର ଉପରେ ମାରି ଦିଆଗଲା । ଏହି ବିନାଶର ହାର ସନ୍ ୨୦୦୧ର ଜନଗଣନା ପରେ ନିରବଚ୍ଛିନ୍ନ ଭାବେ ବଢିଚାଲିଛି ।

(ii) ପରମାୟୁ ଆଧାର ଉପରେ ଜନସଂଖ୍ୟାର ସଂରଚନା :

ପରମାୟୁ ଆଧାର ଉପରେ ଜନସଂଖ୍ୟାର ସଂରଚନା ଅର୍ଥ ବିଭିନ୍ନ ଆୟୁବର୍ଗର ଲୋକସଂଖ୍ୟାଙ୍କର ମୋଟ ଜନସଂଖ୍ୟାରେ ଅନୁପାତ । ଜନସଂଖ୍ୟାକୁ ତିନୋଟି ଆୟ ବର୍ଗରେ ବିଭକ୍ତ କରାଯାଏ । (i) ୧୫ ବର୍ଷ ବୟସରୁ କମ୍ (ii) 15ରୁ ୫୯ ବର୍ଷ ଆୟୁ (iii) ୬୦ ବର୍ଷ ଓ ତାହାଠାରୁ ଅଧିକ । ୧୫ରୁ ୫୯ ବର୍ଷ ବୟସ୍କ କାମ କରିବା ଯୋଗ୍ୟ ଆୟୁ (ଶ୍ରମ ଯୋଗ୍ୟ ଆୟୁ) ବୁଝାଯାଏ । ୧୫ ବର୍ଷରୁ କମ୍‌ମାନଙ୍କୁ ଶିଶୁ ତଥା ୫୯ ବର୍ଷରୁ ଅଧିକ ବୟସ୍କମାନଙ୍କୁ ବୃଦ୍ଧ କୁହାଯାଏ । ଏମାନେ ମୋଟ ଜନସଂଖ୍ୟାର ଆଶ୍ରିତ ଜନସଂଖ୍ୟା ବୋଲି ଧରାଯାଏ । ତାଲିକା ୨୯.୬ରେ ବିଭିନ୍ନ ଆୟୁବର୍ଗଙ୍କ ପ୍ରତିଶତ ଦର୍ଶାଯାଇଛି ।

ତାଲିକା ୨୯.୬ : ବିଭିନ୍ନ ଆୟୁବର୍ଗରେ ଜନସଂଖ୍ୟା ସଂରଚନା (ଶତକଡ଼ାରେ

| ବର୍ଷ | 0-14 ବର୍ଷ (ଶିଶୁ) | 15-59 (ପ୍ରୌଢ଼) | 60+ ବୃଦ୍ଧ |
|---|---|---|---|
| 1961 | 41.0 | 53.3 | 5.7 |
| 1971 | 41.4 | 53.4 | 5.2 |
| 1981 | 39.7 | 54.1 | 6.2 |
| 1991 | 36.5 | 57.1 | 6.4 |
| 2001 | 35.3 | 56.9 | 7.4 |





ଭାରତରେ ୨୦୦୧ର ଜନଗଣନା ଅନୁସାରେ ୧୫ ବର୍ଷରୁ କମ୍ ଆୟୁବର୍ଗର ଶିଶୁଙ୍କ ଅନୁପାତ ୩୫.୩ ଥିଲା ଏବଂ ୬୦ ବର୍ଷରୁ ଅଧିକ ବର୍ଗର ଜନସଂଖ୍ୟାର ଅନୁପାତ ୭.୪ ଥିଲା ଏହି ଦୁଇବର୍ଗଙ୍କୁ ମିଶାଇ ଏହା ମୋଟ ଜନସଂଖ୍ୟା ୪୨.୭ ପ୍ରତିଶତ ହେଉଅଛି । ଏହି ବର୍ଗଙ୍କୁ "ଅଣ-ଉତ୍ପାଦକ ଉପଭୋକ୍ତା" କହନ୍ତି ଏବଂ ସେହି କାର୍ଯ୍ୟଶୀଳ ଆୟୁବର୍ଗ ଜନସଂଖ୍ୟା ଉପରେ ଆଶ୍ରିତ ଜନସଂଖ୍ୟା ହୋଇଥାଏ ।

ଆଶ୍ରିତ ଏବଂ ଶ୍ରମଯୋଗ୍ୟ ଲୋକଙ୍କ ବର୍ଗ ମଧ୍ୟରେ ଅନୁପାତକୁ ନିର୍ଭରତା ଅନୁପାତ କୁହାଯାଏ ।

$$\text{ନିର୍ଭରତା ଅନୁପାତ} = \frac{\text{ଆଶ୍ରିତ ଜନସଂଖ୍ୟାର ପ୍ରତିଶତ}}{\text{ଶ୍ରମଯୋଗ୍ୟ ଜନସଂଖ୍ୟାର ପ୍ରତିଶତ}} \times 100$$

**ଜନଗଣନା ଲାଭାଂଶ**

ବିଗତ କିଛି ବର୍ଷ ଧରି ଅର୍ଥଶାସ୍ତ୍ରୀମାନେ ଭାରତର ଜନସଂଖ୍ୟାର ଏହି ବିଶେଷ ସଂରଚନା ଦେଖି ଜନଗଣନା ଲାଭାଂଶର କଥା କହିଛନ୍ତି । ଯେପରି ତାଲିକା ୨୯.୬ରେ ଦର୍ଶାଯାଇଛି ଯେ ଭାରତର ଏକ ତୃତୀୟାଂଶରୁ ଅଧିକ ଜନସଂଖ୍ୟା ୧୪ ବର୍ଷରୁ କମ୍ ଆୟୁବର୍ଗରେ ଅଛନ୍ତି । "ସନ୍ ୨୦୨୦ରେ ୧ ଶତକଡ଼ା ଭାରତୀୟ କେବଳ ୨୯ ବର୍ଷ ହେବେ ସେ ସ୍ଥାନରେ ଚୀନ, ଯୁକ୍ତରାଷ୍ଟ୍ର ଆମେରିକା ଓ ଜାପାନରେ ଏହି ହାରାହାରି ଆୟୁ ଯଥାକ୍ରମେ ୩୭, ୪୫ ଓ ୪୦ ବର୍ଷ ରହିବ ।" ଏହାର ଅର୍ଥ ଯେ ଏହିପରି ଶତାବ୍ଦୀର ଦ୍ୱିତୀୟ ଦଶକରେ ଶେଷରେ ହିଁ ଭାରତ ପାଖରେ ଏକ ବଡ଼ ଏବଂ ବର୍ଦ୍ଧିତ ଶ୍ରମଶକ୍ତି ହେବ, ଯାହାଦ୍ୱାରା ଦେଶର ଅଭିବୃଦ୍ଧି ଓ ସମୃଦ୍ଧି ବଢ଼ିବ ।

(iii) ଗ୍ରାମୀଣ ଓ ସହରୀ ବିତରଣ

ଭାରତରେ ଗ୍ରାମାଞ୍ଚଳ ଜନସଂଖ୍ୟା ସହରାଞ୍ଚଳ ଜନସଂଖ୍ୟା ଠାରୁ ଅଧିକ । ତାଲିକା ୨୯.୭ରେ ୧୯୦୧ ଠାରୁ ଭାରତର ମୋଟ ଜନସଂଖ୍ୟାର ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଜନସଂଖ୍ୟା ରୂପରେ ଅନୁପାତକୁ ଦର୍ଶାଇ ଦିଆଗଲା ।

ତାଲିକା ୨୯.୭ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଜନସଂଖ୍ୟା (ଶତକଡ଼ାରେ)

| ବର୍ଷ | ମୋଟ ଜନସଂଖ୍ୟାର ଶତକଡ଼ା | | ବର୍ଷ | ମୋଟ ଜନସଂଖ୍ୟାର ଶତକଡ଼ା | |
|---|---|---|---|---|---|
| | ଗ୍ରାମାଞ୍ଚଳ | ସହରାଞ୍ଚଳ | | ଗ୍ରାମାଞ୍ଚଳ | ସହରାଞ୍ଚଳ |
| 1901 | 89.2 | 10.8 | 1951 | 82.7 | 17.3 |
| 1911 | 89.7 | 10.3 | 1961 | 82.0 | 18.0 |
| 1921 | 88.8 | 11.2 | 1971 | 80.1 | 19.9 |
| 1931 | 88.0 | 12.0 | 1981 | 76.7 | 23.3 |
| 1941 | 86.1 | 13.9 | 1991 | 74.3 | 25.7 |
| | | | 2001 | 72.2 | 27.8 |



ଭାରତର ତିନି ଚତୁର୍ଥାଂଶରୁ ସାମାନ୍ୟ କମ୍ ଜନସଂଖ୍ୟା ଗ୍ରାମରେ ରହନ୍ତି । ଏଣୁ ଭାରତୀୟ ଅର୍ଥ ବ୍ୟବସ୍ଥାକୁ ଗ୍ରାମୀଣ ଅର୍ଥ ବ୍ୟବସ୍ଥା କହିବା ଉଚିତ ହୁଏ। ଏଥିରୁ ଏହା ମଧ୍ୟ ଜଣାଯାଏ ଯେ ଆମ ଦେଶରେ କୃଷି ମୁଖ୍ୟ ବ୍ୟବସାୟ । ଯଦ୍ୟପି ଗ୍ରାମୀଣ ଜନସଂଖ୍ୟାର ଅନୁପାତ ହ୍ରାସ ପାଉଅଛି । ବର୍ଷ ୧୯୦୧ରେ ଏହା ୮୯.୨ ଶତକଡ଼ା ଥିବାବେଳେ ୨୦୦୧ରେ ୭୨.୨ ପ୍ରତିଶତ ଥିଲା । ମାତ୍ର ଏହି ହ୍ରାସ ଅତ୍ୟଧିକ ନୁହେଁ । ଯେତେବେଳେ ସନ ୧୯୫୧ ପରେ ଭାରତର ସହରାଞ୍ଚଳ ଜନସଂଖ୍ୟା ବଢୁଅଛି ଏବଂ ଏହା ୧୯୫୧ରେ ୧୭.୩ରୁ ବୃଦ୍ଧି ପାଇ ୨୦୦୧ରେ ୨୭.୮ ଶତକଡ଼ା ହେଲା । ସଂଯୁକ୍ତରାଷ୍ଟ୍ର ଜନସଂଖ୍ୟା ସଂଗଠନ (UNFPA) ଦ୍ୱାରା ୨୦୦୭ରେ ପ୍ରକାଶିତ "ବିଶ୍ୱ ଜନସଂଖ୍ୟାର ସ୍ଥିତି" (State of the World Population)ର ଅନୁମାନ ଯେ ସନ ୨୦୫୦ ପର୍ଯ୍ୟନ୍ତ ୫୫ ଶତକଡ଼ା ଭାରତୀୟ ସହରରେ ବସବାସ କରିବେ । ଭାରତରେ ସହରାଞ୍ଚଳ ଜନସଂଖ୍ୟାର ବୃଦ୍ଧି ଏକ ଐତିହାସିକ ପ୍ରବୃତ୍ତି ଅଟେ। ଏହି ତଥ୍ୟ ଯୋଗୁଁ ଅର୍ଥଶାସ୍ତ୍ରୀମାନେ ମାନିଛନ୍ତି ଯେ "ଭାରତରେ ସହରୀକରଣର ପ୍ରବୃତ୍ତି ବୃଦ୍ଧି ପାଉଛି ।"

ସନ 1971, 1981, 1991 ଓ 2001ର ଜନଗଣନାଗୁଡ଼ିକରେ ସହରାଞ୍ଚଳ କ୍ଷେତ୍ରକୁ ନିମ୍ନ ଉପାୟରେ ପରିଭାଷିତ କରାଯାଇଛି।

(କ) ନଗରପାଳିକା, କର୍ପୋରେସନ, ଛାଉଣି ବୋର୍ଡ, ଅଧିସୂଚୀତ ସହରାଞ୍ଚଳ କ୍ଷେତ୍ର ଇତ୍ୟାଦିର ସମସ୍ତ କ୍ଷେତ୍ର ।

(ଖ) ନିମ୍ନ ସର୍ତ୍ତ ପୂରଣ କରୁଥିବା ସମସ୍ତ କ୍ଷେତ୍ର;

(i) 5000 ରୁ କମ୍ ଜନସଂଖ୍ୟା

(ii) ଅତି କମ୍‌ରେ ୭୫ ଶତକଡ଼ା ପୁରୁଷ ଅଣ-କୃଷି କାର୍ଯ୍ୟରେ ରତ ।

(iii) ଅତି କମ୍‌ରେ ୪୦୦ ଜଣ ଲୋକ ବିଶିଷ୍ଟ ପ୍ରତି ବର୍ଗ କିମିରେ ଜନସଂଖ୍ୟା ଘନତ୍ୱ

ସଂଯୁକ୍ତ ରାଷ୍ଟ୍ର ଜନସଂଖ୍ୟା ସଂଗଠନ (UNFPA)ର ୨୦୦୭ ରିପୋର୍ଟର ଆଗରେ ଏହା ମଧ୍ୟ ଅନୁମାନ ଯେ, ୨୦୦୮ରେ ବିଶ୍ୱ ଜନସଂଖ୍ୟାର ଅଧାରୁ ଅଧିକ ଅଂଶ ସହରାଞ୍ଚଳରେ ବସବାସ କରିବେ । ଭାରତ ଓ ଚୀନ ପରି ଦେଶ ଯେଉଁମାନେ ଦ୍ରୁତ ଆର୍ଥିକ ଅଭିବୃଦ୍ଧି ମଧ୍ୟ ଦେଇ ଗତି କରୁଛନ୍ତି, ସେମାନଙ୍କର ସହରାଞ୍ଚଳ ଜନସଂଖ୍ୟା ଦ୍ରୁତ ବୃଦ୍ଧି ହେଉଛି।

(iv) ଜନସଂଖ୍ୟାର ଘନତ୍ୱ :

ଯଦି କୌଣସି ନିର୍ଦ୍ଦିଷ୍ଟ ସମୟରେ ଦେଶର କ୍ଷେତ୍ରଫଳ ସ୍ଥିର ରହିଥାଏ ତେବେ ଜନସଂଖ୍ୟାର ପରିବର୍ତ୍ତନ ଦ୍ୱାରା ଜନସଂଖ୍ୟାର ଘନତ୍ୱ ମଧ୍ୟ ବଦଳିଯାଏ । ପ୍ରତିବର୍ଗ କିମି ଲୋକମାନଙ୍କର ହାରାହାରି ସଂଖ୍ୟା ଜନସଂଖ୍ୟାର ଘନତ୍ୱ କୁହାଯାଏ । ଜନସଂଖ୍ୟାର ଘନତ୍ୱ, ମୋଟ ଜନସଂଖ୍ୟାକୁ ମୋଟ





ଭୂ-କ୍ଷେତ୍ରଫଳ ଦ୍ୱାରା ଭାଗ କରି ଜଣାଯାଇଥାଏ । ଅନ୍ୟ ଅର୍ଥରେ

$$\text{ଜନସଂଖ୍ୟାର ଘନତ୍ୱ} = \frac{\text{ମୋଟ ଜନସଂଖ୍ୟା}}{\text{ମୋଟ ଭୂମି କ୍ଷେତ୍ରଫଳ}}$$

ଯେ କୌଣସି ଦେଶର ଭୌଗୋଳିକ କ୍ଷେତ୍ରଫଳ ସ୍ଥିର ଅଟେ । ଅତଏବ ଯଦି ଜନସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ହୁଏ, ତେବେ ଜନସଂଖ୍ୟାର ଘନତ୍ୱରେ ମଧ୍ୟ ଦ୍ରୁତ ବୃଦ୍ଧି ଘଟିବ । ଏହି ସ୍ଥିତି ତାଲିକା- ୨୯.୮ ଦିଆଯାଇଥିବା ତଥ୍ୟରୁ ସ୍ପଷ୍ଟ ହୁଏ ।

ତାଲିକା- ୨୯.୮ ଜନସଂଖ୍ୟା ଘନତ୍ୱ (1901-2001)

| ବର୍ଷ | ବଜନସଂଖ୍ୟାର ଘନତ୍ୱ | ବର୍ଷ | ଜନସଂଖ୍ୟାର ଘନତ୍ୱ |
|---|---|---|---|
| 1901 | 77 | 1951 | 117 |
| 1911 | 82 | 1961 | 142 |
| 1921 | 81 | 1971 | 177 |
| 1931 | 90 | 1981 | 216 |
| 1941 | 103 | 1991 | 274 |
| | | 2001 | 324 |

ଦେଶରେ ଜନସଂଖ୍ୟା ବୃଦ୍ଧି ଭଳି ବର୍ଷ ୧୯୫୧ ଠାରୁ ଭାରତର ଜନସଂଖ୍ୟାର ଘନତ୍ୱରେ ଦ୍ରୁତବୃଦ୍ଧି ଘଟୁଛି । ଭାରତ ଏକ କୃଷି ପ୍ରଧାନ ଦେଶ ଅତଏବ, ଜନସଂଖ୍ୟାର ବର୍ଦ୍ଧିତ ଘନତ୍ୱରୁ ଭୂମି ଉପରେ ଚାପ ଅଧିକ ପଡୁଛି ।

(v) ସାକ୍ଷରତା ହାର :

ଜନଗଣନାର ପରିଭାଷା ଅନୁସାରେ ଯେଉଁ ବ୍ୟକ୍ତି କୌଣସି ଭାଷାକୁ ବୁଝି, ପଢ଼ି ଓ ଲେଖିପାରେ ତାକୁ ସାକ୍ଷର ବ୍ୟକ୍ତି କୁହନ୍ତି । ପ୍ରଥମରୁ ସାକ୍ଷରତା/ନିରକ୍ଷରତା ଗଣନା ପାଇଁ ସମ୍ପୂର୍ଣ୍ଣ ଭାବେ ଜନସଂଖ୍ୟାକୁ ଆଧାର ରୂପେ ଧରାଯାଉଥିଲା । ମାତ୍ର ୧୯୬୧ରୁ ୧୯୮୧ ଜନଗଣନାରେ ୫ ବର୍ଷରୁ କମ୍ ସମସ୍ତ ପିଲାମାନଙ୍କୁ ନିରକ୍ଷର ଧରିନିଆଯାଉଥିଲା । ପରିବର୍ତ୍ତିତ ପରିଭାଷାର ଆଧାର ଉପରେ ୧୯୯୧ର ଜନଗଣନା ଆଧାର ଉପରେ ଭାରତର ଜନସଂଖ୍ୟାର ୫୨ ଶତକଡ଼ା ବ୍ୟକ୍ତି ସାକ୍ଷର ଥିଲେ । ତନ୍ମଧ୍ୟରୁ ୬୪ ଶତକଡ଼ା ପୁରୁଷ ଓ ୩୯ ଶତକଡ଼ା ମହିଳା ସାକ୍ଷର



ଥିଲେ । ୨୦୦୧ ଜନଗଣନାରେ ସାକ୍ଷରତା ହାର ବଢି ୬୫ ଶତକଡ଼ା ହେଲା ତନ୍ମଧ୍ୟରୁ ପୁରୁଷ ସାକ୍ଷରତା ୭୬ ଶତକଡ଼ା ଓ ମହିଳା ସାକ୍ଷରତା ୫୪ ଶତକଡ଼ା କରାଯାଇଛି ।

ତାଲିକା ୨୯.୯ରେ ସାକ୍ଷରତା ସମ୍ବନ୍ଧୀୟ ବିସ୍ତୃତ ବିବରଣ ଦିଆଗଲା, ଯାହା ନିମ୍ନ ପ୍ରକାରରେ ମୋଟ ସାକ୍ଷରତା, ଗ୍ରାମାଞ୍ଚଳ ଓ ସହରାଞ୍ଚଳ ସାକ୍ଷରତା, ପୁରୁଷ ଓ ସ୍ତ୍ରୀ ସାକ୍ଷରତା (୭+ ଜନସଂଖ୍ୟାକୁ ଓ ମୋଟ ଜନସଂଖ୍ୟାର ଆଧାର ଉପରେ ଭିତ୍ତିକରି)

ତାଲିକା ୨୯.୯ : ଭାରତରେ ସାକ୍ଷରତା ହାର ଲିଙ୍ଗ, ଗ୍ରାମ୍ୟ ଓ ସହରବାସୀ ଆଧାର ଉପରେ (୧୯୬୧-୨୦୦୧)

| ବର୍ଷ | ମୋଟ | | | ଗ୍ରାମାଞ୍ଚଳ | | | ସହରାଞ୍ଚଳ | | |
|---|---|---|---|---|---|---|---|---|---|
| | ପୁରୁଷ | ସ୍ତ୍ରୀ | ମୋଟ | ପୁରୁଷ | ସ୍ତ୍ରୀ | ମୋଟ | ପୁରୁଷ | ସ୍ତ୍ରୀ | ମୋଟ |
| (କ) ୭+ ଜନସଂଖ୍ୟା ଆଧାର ଉପରେ | | | | | | | | | |
| 1981 | 56.5 | 29.8 | 43.7 | 49.7 | 21.8 | 36.1 | 76.8 | 56.4 | 67.3 |
| 1991 | 64.1 | 39.3 | 52.2 | 57.8 | 30.4 | 44.5 | 81.0 | 63.0 | 73.0 |
| 2001 | 76.2 | 54.2 | 65.1 | 70.7 | 46.1 | 58.7 | 86.3 | 72.9 | 79.9 |
| (ଖ) ମୋଟ ଜନସଂଖ୍ୟା ଆଧାର ଉପରେ | | | | | | | | | |
| 1961 | 34.5 | 13.0 | 24.0 | 29.1 | 8.5 | 19.0 | 57.5 | 34.5 | 47.0 |
| 1971 | 39.5 | 18.7 | 29.5 | 33.8 | 13.2 | 23.7 | 61.3 | 42.1 | 52.4 |
| 1981 | 46.9 | 24.8 | 30.2 | 40.8 | 18.0 | 29.6 | 65.8 | 47.8 | 57.5 |
| 1991 | 52.7 | 32.2 | 42.8 | 47.1 | 24.8 | 36.3 | 68.7 | 53.8 | 61.7 |
| 2001 | 64.2 | 44.9 | 59.9 | 58.6 | 38.3 | 48.7 | 75.0 | 63.3 | 69.5 |

ତାଲିକା ୨୯.୯ରୁ ଏହା ସ୍ପଷ୍ଟ ଯେ ସନ୍ ୨୦୦୧ରେ ପୁରୁଷ ଓ ସ୍ତ୍ରୀ ଉଭୟଙ୍କର ସାକ୍ଷରତାରେ ଅନେକ ବୃଦ୍ଧି ହୋଇଛି । ଯେପର୍ଯ୍ୟନ୍ତ ଏହା ପ୍ରଶ୍ନ ଉଠେ ଯେ ରାଜ୍ୟଗୁଡ଼ିକ ୧୯୯୧ ଓ ୨୦୦୧ର ଜନଗଣନାରେ କେରଳରେ ସାକ୍ଷରତା ହାର ଅନବରତ ସର୍ବୋଚ୍ଚ ସ୍ଥାନରେ ଥିବାବେଳେ ବିହାରରେ ସାକ୍ଷରତା ଦୁଇଟିଯାକ ଜନଗଣନାରେ ସବୁଠାରୁ କମ୍ ଥିଲା ।





### (vi) ଜୀବନ ପ୍ରତ୍ୟାଶା

ଜନ୍ମ ସମୟରେ ଜୀବନ ପ୍ରତ୍ୟାଶା ଏକ ବ୍ୟକ୍ତିର ଏକ ପ୍ରକାର ପରିସ୍ଥିତିରେ ଜୀବିତ ରହିବାର ହାରାହାରି ବାଞ୍ଛିତ ବର୍ଷ। ଅନ୍ୟ ଅର୍ଥରେ ଜୀବଦଶାରେ ସମୟକାଳ । ସ୍ୱାଧୀନତା ସମୟରେ ଭାରତର ଜୀବନ ପ୍ରତ୍ୟାଶା କେବଳ ୩୨ ବର୍ଷ ଥିଲା। ୨୦୦୧ ଜନଗଣନାରେ ଏହା ବୃଦ୍ଧି ପାଇ ୬୩ ବର୍ଷ ହୋଇଗଲାଣି । ତାଲିକା ୨୯.୧୦ରେ ଜୀବନ ପ୍ରତ୍ୟାଶାର ନୂତନ ତଥ୍ୟାବଳୀ ଦିଆଯାଇଛି, ଯାହାକି ଦର୍ଶାଉଅଛି ଯେ ସ୍ତ୍ରୀମାନଙ୍କ ଜୀବନ ପ୍ରତ୍ୟାଶା ଅପେକ୍ଷା ପୁରୁଷଙ୍କ ଜୀବନ ପ୍ରତ୍ୟାଶା କମ୍ । ୨୦୦୧ରେ ଏହା ପୁରୁଷଙ୍କ ପାଇଁ ୬୧.୮ ଥିବାବେଳେ ସ୍ତ୍ରୀମାନଙ୍କ ଜୀବନ ପ୍ରତ୍ୟାଶା ୬୩.୫ ବର୍ଷ ଥିଲା। ବର୍ତ୍ତମାନ ସହରାଞ୍ଚଳ କ୍ଷେତ୍ରର ଜନସଂଖ୍ୟାର ଜୀବନ ପ୍ରତ୍ୟାଶା ଗ୍ରାମାଞ୍ଚଳ କ୍ଷେତ୍ର ଠାରୁ କେତେଗୁଣ ଅଧିକ ଅଛି ।

ତାଲିକା 29.10

ସ୍ତ୍ରୀ ଓ ପୁରୁଷଙ୍କର ଜୀବନ ପ୍ରତ୍ୟାଶା (1999, 2000 ଓ 2001)

| ମଧ୍ୟବର୍ଷ | ମୋଟ | ପୁରୁଷ | ସ୍ତ୍ରୀ |
|---|---|---|---|
| 1999 | 62.2 | 61.3 | 63.0 |
| 2000 | 62.5 | 61.6 | 63.0 |
| 2001 | 62.7 | 61.8 | 63.5 |

**ମନେରଖ**

ଭାରତର ଜନସଂଖ୍ୟାର ବିଶାଳ ଆକାର ଓ ଦ୍ରୁତ ବୃଦ୍ଧି ହାର ବ୍ୟତୀତ କେତେକ ଅନ୍ୟାନ୍ୟ ବିଶେଷତ୍ୱ ନିମ୍ନ ପ୍ରକାରରେ ଅଛି ।

- ଭାରତରେ ଲିଙ୍ଗ ଅନୁପାତ ହ୍ରାସ ପାଇଛି । ମୋଟ ଜନସଂଖ୍ୟାର ପୁରୁଷଙ୍କ ଅନୁପାତ ସ୍ତ୍ରୀମାନଙ୍କ ଅନୁପାତ ଠାରୁ ଅଧିକ ଅଛି । ବର୍ତ୍ତମାନ ୨୦୦୧ରେ ଏଥିରେ କେତେକ ଉନ୍ନତି ଘଟିଛି ।
- ୨୦୦୧ରେ ୦-୬ ଆୟୁବର୍ଗରେ ଲିଙ୍ଗ ଅନୁପାତ ଦ୍ରୁତଗତିରେ ହ୍ରାସ ହୋଇଛି ।
- ୧୫ ବର୍ଷରୁ କମ୍ ଆୟୁ ଓ ୬୦ ବର୍ଷରୁ ଅଧିକ ଆୟୁର ଜନସଂଖ୍ୟାର ମୋଟ ଜନସଂଖ୍ୟାରେ ଅନୁପାତ ଅଧିକ। ତେଣୁ ନିର୍ଭରତା ଅନୁପାତ ଅଧିକ ।
- ଭାରତର ଜନସଂଖ୍ୟାର ତିନି-ଚତୁର୍ଥାଂଶ କିଛି କମ୍ ଗ୍ରାମରେ ବାସ କରନ୍ତି ।



- ଜନସଂଖ୍ୟା ଘନତ୍ୱ ଦ୍ରୁତ ଗତିରେ ବଢୁଅଛି । ଏହା ଜନସଂଖ୍ୟାର ତୀବ୍ରବୃଦ୍ଧି ହାର ଯୋଗୁଁ ହିଁ ହେଉଛି ଯେତେବେଳେ ଭୌଗୋଳିକ କ୍ଷେତ୍ରଫଳ ସମାନ ରହିଥାଏ ।
- ଭାରତରେ ସ୍ୱାକ୍ଷରତା ହାର ବୃଦ୍ଧି ହେଉଛି । ପୁରୁଷଙ୍କ ସାକ୍ଷରତା ହାର ସ୍ତ୍ରୀଙ୍କ ସାକ୍ଷରତା ହାର ଠାରୁ ଅଧିକ । ସହରାଞ୍ଚଳ ଜନସଂଖ୍ୟାରେ ସାକ୍ଷରତାର ହାର ଗ୍ରାମାଞ୍ଚଳ ଜନସଂଖ୍ୟାର ସାକ୍ଷରତା ହାର ଠାରୁ ଅଧିକ ଅଛି ।

## ପାଠ୍ୟଗତ ପ୍ରଶ୍ନ ୨୯.୨

୧. ବନ୍ଧନୀରୁ ଶବ୍ଦବାଛି ଶୂନ୍ୟସ୍ଥାନ ପୂରଣ କର ।

(i) ଭାରତରେ ୨୦୦୧ରେ ଲିଙ୍ଗ ଅନୁପାତ .............. ଥିଲା । (୯୩୩,୯୨୭)

(ii) ଭାରତରେ ନିର୍ଭରତା ଅନୁପାତ ................ ଅଛି । (ଉଚ୍ଚ, ନିଚ)

(iii) ଭାରତରେ ପ୍ରାୟତଃ ............................ ଶତକଡ଼ା ଜନସଂଖ୍ୟା ଗ୍ରାମରେ ରହନ୍ତି । (୫୦,୭୨,୯୦)

(iv) ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ହେଲେ ଜନସଂଖ୍ୟାର ଘନତ୍ୱ ମଧ୍ୟ ......................... (କମେ, ବଢେ)

(v) ବର୍ତ୍ତମାନ ଭାରତର ସାକ୍ଷରତା ହାରର ଗଣନା ............................ ବର୍ଷ ଓ ତଦୁର୍ଦ୍ଧ୍ୱ ଜନସଂଖ୍ୟାଙ୍କ ପାଇଁ କରାଯାଇଛି । (୫, ୭, ୧୫)

(vi) ସ୍ତ୍ରୀମାନଙ୍କ ଜୀବନ ପ୍ରତ୍ୟାଶା ପୁରୁଷଙ୍କ ଜୀବନ ପ୍ରତ୍ୟାଶା ଠାରୁ ........................ । (କମ୍, ଅଧିକ)

(vii) ୦-୬ ଆୟୁ ବର୍ଗଙ୍କ ଜନସଂଖ୍ୟାଙ୍କର ଲିଙ୍ଗ ଅନୁପାତ ........ । (ବଢୁଛି, କମୁଛି)

2. ନିମ୍ନ ଉକ୍ତି ମଧ୍ୟରୁ କେଉଁଗୁଡିକ ଭୁଲ ଓ କେଉଁଗୁଡିକ ଠିକ୍ କୁହ :

(i) ଭାରତରେ ସବୁ ରାଜ୍ୟ ମଧ୍ୟରେ କେରଳରେ ସବୁଠାରୁ ଅଧିକ ଲିଙ୍ଗ ଅନୁପାତ ଅଛି ।

(ii) ଭାରତରେ ପଞ୍ଜାବ ରାଜ୍ୟରେ ସବୁଠାରୁ କମ୍ ଲିଙ୍ଗ ଅନୁପାତ ରହିଛି ।

(iii) ଲିଙ୍ଗ ଅନୁପାତର ଅର୍ଥ ପ୍ରତି ୧୦୦୦ ପୁରୁଷରେ ସ୍ତ୍ରୀମାନଙ୍କ ସଂଖ୍ୟା ।

(iv) ୨୦୦୧ରେ ଭାରତର ପ୍ରାୟତଃ ଏକ ତୃତିୟାଂଶ ଜନସଂଖ୍ୟାଙ୍କ ବୟସ ୧୫ରୁ କମ୍ ।





(v) ଦେଶର ଜନସଂଖ୍ୟା ଓ ଦେଶର କ୍ଷେତ୍ରଫଳର ଅନୁପାତକୁ ଜନସଂଖ୍ୟାର ଘନତ୍ୱ କୁହାଯାଏ ।

(vi) ୧୯୯୦ଠାରୁ ଭାରତରେ ଜୀବନ ପ୍ରତ୍ୟାଶାରେ କୌଣସି ବୃଦ୍ଧି ହୋଇନାହିଁ ।

(vii) ମହିଳାମାନଙ୍କ ଜୀବନ ପ୍ରତ୍ୟାଶା ପୁରୁଷଙ୍କ ତୁଳନାରେ ଅଧିକ ।

## 29.3 ଜନସଂଖ୍ୟାର ସମସ୍ୟା

ଏହି ଭାଗରେ ଆମେ ଭାରତର ଜନସଂଖ୍ୟାର ସମସ୍ୟାର ପ୍ରବୃତ୍ତି ଓ ଏହାର ପରିଣାମ ବିଷୟରେ ଚର୍ଚ୍ଚା କରିବା । ଭାରତର ଜନସଂଖ୍ୟା ବହୁତ ଅଧିକ ତଥା ଏହା ବୃଦ୍ଧି ହାର ମଧ୍ୟ ଦ୍ରୁତ । ଏହି କାରଣରୁ ପ୍ରତିବର୍ଷ ଜନସଂଖ୍ୟାରେ ହେଉଥିବା ବୃଦ୍ଧି ଅନେକ ଅଧିକ । ଜନସଂଖ୍ୟାରେ ଏଭଳି ବୃଦ୍ଧି ଅବାଞ୍ଛନୀୟ । ଏହା ଦେଶର ଆର୍ଥିକ ଅଭିବୃଦ୍ଧିରେ ବାଧା ସୃଷ୍ଟି କରେ । ଯାହା ମଧ୍ୟ ଆର୍ଥିକ ଅଭିବୃଦ୍ଧି ହେଉଛି ତାହା ପୂର୍ଣ୍ଣମାତ୍ରାରେ ଆୟ ସ୍ତରରେ ବୃଦ୍ଧିକୁ ଦର୍ଶାଉନାହିଁ ।

ତୀବ୍ର ଜସଂଖ୍ୟାର ବୃଦ୍ଧି ହାର ଲୋକଙ୍କ ଜୀବନର ଗୁଣବତ୍ତାକୁ ଅତ୍ୟନ୍ତ ନିକୃଷ୍ଟ ଭାବେ ପ୍ରଭାବିତ କରିଛି । ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ଯୋଗୁଁ ଖାଦ୍ୟ, ବସ୍ତ୍ର, ବାସଗୃହ, ଶିକ୍ଷା ଓ ସ୍ୱାସ୍ଥ୍ୟ ସୁବିଧାର ଦ୍ରୁତ ଉପଭୋଗ ଆବଶ୍ୟକତାଗୁଡିକୁ ପୂରଣ କରିବାକୁ ଅଧିକ ସମ୍ବଳର ଉପଯୋଗ କରିବାକୁ ପଡିଥାଏ । ଏହାବ୍ୟତୀତ ଏହା ମଧ୍ୟରୁ ବେକାରୀ ଓ ଗରିବି (ଦାରିଦ୍ର୍ୟତା) ଭଳି ସମସ୍ୟାଗୁଡିକ ଅଧିକ ଗମ୍ଭୀର ରୂପ ଧାରଣ କରିଥାଏ ଯାହା ଫଳରେ ରାଜନୈତିକ ଓ ସାମାଜିକ ଅସ୍ଥିରତା ମଧ୍ୟ ବୃଦ୍ଧି ପାଏ । ପ୍ରଥମରୁ ରହିଥିବା ମୌଳିକ ସଂରଚନା ଯଥା ବିଦ୍ୟୁତ୍, ଯାତାୟାତ ଆଦିକୁ ଅତ୍ୟଧିକ ଜଟିଳତା ଅଭାବ କରିଦିଏ । ସବୁଠାରୁ ଅଧିକ ଏହିସବୁର ପରିଣାମସ୍ୱରୂପ ମାନବୀୟ ଜୀବନର ଗୁଣବତ୍ତାରେ ଉନ୍ନତି ହୋଇପାରେ ନାହିଁ, ଯାହାର ପ୍ରତିଫଳ ସ୍ୱରୂପ ନିମ୍ନ ସାକ୍ଷରତା ହାର, ନିମ୍ନ ଜୀବନ ପ୍ରତ୍ୟାଶା, ଜନସଂଖ୍ୟାର ବିରାଟ ଭାଗକୁ ପାନୀୟ ଜଳ ନମିଳିବା, ପୁଷ୍ଟିହୀନତା, ବସବାସ ସୁବିଧାର ଅଭାବ ତଥା ଉଚ୍ଚ ଶିଶୁ ମୃତ୍ୟୁହାର ଇତ୍ୟାଦିରେ ପରିଷ୍କାର ରୂପେ ଦେଖାଦିଏ । ଭାରତର ଜନସଂଖ୍ୟାର ଏକ ଭଲ ବିଶେଷତ୍ୱ ହେଉଛି ଯେ ମୃତ୍ୟୁ ହାର ଦ୍ରୁତ ଗତିରେ ହ୍ରାସ ହୋଇଛି । ମାତ୍ର ସବୁଠାରୁ ହାନିକାରକ ହେଉଛି ଜନ୍ମ ହାରରେ କ୍ଷୀଣ ହ୍ରାସ । ବାସ୍ତବରେ ଉଚ୍ଚ ଓ ଧୀର ହ୍ରାସ ଜନ୍ମହାର ହିଁ ଜନସଂଖ୍ୟା ସମସ୍ୟାର ମୂଳ କାରଣ । ଅତଏବ ଜନ୍ମହାରକୁ କମ୍ କରି ଜନସଂଖ୍ୟା ସମସ୍ୟାର ସମାଧାନ କରାଯାଇପାରେ । ତଥାପି ଏହି କାର୍ଯ୍ୟ ଏକି ସହଜ ନୁହେଁ କାରଣ ଯେଉଁ କାରକଗୁଡିକ ଉପରେ ଏହା ଆଧାରିତ ସେଗୁଡିକ ଅତ୍ୟନ୍ତ ହିଁ ଜଟିଳ ପ୍ରକୃତିର ଯଥା ସାମାଜିକ ଓ ଧାର୍ମିକ ଦୃଷ୍ଟିକୋଣ ଏବଂ ବିଶ୍ୱାସ, ଆୟର ନିମ୍ନସ୍ତର ଓ ଉଚ୍ଚ ଶିଶୁ ମୃତ୍ୟୁହାର ଇତ୍ୟାଦି ।

ଏହା ମଧ୍ୟ ସତ୍ୟ ଯେ ଆର୍ଥିକ ଅଭିବୃଦ୍ଧର ଗତି ଦ୍ରୁତ ହେବା ସଂଗେ ସଂଗେ ଜନ୍ମହାର ମଧ୍ୟ



ହ୍ରାସ ହେବାକୁ ଲାଗେ । ମାତ୍ର ଏହାଦ୍ୱାରା ଜନ୍ମହାରରେ ବାଞ୍ଛନୀୟ ହ୍ରାସ ହେବାକୁ ଅନେକ ସମୟ ଲାଗିଥାଏ । ବର୍ତ୍ତମାନ ଏହାକୁ ଦ୍ରୁତ ଗତିରେ ଏବଂ ଖୁବ୍‌ଶୀଘ୍ର କମ୍ କରିବାରେ ଆବଶ୍ୟକତା ରହିଛି । ଅତଏବ ଜନ୍ମହାରକୁ ଦ୍ରୁତ ବେଗରେ ହ୍ରାସ କରିବାକୁ ଯୋରଦାର ପ୍ରଯତ୍ନ କରିବାରେ ଆବଶ୍ୟକତା ରହିଛି ।

**ମନେରଖ**

- ଭାରତରେ ଜନସଂଖ୍ୟାର ସମସ୍ୟାର ଦୁଇଟି ପାର୍ଶ୍ୱ ଅଛି (i) ଏହାର ଆକାର (ii) ଏହାର ବୃଦ୍ଧି ହାର ।
- ଏହା ଦ୍ରୁତ ଆର୍ଥିକ ଅଭିବୃଦ୍ଧିରେ ଅବରୋଧକ । ଆର୍ଥିକ ଅଭିବୃଦ୍ଧିର ସୂଚକ ରାଷ୍ଟ୍ରୀୟ ଆୟରେ ବୃଦ୍ଧି । ମାତ୍ର ଜନସଂଖ୍ୟାରେ ଉଚ୍ଚ ବୃଦ୍ଧି ହାର ଯୋଗୁଁ ରାଷ୍ଟ୍ରୀୟ ଆୟ ତୁଳନାରେ ମୁଣ୍ଡପିଛା ଆୟରେ ବୃଦ୍ଧି ଅନେକ ଧିର ହାରରେ ହେଉଅଛି ।
- ଜନସଂଖ୍ୟାର ଆକାର ଓ ତହିଁରେ ଦ୍ରୁତଗତିରେ ବୃଦ୍ଧି ହେବା ଯୋଗୁଁ ବେକାରୀ, ଦରିଦ୍ରତା, ନିରକ୍ଷରତା, ଆଦି ବିଭିନ୍ନ ସମସ୍ୟା ମାନ ଅଧିକ ଗମ୍ଭୀର ରୂପ ଧାରଣ କରିଥାଏ ।

### ପାଠ୍ୟଗତ ପ୍ରଶ୍ନ ୨୯.୩

ନିମ୍ନ ଉକ୍ତିଗୁଡ଼ିକୁ ଠିକ୍ ବା ଭୁଲ କୁହ ।

(1) ଭାରତରେ ଜନସଂଖ୍ୟାର ଉଚ୍ଚ ହାରର ବୃଦ୍ଧି ଯୋଗୁଁ ରାଷ୍ଟ୍ରୀୟ ଆୟରେ ହେଉଥିବା ବୃଦ୍ଧି ତୁଳନାରେ ମୁଣ୍ଡପିଛା ଆୟରେ କମ୍ ବୃଦ୍ଧି ହୋଇଥାଏ ।

(2) ଜନସଂଖ୍ୟାର ତୀବ୍ର ବୃଦ୍ଧି ହାରକୁ ଜନ୍ମ ହାରରେ ଦ୍ରୁତ ହ୍ରାସ କରାଯାଇ ନିୟନ୍ତ୍ରଣ କରାଯାଇପାରିବ ।

(3) ଜନସଂଖ୍ୟାର ବଡ଼ ଆକାର ବେକାରୀ, ଦରିଦ୍ରତା ଓ ନିରକ୍ଷରତା ଇତ୍ୟାଦି ସମସ୍ୟାଗୁଡ଼ିକୁ ଅଧିକ ଗମ୍ଭୀର କରିଦିଏ ।

(4) ଜନସଂଖ୍ୟା ବୃଦ୍ଧି ମୌଳିକ ସଂରଚନା ଉପରେ କୌଣସି ବାଧା ସୃଷ୍ଟି କରେ ନାହିଁ ।

(5) ଭାରତରେ ଜନ୍ମହାର ଓ ମୃତ୍ୟୁ ହାର ଉଭୟ ଦ୍ରୁତ ବେଗରେ କମୁଅଛି ।

## 29.4 ଜନସଂଖ୍ୟାର ସମସ୍ୟା ପାଇଁ ଉପାୟ

ଭାରତର ସମସ୍ୟାଗୁଡିକ ମଧ୍ୟରେ ଜନସଂଖ୍ୟା ଏକ ପ୍ରମୁଖ ସମସ୍ୟା ଯାହାଦ୍ୱାରା ଲୋକଙ୍କ ସୁଖ ସମୃଦ୍ଧି/ ଉତ୍ତମ ଜୀବନ ତଥା ଆର୍ଥିକ ବିକାଶ ପାଇଁ ବାଧା ସୃଷ୍ଟି କରେ । ସମସ୍ୟାମାନଙ୍କର





ସମାଧାନ ପାଇଁ ତ୍ରିବିଧ ମାପଦଣ୍ଡର ଆବଶ୍ୟକତା ଅଛି ।

(1) ଆର୍ଥିକ ଉପାୟ

ଜନସଂଖ୍ୟା ବୃଦ୍ଧିକୁ କମ୍ କରିବାକୁ ଆର୍ଥିକ ମାନଦଣ୍ଡର ସିଧା ପ୍ରଭାବପଡେ। ଏହି ଉଦ୍ଦେଶ୍ୟ ପାଇଁ ଆମକୁ ନିଜର ଶିଳ୍ପକ୍ଷେତ୍ରକୁ ବିସ୍ତାର କରିବାକୁ ହେବ । ଏହା ମଧ୍ୟ ଦେଖାଯାଇଛି ଯେ କୃଷିକ୍ଷେତ୍ରରେ ରୋଜଗାର ସହିତ ସଂଲଗ୍ନ ଲୋକମାନଙ୍କ ଅପେକ୍ଷା ଶିଳ୍ପ କ୍ଷେତ୍ରରେ କାର୍ଯ୍ୟରତ ସଂଲଗ୍ନ ଲୋକମାନଙ୍କର ଛୋଟ ପରିବାର ହୋଇଥାଏ।

କୃଷକ ଏହା ଚିନ୍ତା କରେ ଯେ ପରିବାରେ ହେଉଥିବା ପ୍ରତ୍ୟେକ ସଦସ୍ୟ ବୃଦ୍ଧି ପ୍ରତ୍ୟକ୍ଷ ବା ଅପ୍ରତ୍ୟକ୍ଷ ରୂପେ ତାଙ୍କୁ ଲାଭ ପହୁଞ୍ଚାଏ । ଅନ୍ୟପକ୍ଷରେ ଶିଳ୍ପ ଶ୍ରମିକଙ୍କୁ ଏହା ଜଣାଅଛି ଯେ, ରୋଜଗାର ପାଇବାକୁ କେତେ କଷ୍ଟ କରିବାକୁ ପଡେ । ଏମାନେ ବୁଝନ୍ତି ଯେ ଜୀବନ ସ୍ତରକୁ ଉନ୍ନତ କରିବାକୁ ପରିବାରର ଆକାରକୁ ସୀମିତ ରଖିବାକୁ ହେବ ।

ଶିଳ୍ପଗତ ଆଧାରର ବିସ୍ତାର ଭିନ୍ନ ସଂଗଠିତ ଓ ଅଣ ସଂଗଠିତ ଉଭୟ କ୍ଷେତ୍ରରେ ରୋଜଗାରର ସୁଯୋଗ ବୃଦ୍ଧି କରିବାକୁ ହେବ। ସେହି ପରିବାର ଯେଉଁଠାରେ ପତି ଓ ପତ୍ନୀ ଉଭୟ ରୋଜଗାରକ୍ଷମ ଅଟନ୍ତି। ସେମାନେ ସର୍ବଦା ଭାବନ୍ତିଯେ ଅଧିକ ସନ୍ତାନକୁ ଲାଳନ ପାଳନ କରିବା ଅଧିକ କଠିନ । ଜନସଂଖ୍ୟାର ସମସ୍ୟାର ସମାଧାନ ପାଇଁ ଅନ୍ୟ ଉପାୟ ମଧ୍ୟରେ ଗରିବୀ ହଟାଇବା ଓ ଆୟର ସମାନ ବିତରଣ । ଗୋଟିଏ ଉପାୟ ଗରିବ ଲୋକ ନିଜ ପରିବାରର କଲ୍ୟାଣ ପାଇଁ ଅଧିକ ଚିନ୍ତା କରିନଥାନ୍ତି। ଏହି କାହାଣୀର ଅନ୍ୟ ଏକ ଖୁସି କଥା ଯେ ଗରିବ ଲୋକମାନେ ଆର୍ଥିକ ବିକାଶର ଫଳ ରସ ମଧ୍ୟ ଚାଖିନଥାନ୍ତି । ଏଥିପାଇଁ ସେମାନେ ସେହି ପୂର୍ବ ଅବସ୍ଥାରେ ରହିବାକୁ ପସନ୍ଦ କରିଥାନ୍ତି । ଅତଏବ ଏହା ଆବଶ୍ୟକ ଯେ ଆର୍ଥିକ ବିକାଶର ଲାଭ ଗରିବ ଲୋକଙ୍କ ପର୍ଯ୍ୟନ୍ତ ମଧ୍ୟ ପହଞ୍ଚାଇବା ଦରକାର।

(2) ସାମାଜିକ ଉପାୟ

ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ସାମାଜିକ ଉପାୟ ମଧ୍ୟରେ ଶିକ୍ଷାର ପ୍ରସାର/ ସାକ୍ଷରତା ଏକ ମହତ୍ତ୍ୱପୂର୍ଣ୍ଣ ଉପାୟ। ଶିକ୍ଷା ଓ ସନ୍ତାନୋତ୍ପାଦନ/ ଜନନ କ୍ଷମତା ମଧ୍ୟରେ ବିପରୀତଧର୍ମୀ ସମ୍ବନ୍ଧ ରହିଥାଏ। ଶିକ୍ଷା ବୃଦ୍ଧି ହେବା ସହିତ ମନୁଷ୍ୟର ମାନସିକ ଚିନ୍ତାଧାରା ଉନ୍ନତ ହୋଇଥାଏ ଫଳରେ ଜନନ କ୍ଷମତା କମ୍ ହୋଇଯାଏ । ଶିକ୍ଷା, ବିଶେଷ ଭାବରେ ନାରୀ ଶିକ୍ଷା ଜନସଂଖ୍ୟା ନିୟନ୍ତ୍ରଣର ଏକ ପ୍ରଭାବଶାଳୀ ଅସ୍ତ୍ର । ଏହାକୁ ସର୍ବୋତ୍ତମ ଗର୍ଭ ନିରୋଧକ କୁହାଯାଏ। ଭାରତ ତଥା ବିଶ୍ୱର ଅଧିକାଂଶ ଭାଗରେ ହୋଇଥିବା ଅନୁସନ୍ଧାନରୁ ଏହା ସ୍ପଷ୍ଟ ଯେ, ଶିକ୍ଷା ଜନନ ସମତା ଓ ମୃତ୍ୟୁହାର ଉଭୟକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ରୂପେ ପ୍ରଭାବିତ କରିଥାଏ। ଏହି ପରୋକ୍ଷ ପ୍ରଭାବକୁ ବିବାହରେ ବୟସ ବୃଦ୍ଧି, କୃଷି ବ୍ୟତୀତ ସ୍ତ୍ରୀ ଲୋକମାନଙ୍କୁ ଅନ୍ୟ



କ୍ଷେତ୍ରରେ ଉପାର୍ଜନ ଓ ପରିବାର ଆକାରରେ ପରିବର୍ତ୍ତିତ ବିଚାର ରୂପରେ ଦେଖାଯାଇପାରେ । ନାରୀମାନଙ୍କ ଦ୍ୱାରା କୌଣସି ଶିକ୍ଷା ସ୍ତର ପ୍ରାପ୍ତି ଓ ସେମାନଙ୍କର ଜନନ କ୍ଷମତା ମଧ୍ୟରେ ଏକ ସ୍ପଷ୍ଟ ସମ୍ବନ୍ଧ ରହିଛି । ଯଦିଓ ଆଇନ ତଥା ପ୍ରକୃତି ପୁରୁଷ ଓ ସ୍ତ୍ରୀଙ୍କୁ ସମାନ ଅଧିକାର ପ୍ରଦାନ କରିଛି ତଥାପି ବ୍ୟବହାରିକ ତଥା ପ୍ରାକୃତିକ ରୂପରେ ପୁରୁଷକୁ ଶ୍ରେଷ୍ଠତର ରୂପେ ଗଣାଯାଏ କାରଣ ସେମାନଙ୍କ ପାଖରେ ଆର୍ଥିକ ନିର୍ଣ୍ଣୟ ନେବା ଶକ୍ତି ରହିଥାଏ । କାରଣ ନିର୍ଣ୍ଣୟ ନେବା ଶକ୍ତି ପୁରୁଷ ପାଖରେ ଥାଏ ଅତଏବ ସେ ହିଁ ପରିବାର ଆକାର ବିଷୟରେ ମଧ ନିଷ୍ପତ୍ତି ନିଅନ୍ତି । ଯଦି ପରିବାରରେ ସ୍ତ୍ରୀଙ୍କର ପ୍ରତିଷ୍ଠା ବୃଦ୍ଧି କରାଯାଏ ତେବେ ଏହା ଏହି ଜନସଂଖ୍ୟାର ସମାଧାନରେ ସହାୟତା କରିପାରେ ।

ଜନସଂଖ୍ୟା ନିୟନ୍ତ୍ରଣର ଅନ୍ୟ ଏକ ଉପାୟ ବିବାହର ନ୍ୟୁନତମ ବୟସକୁ ବୃଦ୍ଧି କରାଇବା । ଆମ ଦେଶରେ କେତେକ କାରଣ ଯୋଗୁଁ ପ୍ରତ୍ୟେକ ବ୍ୟକ୍ତି ପାଇଁ ବିବାହ ଆବଶ୍ୟକ ମନେ କରାଯାଏ । ଯଦ୍ୟପି ଆଇନ ଅନୁସାରେ ଆମ ଦେଶରେ ବିବାହ ପାଇଁ ବୟସ ଝିଅମାନଙ୍କ ପାଇଁ ୧୮ବର୍ଷ ଓ ପୁଅମାନଙ୍କ ପାଇଁ ୨୧ ବର୍ଷ ପର୍ଯ୍ୟନ୍ତ କରାଯାଇଛି ତଥାପି କେତେକ ବିବାହ ଏହି ବୟସ ପୂର୍ବରୁ କରାଯାଉଛି ।

ରାଷ୍ଟ୍ରୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (N.F.H.S.-3) 2005-06ରେ ଏହା ମିଳିଥିଲା ଯେ ୪୬ ଶତକଡା ମହିଳା ଓ ୨୭ ଶତକଡା ପୁରୁଷ ନିର୍ଦ୍ଧାରିତ ବୟସ ପୂର୍ବରୁ ହିଁ ବିବାହ କରିଛନ୍ତି । ଅତଏବ ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା ଏବଂ ବିବାହର ବୈଧାନିକ ବୟସକୁ ପ୍ରଭାବଶାଳୀ ରୂପରେ କାର୍ଯ୍ୟକାରୀ କରିବା ବାଞ୍ଛନୀୟ ଅଟେ ।

### 3. ପରିବାର ନିୟୋଜନ କାର୍ଯ୍ୟକ୍ରମ

ପରିବାର ନିୟୋଜନକୁ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଏକ ପ୍ରଭାବଶାଳୀ ଆୟୁଧ ରୂପେ ଭଲ ମାନ୍ୟତା ମିଳିଛି । ଯେଉଁ ଦେଶଗୁଡିକ ନିଜର ବିଶାଳ ଜନସଂଖ୍ୟା ଆକାରକୁ ଶକ୍ତିଶାଳୀ ଉପାୟରେ ନିୟନ୍ତ୍ରଣ କରିଛନ୍ତି ସେମାନେ ଏଥିରୁ ଶିକ୍ଷା ପାଇଛନ୍ତି ଏବଂ ଏହାକୁ ଆଇନଗତ, କାର୍ଯ୍ୟକ୍ରମ ରୂପେ ଗଠିତ କରିଛନ୍ତି । ଚୀନ, ଯାହାକି ବିଶ୍ୱରେ ସବୁଠାରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଦେଶ, ୮୫ ଶତକଡ଼ା ବିବାହିତ ସ୍ତ୍ରୀ, ଯେଉଁମାନେ ଜନନ କ୍ଷମତା ସୀମା ମଧ୍ୟରେ ଅଛନ୍ତି । ସେମାନେ ଗର୍ଭ ନିରୋଧ ବ୍ୟବହାର କରିଥାନ୍ତି ଯାହାକି ଭାରତରେ ୪୧ ଶତକଡ଼ା ରହିଛି । ଭାରତରେ କେବଳ କେରଳ, ତାମିଲନାଡୁ ଓ ଗୋଆ ରାଜ୍ୟକୁ ଛାଡ଼ିଦେଲେ ଅନ୍ୟ ରାଜ୍ୟରେ ବିଶେଷ ରୂପେ ଉତ୍ତର ଭାରତୀୟ ରାଜ୍ୟଗୁଡିକରେ ପରିବାର ନିୟୋଜନ କାର୍ଯ୍ୟକ୍ରମ ଅତ୍ୟନ୍ତ ଲୋକପ୍ରିୟ ହୋଇନାହିଁ ।

ଉପରୋକ୍ତ ଉପାୟଗୁଡିକ ବ୍ୟତୀତ କେତେକ ସରକାରୀ ତଥା ବେସରକାରୀ ସଂଗଠନ ଛୋଟ ପରିବାର ଗ୍ରହଣ କରିବାକୁ ଲୋକମାନଙ୍କୁ ବୁଝାଇବା ଏବଂ ପ୍ରୋତ୍ସାହନ ଦେଉଛନ୍ତି ।





**ମନେରଖ**

- ସରକାରଙ୍କ ଦ୍ୱାରା ଜନସଂଖ୍ୟା ବୃଦ୍ଧି ନିୟନ୍ତ୍ରଣ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକୁ ବର୍ଗୀକୃତ କରାଯାଇପାରେ ଯଥା :-

(କ) ଆର୍ଥିକ (ଖ) ସାମାଜିକ (ଗ) ପରିବାର ନିୟୋଜନ କାର୍ଯ୍ୟକ୍ରମ

- ଲୋକମାନଙ୍କୁ ସଚେତନ କରାଇ ଓ ପ୍ରୋତ୍ସାହନ ଦେଇ ଛୋଟ ପରିବାର ପାଇଁ ପ୍ରେରଣା ଦେବା ।
- ସ୍ତ୍ରୀ ଓ ପୁରୁଷଙ୍କ ବିବାହଯୋଗ୍ୟ ବୟସ ବୃଦ୍ଧି କରିବା ।
- ନାରୀ ଶିକ୍ଷା ଓ ଉପାର୍ଜନ ଉପରେ ବିଶେଷ ଧ୍ୟାନ ଦିଆଯିବାକୁ ସଚେତନ କରିବା ।
- ବିଭିନ୍ନ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଂସ୍ଥା ଓ ଅନ୍ୟ ସଂଗଠନଗୁଡ଼ିକୁ ପରିବାର ନିୟୋଜନ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ।

## ପାଠ୍ୟଗତ ପ୍ରଶ୍ନ

ନିମ୍ନଲିଖିତ ଉକ୍ତି ମଧ୍ୟରୁ ଠିକ୍ ବା ଭୁଲ ବାଛ

(i) ପରିବାର ନିୟୋଜନର ବିଭିନ୍ନ କାର୍ଯ୍ୟକ୍ରମ ସମଗ୍ର ଦେଶରେ ସଫଳ ହୋଇଛି ।

(ii) ବିବାହ ସମୟ ପାଇଁ ସ୍ତ୍ରୀ ଓ ପୁରୁଷଙ୍କ ବୟସ ଆଇନ ଅନୁସାରେ ଯଥାକ୍ରମେ ୧୮ ଓ ୨୧ ବର୍ଷ ହେବା ଦରକାର ।

(iii) ଲୋକମାନଙ୍କୁ ବୁଝାଇ ଓ ପ୍ରୋତ୍ସାହନ ଦେଇ ଛୋଟ ପରିବାର ଗ୍ରହଣ କରିବାକୁ ପ୍ରେରଣା ଦିଆଯାଉଛି ।

(iv) ଜୀବନ ଧାରଣ ସ୍ତର ଉଚ୍ଚମାନର କରିବାକୁ ଲୋକଙ୍କୁ ବଡ଼ ପରିବାର ରଖିବା ଦରକାର ।

## ଆପଣ କ'ଣ ଶିକ୍ଷା

- ଜନସଂଖ୍ୟାର ଅର୍ଥ ଲୋକମାନଙ୍କର ମୋଟ ଗଣନା କରାଯାଉଥିବା ସଂଖ୍ୟା, ଏହା ଏକ ନିର୍ଦ୍ଦିଷ୍ଟ ସମୟରେ ତଥା ନିର୍ଦ୍ଦିଷ୍ଟ ସ୍ଥାନରେ ବାସ କରୁଥିବା ଲୋକଙ୍କୁ ଗଣନା ।
- ଲୋକମାନଙ୍କ ସଂଖ୍ୟାକୁ ବୈଜ୍ଞାନିକ ପଦ୍ଧତିରେ ଲୋକମାନଙ୍କ ସଂଖ୍ୟା ଗଣନାକୁ ଜନଗଣନା କୁହାଯାଏ ।



- ଜନସଂଖ୍ୟାରେ ଭାରତ ସ୍ଥାନ ଚୀନ ପରେ । ଭାରତର ଜନସଂଖ୍ୟା ବିଶ୍ୱ ଜନସଂଖ୍ୟାର ୧୬.୭ ଶତକଡ଼ା ଥିବାବେଳେ ଏହାର ଭୂଭାଗ କ୍ଷେତ୍ରଫଳ ବିଶ୍ୱ ଭୂଭାଗର ମାତ୍ର ୨.୪ ଶତକଡ଼ା
- ୧୯୮୧ ପରେ ଜନସଂଖ୍ୟାର ବାର୍ଷିକ ବୃଦ୍ଧି ହାରରେ କିଛିଟା ହ୍ରାସ ଆସିଛି ।
- ଭାରତର ଜନସଂଖ୍ୟା ବୃଦ୍ଧିର ପ୍ରମୁଖ କାରଣ ହେଉଛି ମୃତ୍ୟୁ ଦର ଦ୍ରୁତ ହ୍ରାସ ମାତ୍ର ଜନ୍ମହାରରେ କ୍ଷୀଣ ହାରରେ ହ୍ରାସ ।
- ଭାରତରେ ପ୍ରଥମ ସମ୍ପୂର୍ଣ୍ଣ ଜନଗଣନା ୧୮୮୧ରେ ଆୟୋଜିତ ହୋଇଥିଲା ଏବଂ ଶେଷ ଜନଗଣନା ୨୦୧୧ରେ ହୋଇଛି । ଆଗାମୀ ଜନଗଣନା ୨୦୨୧ରେ ହେବ ।

## ପାଠ୍ୟାନ୍ତର ପ୍ରଶ୍ନ

1) ବୟସ ଓ ଲିଙ୍ଗ ଆଧାର ଉପରେ ଭାରତର ଜନସଂଖ୍ୟା ସଂରଚନାର ପରିଣାମ କ'ଣ ଉଲ୍ଲେଖ କର ।

2) ଭାରତରେ ଜନସଂଖ୍ୟାର ତୀବ୍ର ବୃଦ୍ଧି ହାର ଯୋଗୁଁ ଉତ୍ପନ୍ନ ସମସ୍ୟାଗୁଡ଼ିକୁ ବର୍ଣ୍ଣନା କର ।

3) ଭାରତର ଜନସଂଖ୍ୟାର ଦ୍ରୁତ ବୃଦ୍ଧିହାର ଯୋଗୁଁ ଉତ୍ପନ୍ନ ସମସ୍ୟାର ସମାଧାନର ଉପାୟମାନ ଲେଖ ।

4) ଭାରତରେ ବର୍ଷ ୧୯୫୧ ଠାରୁ ଜନ୍ମ ହାରର ପ୍ରବୃତ୍ତି ବର୍ଣ୍ଣନା କର ।

5) ଉଚ୍ଚ ଜନ୍ମ ହାର ହିଁ ଜନସଂଖ୍ୟାର ଉଚ୍ଚ ବୃଦ୍ଧିହାରର ମୂଳ କାରଣ; ଏଥିରେ ସହମତି କି ? ନିଜ ଉତ୍ତର ସପକ୍ଷରେ କାରଣ ଉପସ୍ଥାପନ କର ।

6) ଭାରତରେ ସ୍ୱାକ୍ଷରତା ହାର କେତେ ଅଛି ? ସାକ୍ଷରତାର ମୋଟ ସଂଖ୍ୟାରେ କି ପରିବର୍ତ୍ତନ ହୋଇଛି ?

7) "ନିର୍ଭରତା ଅନୁପାତ"ରୁ ଆପଣ କ'ଣ ବୁଝୁଛନ୍ତି ?

8) ଭାରତରେ ତୀବ୍ର ଜନସଂଖ୍ୟା ବୃଦ୍ଧି ନିୟନ୍ତ୍ରଣର ଆବଶ୍ୟକ କାରଣ ଲେଖ ।

9) କୌଣସି କ୍ଷେତ୍ରକୁ ସହରାଞ୍ଚଳ କହିବାର ଆଧାର କ'ଣ ?





## ପାଠ୍ୟଗତ ପ୍ରଶ୍ନ ଉତ୍ତର

**29.1**

(1) (i) ଭୁଲ (ii) ଠିକ୍ (iii) ଠିକ୍

(2) (i) 102.87 (ii) 26.1 (iii) ଦଶବର୍ଷ (iv) 2021

**29.2**

(1) (i) 933 (ii) ଉଚ୍ଚ (iii) 72 (iv) ବୃଦ୍ଧି (v) 7 ବର୍ଷ (vi) ଅଧିକ (vii) କମୁଛି

(2) (i) ଠିକ୍ (ii) ଭୁଲ (iii) ଠିକ୍ (iv) ଠିକ୍ (v)ଠିକ୍ (vi)ଭୁଲ (vii) ଠିକ୍

**29.3**

(i) ଠିକ୍ (ii) ଠିକ୍ (iii) ଠିକ୍ (iv) ଭୁଲ

**29.4**

(i) ଭୁଲ୍ (ii) ଠିକ୍ (iii) ଠିକ୍ (iv) ଭୁଲ

### ପାଠ୍ୟାନ୍ତର ପ୍ରଶ୍ନଗୁଡିକ ପାଇଁ ସୂଚନା

1) ଭାଗ 29.2 (i) ଓ (ii) ପଢନ୍ତୁ

ପ୍ରଶ୍ନ ୨ ପାଇଁ ଭାଗ ୨୯.୩ ପଢନ୍ତୁ,

ପ୍ରଶ୍ନ-୩ ପାଇଁ ଭାଗ ୨୯.୪ ପଢନ୍ତୁ ।

ପ୍ରଶ୍ନ ୪ ପାଇଁ ଭାଗ-୨୯.୧(ଖ) ଓ ତାଲିକା ୨୯.୩ ପଢନ୍ତୁ ।

ପ୍ରଶ୍ନ ୫ ପାଇଁ ଭାଗ-୨୯.୩ ପଢ

ପ୍ରଶ୍ନ-୬ ପାଇଁ ଭାଗ 29.2(v) ପଢନ୍ତୁ ।

ପ୍ରଶ୍ନ ୭ ପାଇଁ ଭାଗ 29.2 (ii) ପଢନ୍ତୁ ।

ପ୍ରଶ୍ନ-୮ ପାଇଁ ଭାଗ 29.3 ପଢନ୍ତୁ ।

ପ୍ରଶ୍ନ ୯ ପାଇଁ ଭାଗ 29.2 (iii) ପଢନ୍ତୁ ।